୬ ସଚିନଙ୍କୁ ମିଳିବ ବିସିସିଆଇର ସର୍ବୋଚ୍ଚ ପୁରସ୍କାର




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୨ • ସଂଖ୍ୟା–୬ • ୧ ଫେବୃଆରୀ ୨୦୨୫, ଶନିବାର • ଭୁବନେଶ୍ୱର • Vol -32 • Issue-6 • 1st February 2025, Saturday • Bhubaneswar

Licensed to post without pre-payment of postage No- BN-60/25-27


# ଭାରତର ବିକାଶ ଯାତ୍ରାର ଅମୃତକାଳରେ ସରକାର ତିନି ଗୁଣା ଦ୍ରୁତଗତିରେ କାମ କରୁଛନ୍ତି

**ନୂଆଦିଲ୍ଲୀ, ୩୧।୧**

ସଂସଦର ମିଳିତ ଅଧିବେଶନ ଉଦ୍‌ଘାଟନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, ମୋର ସରକାର ଭାରତର ବିକାଶ ଯାତ୍ରାର ଏହି ଅମୃତକାଳକୁ ଅଭୁତପୂର୍ବ ଉପଲବ୍ଧି ମାଧ୍ୟମରେ ନୂଆ ଉର୍ଜା ପ୍ରଦାନ କରୁଛନ୍ତି । ତୃତୀୟ କାର୍ଯ୍ୟକାଳରେ ତିନିଗୁଣା ଦ୍ରୁତ ଗତିରେ କାମ ହେଉଛି । ଆଜି ଦେଶ ବଡ ନିଷ୍ପତ୍ତି ଓ ନୀତିକୁ ଅସାଧାରଣ ଗତିରେ ଲାଗୁ ହେବା ଦେଖୁଛି । ରାଷ୍ଟ୍ରପତି ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବା ଅବସରରେ ସରକାରଙ୍କ କାର୍ଯ୍ୟଧାରା ଉପରେ ଖୁସି ବ୍ୟକ୍ତ କରିଛନ୍ତି ।



ସେ କହିଛନ୍ତି ଯେ, ଏବେ ଦୁଇମାସ ପୂର୍ବରୁ ଆମେ ଆମର ସମ୍ବିଧାନକୁ ଆପଣାଇବାର ୭୫ବର୍ଷ ପୂରଣ ହେବାର ଉତ୍ସବ ମନାଇଥିଲୁ ଏବଂ କିଛି ଦିନ ପୂର୍ବରୁ ହିଁ ଭାରତ ଗଣରାଜ୍ୟ ୭୫ ବର୍ଷର ଯାତ୍ରା ପୂରଣ କରିଛି । ସେ ସମସ୍ତଙ୍କ ପକ୍ଷରୁ ବାବା ସାହେବ ଆମ୍ବେଦକର ଓ ସମ୍ବିଧାନ ନିର୍ମାଣରେ ସାମିଲ ସମସ୍ତ ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଦେଶରେ ହେଉଥିବା ବିକାଶ କାର୍ଯ୍ୟର ବି ଉଲ୍ଲେଖ କରିଛନ୍ତି । ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଆଜି ବନ୍ଦେ ଭାରତ, ଅମୃତ ଭାରତ ଓ ନମୋ ଭାରତ ପରି ଅନେକ ଟ୍ରେନ ଚାଲୁଛି । ଗତ ୬ମାସରେ ୧୭ ନୂଆ ବନ୍ଦେ ଭାରତ ଟ୍ରେନ ଓ ଗୋଟିଏ ନମୋ ଟ୍ରେନ ଆରମ୍ଭ ହୋଇଛି । ଗୋଟିଏ ଦେଶ ଗୋଟିଏ ନିର୍ବାଚନ ଓ ୱାକଫ ବିଧେୟକ ଦିଗରେ ସରକାର ଦ୍ରୁତ ଗତିରେ କାମ କରୁଛନ୍ତି । ଗତ ଏକ ଦଶନ୍ଧିରେ ମୋର ସରକାର ବିକଶିତ ଭାରତର ଯାତ୍ରାକୁ ନୂଆ ଉର୍ଜା ପ୍ରଦାନ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, ପ୍ରୟାଗରାଜରେ ମହାକୁମ୍ଭର ଐତିହାସିକ ପର୍ବ ଚାଲିଛି । ମହାକୁମ୍ଭ ଭାରତର ସାଂସ୍କୃତିକ ପରାମ୍ପରା ଓ ସାମାଜିକ *(ପୃଷ୍ଠା ୭ରେ)*

# ଅର୍ଥନୈତିକ ସର୍ଭେ : ଦେଶ ଉପରେ ୭୧୧ ବିଲିୟନ ଡଲାରର ବୈଦେଶିକ ଋଣ

**ନୂଆଦିଲ୍ଲୀ, ୩୧।୧**

ଶୁକ୍ରବାର ଲୋକସଭାରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେରେ କୁହାଯାଇଛି ଯେ ପ୍ରତିକୂଳ ବୈଶ୍ୱିକ ପରିସ୍ଥିତି ସ□ତ୍ତ୍ୱ ଭାରତର ରପ୍ତାନି କ୍ଷେତ୍ରର ପ୍ରଦର୍ଶନ ସନ୍ତୋଷଜନକ ରହିଛି ।



ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଏହା ୬୪୦.୩ ବିଲିୟନ ଆମେରିକୀୟ ଡଲାର ଥିଲା । ସେହିପରି ସେପ୍ଟେମ୍ବର ୨୦୨୪ ସୁଦ୍ଧା ଥିବା ଭାରତର ୭୧୧.୮ ବିଲିୟନ ଆମେରିକୀୟ ଡଲାରର ବୈଦେଶିକ ଋଣ ରହିଥିଲା । ସର୍ବେକ୍ଷଣରେ ଦର୍ଶାଯାଇଛି ଯେ ମୋଟ ଘରୋଇ ଉତ୍ପାଦ ତୁଳନାରେ ବିଦେଶୀ ଋଣର ଅନୁପାତ ଜୁନ ୨୦୨୪ରେ ୧୮.୮ ପ୍ରତିଶତଥିବା ବେଳେ ସେପ୍ଟେମ୍ବର ୨୦୨୪ରେ ୧୯.୪ ପ୍ରତିଶତକୁ ବୃଦ୍ଧି ପାଇଥିବା ବେଳେ ବୈଦେଶିକ ମୁଦ୍ରା ଭଣ୍ଡାର ଅନୁପାତ ଜୁନ ୨୦୨୪ରେ ୨୦.୩ ପ୍ରତିଶତରୁ ୨୦୨୪ ସେପ୍ଟେମ୍ବରରେ ୧୮.୯ ପ୍ରତିଶତକୁ ହ୍ରାସ ପାଇଛି ।

ଅର୍ଥନୈତିକ ସର୍ବେକ୍ଷଣରେ କୁହାଯାଇଛି ଯେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଦେଶର ମୋଟ ରପ୍ତାନି (ସାମଗ୍ରୀ ଓ ସେବା)ରେ ୬ ପ୍ରତିଶତ ଅଭିବୃଦ୍ଧି ଘଟିଛି । ପେଟ୍ରୋଲିୟମ, ରତ୍ନ ଓ ଅଳଙ୍କାରକୁ ବାଦ ଦେଲେ ସେବା ଓ ରପ୍ତାନି ସାମଗ୍ରୀରେ ୧୦.୪ ପ୍ରତିଶତ ବୃଦ୍ଧି ଘଟିଛି। ଏହା ସୂଚାଉଛି ଯେ ଭାରତର ରପ୍ତାନି, କୃଷି ଏବଂ ରପ୍ତାନି ସାମଗ୍ରୀ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ଥିଲା।

ଲୋହିତ ସାଗର ଘଟଣା, ୟୁକ୍ରେନ ଯୁଦ୍ଧ ଏବଂ ପାନାମା କେନାଲରେ ସାମ୍ପ୍ରତିକ ମରୁଡ଼ି ଯୋଗୁଁ ବିଶ୍ୱ ବାଣିଜ୍ୟରେ ବାଧା ସୃଷ୍ଟି ହେବା ସହିତ ଅନେକ ଦେଶ ସଂରକ୍ଷଣବାଦୀ ମାନସିକତାକୁ ପ୍ରୋତ୍ସାହନ *(ପୃଷ୍ଠା ୭ରେ)*

## ସତ୍ୟବ୍ରତ ରାଉତ ହେଲେ ବିଧାନସଭାର ନୂଆ ସଚିବ



**ଭୁବନେଶ୍ୱର, ୩୧।୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବିଧାନସଭାର ସଚିବ ଭାବେ ଆଇଏଏସ ଅଧିକାରୀ ସତ୍ୟବ୍ରତ ରାଉତଙ୍କୁ ନିଯୁକ୍ତି ମିଳିଛି । ସେ ବିଧାନସଭା ସଚିବ ତଥା ଓଏସଡି ଭାବେ କାର୍ଯ୍ୟ ତୁଲାଉଥିବା ଦାଶରଥୀ ଶତପଥୀଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି।

ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୨୦୧୩ ବ୍ୟାଚ ଆଇଏଏସ ସତ୍ୟବ୍ରତ ରାଉତଙ୍କୁ ଓଡ଼ିଶା ବିଧାନସଭାର ସଚିବ ଭାବେ ବଦଳି କରାଯାଇଛି । ଶ୍ରୀ ରାଉତ ଏବେ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି।

ଶ୍ରୀ ରାଉତଙ୍କର ଦୀର୍ଘବର୍ଷର ପ୍ରଶାସନିକ ଅଭିଜ୍ଞତା ରହିଛି । ଶ୍ରୀ ରାଉତ ବିଜେଡି-ବିଜେପି ସରକାରରେ ପୂର୍ବତନ ଆଇନମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଓଏସଡି ଓ ବ୍ୟକ୍ତିଗତ ସଚିବ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ସେ ଅର୍ଥ ବିଭାଗରେ ଦୀର୍ଘବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ । ସେ ଗତବର୍ଷ ଆଇଏଏସ ପାହ୍ୟାକୁ ପଦୋନ୍ନତି ପାଇଥିଲେ । ଶ୍ରୀ ରାଉତ ବିଶିଷ୍ଟ ଶିକ୍ଷାବିତ ତଥା ରାଜନୀତି ବିଜ୍ଞାନର ପ୍ରଫେସର ସ୍ୱର୍ଗତ ବିସି ରାଉତଙ୍କ ବଡ଼ପୁଅ।

# ଆମକୁ ମହିଳା ଶକ୍ତିର ଗୌରବ ପ୍ରତିଷ୍ଠା କରିବାକୁ ପଡିବ : ମୋଦି

**ନୂଆଦିଲ୍ଲୀ, ୩୧।୧**

ଶନିବାର ସଂସଦରେ ବଜେଟ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଏହାପୂର୍ବରୁ ଶୁକ୍ରବାର ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦେବୀ ଲକ୍ଷ୍ମୀଙ୍କୁ ପ୍ରଣାମ କରି ଅଭିବାଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି ଶନିବାର ଉପସ୍ଥାପିତ ହେବାକୁ ଥିବା ବଜେଟ ଦେଶରେ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିବ।



ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଏଥର ବଜେଟ କାହାକୁ ଅଧିକ ସୁହାଇବ ତାହାକୁ ନେଇ ଆରମ୍ଭ ହୋଇଛି କଳ୍ପନାଜଳ୍ପନା। ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି, ଦେଶର ପ୍ରତ୍ୟେକ ମହିଳା ସମ୍ମାନ ଏବଂ ସମାନ ଅଧିକାର ପାଇବା ଜରୁରୀ । ଆମକୁ ମହିଳା ଶକ୍ତିର ଗୌରବ ପ୍ରତିଷ୍ଠା କରିବାକୁ ପଡିବ ଏବଂ ଏହି ବଜେଟ ଅଧିବେଶନରେ ମହିଳା ଶକ୍ତି ବୃଦ୍ଧି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ବିକାଶର ଦ୍ରୁତ ଗତି ହାସଲ କରିବାକୁ ହେଲେ ଅନେକ ସଂସ୍କାରର ଆବଶ୍ୟକତା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଜନ ଭାଗିଦାରୀ ହେଲେ ଦେଶ ଏକ ବଡ଼ ପରିବର୍ତ୍ତନ ଦିଗରେ ଗତିଶୀଳ ହୋଇପାରିବ । ଆଜିର ୨୦ରୁ୨୫ ବର୍ଷ ବୟସର ଯୁବକମାନେ ଯେତେବେଳେ ୪୫/୫୦ ବର୍ଷରେ ପାଦ ଥାପିବେ ସେତେବେଳେ ସେମାନେ ବିକଶିତ ଭାରତର ସବୁଠାରୁ ବଡ଼ *(ପୃଷ୍ଠା ୭ରେ)*

## ଭୁବନେଶ୍ୱରର ଟ୍ରାଫିକ୍ ଭିଡ ହ୍ରାସ ପାଇଁ ପ୍ରାୟ ୭,୦୦୦ କୋଟି ଟଙ୍କାର ଯୋଜନା

# ନୂତନ ଯୋଜନାର ଡିପିଆର ଶୀଘ୍ର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୧।୧**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ପୂର୍ତ୍ତ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ରାଜ୍ୟ ସରକାରଙ୍କ ପକ୍ଷରୁ ପରିକଳ୍ପିତ ବିଭିନ୍ନ ନୂତନ ପ୍ରକଳ୍ପ ଗୁଡିକ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ବଜେଟ ପରିମାଣର ୭୨ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଶତ ପ୍ରତିଶତ ଖର୍ଚ୍ଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।



ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହିତ ଟ୍ରାଫିକ୍ ଭିଡ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନାରୁ ଜଣାଯାଇଛି ଯେ, ଏଥିପାଇଁ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେସନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତିକରଣ, ଏବଂ କଳ୍ପନା ଛକ, ମ୍ୟୁଜିୟମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏ ଓଭର୍ ସହିତ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି । ସେହିପରି ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାଥମେଟିକସ୍‌ରୁ ପଥର ଗାଡିଆ- ଉତ୍କଳ ହସ୍ପିଟାଲ- ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ *(ପୃଷ୍ଠା ୭ରେ)*

# ରାଷ୍ଟ୍ରପତିଙ୍କୁ ପୁଅର୍ ଲେଡି କହି କଟାକ୍ଷ କଲେ ସୋନିଆ: କଡା ନିନ୍ଦା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୩୧।୧**

ସଂସଦରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ସୋନିଆ ଗାନ୍ଧୀ ପାର୍ଲାମେଣ୍ଟ ବାହାରେ କହିଛନ୍ତି, ବିଚରା ଭାଷଣ ପଢ଼ି ପଢ଼ି କ୍ଳାନ୍ତ ହୋଇଯାଇଥିଲେ। ସେପଟେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରାଷ୍ଟ୍ରପତି ମୁର୍ମୁଙ୍କ ଭାଷଣକୁ ବିରକ୍ତିକର ବୋଲି କହିଛନ୍ତି । ଏହାକୁ ନେଇ ଏବେ ରାଜନୀତି ଉଷ୍ମ ହୋଇଛି। ଭାଜପା କହିଛି ଯେ, ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି। ଏଥିପାଇଁ କ୍ଷମା ମାଗିବା ଉଚିତ। ଅନ୍ୟପକ୍ଷରେ ସୋନିଆ ଗାନ୍ଧୀଙ୍କ ଟିପ୍ପଣୀ ଆଦୌ ଗ୍ରହଣୀୟ ନୁହେଁ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି।

ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବୟାନ ଉପରେ ପ୍ରତିକ୍ରିୟା ରଖିଛନ୍ତି ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଏସପି ସିଂହ ବାଘେଲ। ସେ କହିଛନ୍ତି ସୋନିଆ ଗାନ୍ଧୀଙ୍କ ବକ୍ତବ୍ୟ ସର୍ବୋଚ୍ଚ ପଦବୀରେ ବସିଥିବା ଜଣେ ଆଦିବାସୀ ମହିଳାଙ୍କ ପ୍ରତି ଅପମାନ।

## ସୋନିଆ ଗାନ୍ଧୀଙ୍କ ଆଚରଣ ଗଣତନ୍ତ୍ର ପ୍ରତି ଅପମାନ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୧।୧**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ ଓ ତାଙ୍କର ପୁଅ ତଥା ସାଂସଦ ରାହୁଲ ଗାନ୍ଧୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଦେଇଥିବା ମନ୍ତବ୍ୟକୁ କଡା ଭାଷାରେ ନିନ୍ଦା କରିଛନ୍ତି। ଏହା ସେମାନଙ୍କର *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ବଜେଟ୍ ୨୦୨୫: ମଧ୍ୟବିତ୍ତଙ୍କ ହାତ ଖୋଲିଦେବେ ସରକାର ! ଏଥର ଆୟକର ହେବ ଛାଡ

**ନୂଆଦିଲ୍ଲୀ, ୩୧।୧**

ଆଉ ମାତ୍ର କିଛି ଘଣ୍ଟାର ଅପେକ୍ଷା ଯାହା ପାଇଁ ସାରା ଦେଶ ଅପେକ୍ଷା କରିଛି। ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଗାତର ଅଷ୍ଟମ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ। ଦେଶବାସୀଙ୍କ ମନରେ ଅନେକ ପ୍ରଶ୍ନ ଅଛି ଯେପରିକି ବଜେଟରେ କେଉଁ କ୍ଷେତ୍ର ଉପରେ ଧ୍ୟାନ ଦିଆଯିବ, ସରକାର ସାଧାରଣ ଲୋକଙ୍କ ପାଇଁ ଟିକସ ଛାଡ଼ ଘୋଷଣା କରିବେ କି ନାହିଁ, କରଦାତାଙ୍କ ପାଇଁ ଟିକସ ବ୍ୟବସ୍ଥାକୁ ସହଜ କରାଯିବ କି ? ସମସ୍ତ ପ୍ରଶ୍ନର ଉତ୍ତର ଶନିବାର ମିଳିବାର ସମ୍ଭାବନା ରହିଛି।




ଦେଶର ଲୋକମାନେ ସରକାରଙ୍କଠାରୁ କ'ଣ ଆଶା କରନ୍ତି ଏବଂ ସରକାରଙ୍କ ପାଖରେ କ'ଣ ବିକଳ୍ପ ଅଛି ୨୦୨୦ରେ, ଟିକସ ବ୍ୟବସ୍ଥାକୁ ସରଳ କରିବା ପାଇଁ ନୂତନ ଟିକସ ବ୍ୟବସ୍ଥାର ମୂଳଦୁଆ ସ୍ଥାପିତ ହୋଇଥିଲା। ଏଥିରେ ରିହାତି ଟିକସ ହାର ଏବଂ କିଛି ରିହାତିକୁ ଉଚ୍ଛେଦ କରାଯାଇଥିଲା। ସରକାର ନୂଆ ଟିକସ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛନ୍ତି। ଗତ କିଛି ବଜେଟରେ, ବ୍ୟକ୍ତିଗତ ଟିକସରେ ପରିବର୍ତ୍ତନ କେବଳ ସେହି ବ୍ୟକ୍ତିବିଶେଷଙ୍କ ପାଇଁ କରାଯାଇଥିଲା, ଯେଉଁମାନେ ନୂତନ ଟିକସ ବ୍ୟବସ୍ଥାକୁ ବାଛିଥିଲେ । ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିବା ସମୟରେ, ୭୨ ପ୍ରତିଶତ କରଦାତା ନୂତନ ଟିକସ ବ୍ୟବସ୍ଥାକୁ ବାଛିଥିଲେ। ନୂତନ ଟିକସ ବ୍ୟବସ୍ଥାରେ କିଛି ପରିବର୍ତ୍ତନ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା, ଯାହା ଆଗାମୀ ୨୦୨୫ ବଜେଟରେ ଆଲୋଚନା କରାଯାଇପାରେ।

ଆଶା କରାଯାଉଛି ଯେ ୨୦୨୫-୨୬ ବଜେଟରେ, ସରକାର ମୌଳିକ ଛାଡ ସୀମା ୩୦୦୦,୦୦୦ *(ପୃଷ୍ଠା ୭ରେ)*

## ବଜେଟ୍ ୨୦୨୫ ପୂର୍ବରୁ ବଡ଼ ଘୋଷଣା ! କମିବ ପେଟ୍ରୋଲ ଦର

**ନୂଆଦିଲ୍ଲୀ, ୩୧।୧**

୨୦୨୫ ବଜେଟ ପୂର୍ବରୁ ବଡ଼ ଘୋଷଣା। କମିପାରେ ପେଟ୍ରୋଲ-ଡିଜେଲ ଦର। ଏଥିପାଇଁ, ଉତ୍ପାଦ ଶୁଳ୍କ ହ୍ରାସ କରାଯାଇପାରେ। ବର୍ତ୍ତମାନ ପେଟ୍ରୋଲ ଉପରେ ୧୯.୯୦ ଟଙ୍କା ଏବଂ ଡିଜେଲ ଉପରେ ୧୫.୮୦ ଟଙ୍କା ଶୁଳ୍କ ଲାଗୁ ହେଉଛି। ଏହା ବ୍ୟତୀତ, ଇଲେକ୍ଟ୍ରୋନିକ୍ସ ଉପରେ ଆମଦାନୀ ଶୁଳ୍କ ହ୍ରାସ ଯୋଗୁଁ ମୋବାଇଲ ଭଳି ଜିନିଷ ଶସ୍ତା ହୋଇପାରେ।

ଅର୍ଥନୈତିକ ବିଶେଷଜ୍ଞନୁସାରେ, ସରକାର ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ କରମୁକ୍ତ କରିପାରନ୍ତି । ଏଥିସହ, ୧୫ରୁ ୨୦ଲକ୍ଷ ଟଙ୍କା ଆୟ ଉପରେ ୨୫% ଟିକସର ଏକ ନୂଆ ବର୍ଗ ପ୍ରଚଳନ କରିପାରନ୍ତି। ବର୍ତ୍ତମାନର ଟିକସ ଗଠନରେ ଛଅଟି ବର୍ଗ ଅଛି।

ସେହିପରି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ, ବାର୍ଷିକ ୬ହଜାର ଟଙ୍କାକୁ ୧୨ହଜାର ଟଙ୍କାକୁ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ବିଦ୍ୟାର୍ଥୀଙ୍କୁ ନଦେଲେ ଚଳିବ ମା'
ସୋନିଆଙ୍କୁ ଦିଅ ବୁଦ୍ଧି
ରାଷ୍ଟ୍ରପତିଙ୍କୁ କହି ବାରକଥା
ହେଇଯାଇଛନ୍ତି ଛନ୍ଦି
ରହିଗଲେ ହେବ ନାହିଁ ନିନ୍ଦି
ଯେତିକିର ଲୋକ ସେତିକି ରଖିଲେ
ମରିବ ଫିକର ଫନ୍ଦି ।

# ବଜେଟ୍ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ୧୦ ବଡ଼ କଥା




**ନୂଆଦିଲ୍ଲୀ, ୩୧।୧**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସହିତ ୧୮ତମ ଲୋକସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଛି। ବଜେଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି ଏବଂ ଦେବୀ ଲକ୍ଷ୍ମୀଙ୍କୁ ପ୍ରଣାମ କରିଛନ୍ତି । ଏଥିସହ ସେ ସରକାରଙ୍କ ତୃତୀୟ କାର୍ଯ୍ୟକାଳ ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେବୀ ଲକ୍ଷ୍ମୀଙ୍କୁ ପୂଜା କରି ତାଙ୍କ ଭାଷଣ ଆରମ୍ଭ କରି କହିଛନ୍ତି, ଆଜି ବଜେଟ ଅଧିବେଶନର ଆରମ୍ଭରେ, ମୁଁ ସମୃଦ୍ଧିର ଦେବୀ ଲକ୍ଷ୍ମୀଙ୍କୁ ପ୍ରଣାମ କରୁଛି । ଶତାବ୍ଦୀ ଧରି, ଆମେ ଏପରି ଅବସରରେ ଦେବୀ ଲକ୍ଷ୍ମୀଙ୍କୁ ସ୍ମରଣ କରିଆସୁଛନ୍ତି । ମୁଁ ମହାଲକ୍ଷ୍ମୀଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ଦେଶର ପ୍ରତ୍ୟେକ ଗରିବ ଏବଂ ମଧ୍ୟବିତ୍ତ ବର୍ଗଙ୍କ ଉପରେ ଲକ୍ଷ୍ମୀଙ୍କ ବିଶେଷ ଆଶୀର୍ବାଦ ଥାଉ।

ପ୍ରଧାନମନ୍ତ୍ରୀ ମୋଦି ଏହାକୁ ୨୦୪୭ ସଂକଳ୍ପର ଦୃଷ୍ଟିକୋଣ ବୋଲି କହିଛନ୍ତି । ସେ କହିଛନ୍ତି, ଆମର ଗଣତନ୍ତ୍ର ୭୫ ବର୍ଷ ପୂରଣ କରିଛି । ଏହା ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ ବହୁତ ଗର୍ବର ବିଷୟ । ଏହି ଦେଶର ଲୋକମାନେ ମୋତେ *(ପୃଷ୍ଠା ୭ରେ)*

# ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସଫଳତାର ସହିତ ଆୟୋଜନ ହୋଇଛି

**ନୂଆଦିଲ୍ଲୀ/ଭୁବନେଶ୍ୱର, ୩୧।୧**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବୈଦେଶିକ ବ୍ୟାପର ମନ୍ତ୍ରୀ ସୁବ୍ରମଣ୍ୟମ ଜୟଶଙ୍କର ପ୍ରଶଂସା କରିଛନ୍ତି । ଗତ ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ ୧୮ତମ ପ୍ରବାସୀ ଭାରତୀୟ ଦିବସ ସଫଳତାର ସହିତ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ବୈଦେଶିକମନ୍ତ୍ରୀ ଏହି ପ୍ରଶଂସା କରିଛନ୍ତି ।



କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୟଶଙ୍କର କହିଛନ୍ତି, ପ୍ରବାସୀ ଭାରତୀୟମାନେ ପଜିଟିଭ ଫିଡବ୍ୟାକ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଆତିଥେୟତାକୁ ନେଇ ପଜିଟିଭ ଫିଡବ୍ୟାକ ଆସିଛି । ଭବିଷ୍ୟତରେ ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଗୁରୁତ୍ୱ ଦିଆଯିବ।

ସୂଚନାଯୋଗ୍ୟ, ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ *(ପୃଷ୍ଠା ୭ରେ)*

# ପାଠାଗାର ଓ ସୂଚନା କେନ୍ଦ୍ର ଅଚଳ : ସାମ୍ବାଦିକ ସଂଘର ଆନ୍ଦୋଳନ ଧମକ

**କୁଚିଣ୍ଡା, ନ୍ୟୁଜ୍‌ବ୍ୟୁରୋ**

କୁଚିଣ୍ଡା ଉପଖଣ୍ଡ ଏକ ଆଦିବାସୀ ବହୁଳ ଓ ପଛୁଆ ଅଞ୍ଚଳ ଭାବେ ପରିଚିତ। ଏହି ଅଞ୍ଚଳରେ ଦୀର୍ଘ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏକ ପାଠାଗାର ଓ ସୂଚନା କେନ୍ଦ୍ର ରହୁଥିଲା। ଏଥିସହିତ ସରକାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସୁନ୍ଦର କାର୍ଯ୍ୟାଳୟ ଓ ପାଠାଗାର ରହିଥିଲା। ଏହି ଅନୁଷ୍ଠାନ ଅତୀତରେ ବହୁ ଗରିବ ଛାତ୍ରଛାତ୍ରୀ, ଅଭିଭାବକ ସମେତ ସଚେତନ ଓ ଆଗ୍ରହୀ ଅଞ୍ଚଳବାସୀଙ୍କ ପଥପ୍ରଦର୍ଶକ ପାଲଟିଥିଲା। ମାତ୍ର ଅତି ଦୁଃଖର ବିଷୟ ଯେ ଉକ୍ତ ସୂଚନା ଓ ଲୋକ ସମ୍ପର୍କ ବିଭାଗଟି ଗତ ପ୍ରାୟ ତିନି ବର୍ଷ ଧରି ଅଚଳ ହୋଇ ପଡ଼ିଛି। ପ୍ରାୟ ୨୫ବର୍ଷ ଧରି ପାଠାଗାରକୁ ମଧ୍ୟ ଉନ୍ନତି କରିବା ପରିବର୍ତ୍ତେ ପ୍ରଶାସନ ଏହାକୁ ଅଚଳ କରିଥିବାରୁ କୁଚିଣ୍ଡା ସାମ୍ବାଦିକ ସଙ୍ଘ ଦୃଢ଼ ନିନ୍ଦା କରିଛି। ସଂପ୍ରତି ପ୍ରଶାସନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସରକାରୀ କାର୍ଯ୍ୟକ୍ରମ ସୂଚନା ପ୍ରଦାନରେ କ୍ରମାଗତ ଭାବେ



ହେଳା ଓ ଉପେକ୍ଷା କରି ଆସୁଥିବା ଅନୁଭବ କରୁଥିବା ବେଳେ ଏହାର ଉଦାହରଣ ନିଆଯାଇପାରେ। ଗତ ୪-୧-୨୦୨୫ ମସିହାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ୱତନ୍ତ୍ର ସଂଗଠକୁ ଦିଆଯାଇଥିବା ପତ୍ର ସଂଖ୍ୟା-୮୭ରେ ସଭା ସ୍ଥାନକୁ ଆଇ.ଟି.ଡି.ଏ ସମ୍ମିଳନୀ କକ୍ଷ ବୋଲି ସୂଚିତ ହୋଇଥିଲା। ଅନୁରୂପ ଭାବେ ଅନ୍ୟ ଅଧିକାରୀ/ଅନୁଷ୍ଠାନଙ୍କୁ ସେହି ପତ୍ର ସଂଖ୍ୟାରେ (୮୭)ରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବୋଲି ଉଲ୍ଲେଖ ହୋଇଥିଲା ଏବଂ ଉପଜିଲ୍ଲାପାଳଙ୍କ ସଭା ଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏପରି ଦାୟିତ୍ୱହୀନ କାର୍ଯ୍ୟ ହୋଇଥିବା ନେଇ ସାମ୍ବାଦିକ ମହଲରେ ଅସନ୍ତୋଷ ଦେଖାଦେଇଛି। ପୁନଃ ଗତ ଦୀର୍ଘ ବର୍ଷ ଧରି ବିଭାଗରେ ଥିବା ଅଧିକାରୀ ଓ କର୍ମଚାରୀ ପଦବୀ ଖାଲି ପଡ଼ିଛି। ଏଠାରୁ ଅଧିକାରୀ ବା କର୍ମଚାରୀଙ୍କୁ ବଦଳି ପରେ ପୁନଃ ନିଯୁକ୍ତି ଦିଆଯାଇ ନାହିଁ। ଫଳରେ ବିଭାଗ ଶୂନ୍ୟ ହୋଇ ପଡ଼ିଛି। କାର୍ଯ୍ୟାଳୟରେ ଥିବା ଏକ ମାତ୍ର ପିଅନଙ୍କୁ ମଧ୍ୟ ଉପଜିଲ୍ଲାପାଳ ଅଫିସକୁ ଡେପୁଟେସନରେ ନେଇ ଯିବା ପରେ ଅଫିସରେ ତାଲା ଝୁଲିଲା। ଏପରିକି ସମ୍ବାଦିକ, ବିଭିନ୍ନ ସଂସ୍ଥାର ତଥ୍ୟ ସହ ଅଧିକାରୀଙ୍କୁ ଯୋଡ଼ିବା ଓ ସରକାରଙ୍କ ବହୁମୂଲ୍ୟ ଯୋଜନା ବା ତଥ୍ୟକୁ ଆଦାନ ପ୍ରଦାନ କରିବାରେ ବଡ଼ ପ୍ରତିବନ୍ଧକ ହୋଇଛି। ଏହାର ନିରାକରଣ ସକାଶେ ଗତ ତା.୧୨.୬.୨୦୨୩ରିଖ ଦିନ ତତ୍କାଳୀନ ଜିଲ୍ଲାପାଳଙ୍କ ଲିଖିତ ପତ୍ର ପ୍ରଦାନ କରି ଅବଗତ କରାଯାଇଥିଲା। ସୂଚନା ଲୋକ ସମ୍ପର୍କ ବିଭାଗ ଓ ପାଠାଗାରକ ତୁରନ୍ତ ଖୋଲିବାକୁ ଅନୁରୋଧ ମଧ୍ୟ କରାଯାଇଥିଲା। ଏପରି ପ୍ରଶାସନ ପାଠାଗାରକୁ ସଚଳ କରିବା ସକାଶେ ସମ୍ପତି ପ୍ରକାଶ କରି ସାମ୍ବାଦିକଙ୍କୁ ଆନ୍ଦୋଳନ ନକରିବାକୁ ଲିଖିତ ଭାବେ ସୂଚିତ କରିଥିଲେ। ଏପରିକି ତତ୍କାଳୀନ ଉପଜିଲ୍ଲାପାଳ ଆଲୋଚନା କାଳରେ ଏଥିସହକାଶେ ଗୃହ ନିର୍ମାଣ ନହେବା ଯାଏ ପୁରୁଣା ତହସିଲ କାର୍ଯ୍ୟାଳୟ ବା ଉପଯୋଗୀ ସ୍ଥାନରେ ଏହା କରିବାକୁ ସୂଚନା ମଧ୍ୟ ଦେଇଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ଯେ ଏପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକୁ ପ୍ରଶାସନ ସାମାନ୍ୟତମ ଉଦ୍ୟମ କରିନାହିଁ। ଏହାର ପ୍ରତିବାଦରେ ଆସନ୍ତା ତା.୨୭-୧-୨୦୨୫ରିଃ ଦିନ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଖଣ୍ଡର ସମସ୍ତ ସାମ୍ବାଦିକ ମିଳିତ ଭାବେ ପ୍ରତୀକ ଧାରଣା ଦେବାକୁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ଡେପୁଟି କଲେକ୍ଟର ପ୍ରବାଣୀ ବିଲୁଙ୍ଗଙ୍କୁ ଏକ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୁଚିଣ୍ଡା ସାମ୍ବାଦିକ ସଂଘର ସଭାପତି ଦିନେଶ ନନ୍ଦ, ସମ୍ପାଦକ ତପନ ଦାଶ, ଅମୂଲ୍ୟ ମିଶ୍ର, ଜିଲ୍ଲା ସଭାପତି ପ୍ରଭାତ ବେହେରା, ଉପସଭାପତି ପ୍ରଶାନ୍ତ ଶର୍ମା, ଅଦିତ ପଣ୍ଡା, ଜୟକିଶୋର ମହାପାତ୍ର, ସୁଶୀଳ କର, ସଞ୍ଜୟ ମିଶ୍ର, ପ୍ରକାଶ ଶର୍ମା, ସୋମ୍ୟ ରଞ୍ଜନ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଚଶିକ୍ଷା ପାଇଁ କଠୋର ପରିଶ୍ରମ କର : ସାଂସଦ



**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ସଦର ବ୍ଲକ ଅନ୍ତର୍ଗତ ଚୂଡ଼ାପାଲି ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏସ.ଏସ.ଡି.) ର ୨୫ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗଦେଇ ଛାତ୍ର ଛାତ୍ରୀ, ଅଭିଭାବକ, ଉପସ୍ଥିତ ଅଞ୍ଚଳବାସୀଙ୍କୁ ଉଦ୍‌ବୋଧନ ଦେଇ ଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ କଠୋର ପରିଶ୍ରମ କରିବାକୁ ହେବ ଏବଂ ଅତୀତରେ କମ୍ ପାଠ ପଢିଥିଲେ ମଧ୍ୟ ଏସ୍‌ସି. ଓ ଏସ୍‌ଟି. ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିର ସୁଯୋଗ ମିଳୁଥିଲା କିନ୍ତୁ ଆଜିର ଦିନରେ ଉଚ୍ଚ ଶିକ୍ଷିତ ହେବାକୁ ପଡ଼ିବା ଆଉ ସେ ଦିନ ନାହିଁ ଏବେ ଗ୍ରୁପ ଡି କର୍ମଚାରୀ ପାଇଁ ପିଏଚ୍‌ଡି ଛାତ୍ର ଫର୍ମ ପକାଉଛନ୍ତି। ପ୍ରଧାନ ଶିକ୍ଷକ କୁଶଳେଶ୍ୱର ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତା ଡ. ସୁଶାନ୍ତ କୁମାର ପଣ୍ଡା ଓଡ଼ିଆ ଅଧ୍ୟାପକ ପିଜି ବିଭାଗ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ସମ୍ମାନୀତ ଅତିଥି ରସରାଜ ଅଚ୍ୟୁତ ପୁରୋହିତ ବ୍ୟାଙ୍କର୍‌ସ, ଦାମୋଦର ବିଶ୍ୱାଳ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ଲୋକନାଥ କୁମୁରା ଆଲୁମିନି ସଭାପତି, ଲକ୍ଷ୍ମୀ ନନ୍ଦ ସରପଞ୍ଚ ଚୂଡ଼ାପାଲି ପ୍ରମୁଖ ମଞ୍ଚାସୀନ ଥିଲେ। ଦୀର୍ଘ ସାତ ଦିନ ଧରି ୨୮ଟି କ୍ରୀଡ଼ା ଓ ୭ଟି ବୌଦ୍ଧିକ ବିକାଶ ପାଇଁ ପ୍ରତିଯୋଗିତା ହୋଇଥିଲା। ଏଥିରେ ୭୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମୋଟ ୧୩୪ ଜଣ ବିଜେତାଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଅତିଥିଙ୍କ ପ୍ରଦାନ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଆମ ଲୋକଗୀତ, ଲୋକ ନୃତ୍ୟ, ବହୁ ଭାଷାୟ ନୃତ୍ୟ, ଦେଶାତ୍ମବୋଧକ ଗୀତ ଓ ନୃତ୍ୟ ପରିବେଷଣ କରାଯାଇ ଥିଲା। ସହଯୋଗ କରିଥିଲେ ବିଦ୍ୟାଳୟର ଚନ୍ଦ୍ରକାନ୍ତି ମିଶ୍ର, ବିଷ୍ଣୁପ୍ରସାଦ ଯାଦବ, ଚନ୍ଦ୍ରଶେଖର ସାହୁ, ପ୍ରମୋଦ ପତି, ପୂର୍ଣ୍ଣିମା ପଣ୍ଡା, ବୃନ୍ଦାବନ ନାଏକ, ସୁଜାତା ସ୍ୱାଇଁ, ଜଗଦିଶ ଶବର, ସୁଜାତା ନନ୍ଦ, ପ୍ରମୋଦିନୀ ପଧାନ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦ। ବିଦ୍ୟାଳୟ ପରିଚାଳନା ସଭାପତି ଅକ୍ଷୟ କୁମାର ଘିବେଲା, ସଂଗଠକ ଜୟକୃଷ୍ଣ ମିଶ୍ର, ବିଜୟ ନାହାକ, ସୁଶିଳ ବେହେରା, ପଙ୍କଜ ମାଳ, ସନ୍ତୋଷ ସାହୁ, ତ୍ରିନାଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସୁକାନ୍ତ କୁମାର ହେଲେ କଟକ ନଗର ବିଜେପି ସଭାପତି

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ନଗର ଜିଲ୍ଲା ବିଜେପି ସଂଗଠନକୁ ମିଳିଛି ନୂଆ ମଙ୍ଗୁଆଳ। ଯୁବନେତା ସୁକାନ୍ତ କୁମାର ବିଶ୍ୱାଳ ନୂଆ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ନୂଆ ସଭାପତି ଏବଂ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ନାଁ ଘୋଷଣା କରାଯାଇଛି। ବାରବାଟୀ କଟକ, ଚୌଦ୍ୱାର କଟକ, କଟକ ସଦର, ନିଆଳୀ ଏବଂ ବାଙ୍କୀ ନିର୍ବାଚନ ମଣ୍ଡଳୀକୁ ନେଇ ବିଜେପି ନୂଆ ସାଙ୍ଗଠନିକ ଜିଲ୍ଲା ରୂପେ ଘୋଷଣା କରିଛି। ଗତ ସାଧାରଣ ନିର୍ବାଚନରେ ଏହି ୫ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଗୋଟିଏ କଂଗ୍ରେସ ୨ଟି ବିଜେଡି ଏବଂ ଅନ୍ୟ ୨ଟି ନିର୍ବାଚନ ମଣ୍ଡଳୀରେ ବିଜେପିର ବାଜିମାତ ହୋଇଛି, ତେଣୁ ନୂଆ ସଭାପତି ଓ ତାଙ୍କ ଟିମ୍ ପାଇଁ ଅନେକ ଆହ୍ୱାନ ରହିଛି ବୋଲି କୁହାଯାଉଛି।

# ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଆମର ସ୍ୱପ୍ନ ଓ ସଂକଳ୍ପ ହେଉ : ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ

**କେନ୍ଦୁଝର, ନ୍ୟୁଜ୍**

୭୬ତମ ସାଧାରଣତନ୍ତ୍ର ଦିବସ ଚଳିତ ଜାନୁଆରୀ ୨୬ ତାରିଖରେ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ମହାସମାରୋହରେ ପାଳିତ ହୋଇ ଯାଇଛି। ଏହି ଅବସରରେ କେନ୍ଦୁଝର ଷ୍ଟାଡ଼ିୟମ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ଆନୁଷ୍ଠାନିକ ପରେଡ଼ରେ



ଅଭିବାଦନ ଗ୍ରହଣ କରିଥିଲେ। ଉଦ୍‌ବୋଧନ ଛଳରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଆମର ସ୍ୱପ୍ନ ଓ ସଂକଳ୍ପ ହେଉ ବୋଲି ଆହ୍ୱାନ ଜଣାଇଥିଲେ। ସମସ୍ତେ ଜଣେ ଜଣେ ଭଲ ନାଗରିକ ହେବା ସହ ଦେଶ ପ୍ରତି ନିଜର କର୍ତ୍ତବ୍ୟ ପାଳନ କରିବାକୁ ଆହ୍ୱାନ ଜଣାଇଥିଲେ। ଉଦ୍‌ବୋଧନ ଛଳରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଦେଶର ସ୍ୱାଧୀନତା ପାଇଁ ଅସୀମ ତ୍ୟାଗ କରିଥିବା ଏବଂ ବଳିଦାନ ଦେଇଥିବା ସଂଗ୍ରାମୀ ଓ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ଓ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଜଣାଇଥିଲେ। କେନ୍ଦୁଝର ଜିଲ୍ଲାକୁ ବୀର ମାଟି ଭାବେ ଅଭିହିତ କରି ସ୍ୱାଧୀନତା ସଂଗ୍ରାମ କାଳରେ ସଂଗ୍ରାମୀମାନଙ୍କ ଉଚ୍ଚ ଆଦର୍ଶ ଆମ ପାଇଁ ପ୍ରେରଣା ସାଜିଛି ବୋଲି କହିଥିଲେ। ରାଜନୈତିକ ସ୍ୱାଧୀନତା, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମ ନିରପେକ୍ଷତା, ବର୍ଣ୍ଣବୈଷମ୍ୟ ତଥା ତାରତମ୍ୟମୁକ୍ତ ସମାଜ ପ୍ରତିଷ୍ଠା ଓ ମାନବାଧିକାର ପ୍ରତି ସମ୍ମାନ ପ୍ରଦର୍ଶନ ଭାରତୀୟ ସମ୍ବିଧାନର ବିଶେଷତ୍ୱ। ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିଶ୍ୱାସର ନିଚ୍ଚୋଡ଼ରେ ଆତ୍ମବିଶ୍ୱାସ ଆଣିବା ସାଧାରଣତନ୍ତ୍ର ଦିବସର ଅନୁଚିନ୍ତା ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଥିଲେ। ଓଡ଼ିଶାକୁ ଦେଶର ଏକ ପ୍ରମୁଖ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଉଦ୍ୟମ ଜାରି ରହିଛି ବୋଲି କହିବା ସହିତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ ଜନହିତକର ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରିଥିଲେ। ସମସ୍ତେ ମିଳିମିଶି କେନ୍ଦୁଝର ଜିଲ୍ଲା ତଥା ଓଡ଼ିଶାର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଏକ ସମୃଦ୍ଧ ଭାରତ ଗଠନ କରିବା ପାଇଁ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଆୟୋଜିତ ସମ୍ମିଳିତ ଆନୁଷ୍ଠାନିକ ପରେଡ଼ରେ ୫୩ଟି ଦଳ ଅଂଶଗ୍ରହଣ କରି ଚିତ୍ତାକର୍ଷକ ମାର୍ଚ୍ଚପାଷ୍ଟ କରିଥିଲେ ଏବଂ ମୁଖ୍ୟ ଅତିଥି ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଅଭିବାଦନ ଗ୍ରହଣ କରିଥିଲେ।

# ଲିଙ୍ଗଗତ ସମାନତା ଉପରେ ସମ୍ମାନ




**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି କେ.ଭି. କଲେଜରେ ଲିଙ୍ଗଗତ ସମାନତା; ସମାଜ ପାଇଁ ଆଶୀର୍ବାଦ ବିଷୟ ଉପରେ ସେମାନ ଅନୁଷ୍ଠିତ ହୋଇଛି। ଏଥିରେ ସମାଜସେବୀ ନମ୍ରତା ଚଢ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡ. ପଦ୍ମଲୋଚନ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମାନରେ ଯୁକ୍ତ ଦୁଇ ଅଧ୍ୟକ୍ଷ ରାଜେଶ ମହାନ୍ତି, ଅଧ୍ୟାପକ ଡ. ସଞ୍ଜୟ ମିଶ୍ର, ଆଇକ୍ୟୁଏସି ମୁଖ୍ୟ ଡ. ସୁଶାନ୍ତ ମହାନନ୍ଦ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସଭାପରିଚାଳନା କରିଥିଲେ ଅଧ୍ୟାପକ ପ୍ରଦ୍ୟୁମ୍ନ ବାଗ୍। ଅଧ୍ୟାପିକା ଅଙ୍କିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଧୁମିତା ସରାଫ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଲାସିନୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସ୍ନାତକ ଛାତ୍ରୀ ଓ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଲିଙ୍ଗଗତ ବିଭେଦତା ଉପରେ ଏକ ନାଟକ ପରିବେଷଣ କରିଥିଲେ ରୋହିତ କୁମାର ଓ ସାଥୀ। ଏ ଅବସରରେ ଛାତ୍ରଛାତ୍ରୀ ରଙ୍ଗୋଲି ପ୍ରସ୍ତୁତ କରିଥିଲେ।

# ବାରିପଦାରେ ଶିକ୍ଷାର ବାର୍ତ୍ତା ନେଇ ଆୟୋଜିତ ମିନି ମାରାଥନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷାର ବାର୍ତ୍ତା ନେଇ ସମଗ୍ର ରାଜ୍ୟରେ କିଟ୍ ଓ କିସ୍ ପକ୍ଷରୁ ଆୟୋଜିତ ହୋଇଛି ମିନି ମାରାଥନ। ଓଡ଼ିଶାର ୩୦ ଜିଲ୍ଲାର ୫୫ଟି ସ୍ଥାନରେ ଆୟୋଜିତ ହୋଇଛି। ଏହି ମିନି ମାରାଥନ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ମଧ୍ୟ ଆୟୋଜିତ ହୋଇଛି ମିନି ମାରାଥନ ୨୦୨୫। କିଟ୍ ଓ କିସ୍ ପକ୍ଷରୁ ଏଜୁକେସନ ଫର ଅଲ୍ ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା ନେଇ ଆୟୋଜିତ ମିନି ମାରାଥନରେ ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କିସର ପୁରାତନ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ଦୌଡ଼ରେ ସାମିଲ ହୋଇ ଛନ୍ତି। ବାରିପଦା ମଧୁବନ ପଡ଼ିଆ ଠାରେ ଏହି ଦୌଡ଼କୁ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା।



ଉଦ୍‌ଘାଟନ ପରେ ସମସ୍ତ ଛାତ୍ରଛାତ୍ରୀ ଶିକ୍ଷାର ବାର୍ତ୍ତା ନେଇ ଦୌଡ଼ରେ ସାମିଲ ହୋଇଥିଲେ। ମଧୁବନ ପଡ଼ିଆରୁ ବାହାରି ଗଣେଦୌଡ଼ ଟ୍ରାଫିକ ଛକ ହୋଇ ବାରିପଦା ପୌରପରିଷଦ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ପୌର କାର୍ଯ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୌର ଉପାଧ୍ୟକ୍ଷା ସାମା ଦାସ, ସମାଜସେବୀ ଆମର ସେଠୀ ପ୍ରମୁଖ ଯୋଗ ଦେଇ ସମଗ୍ର ବିଶ୍ୱରେ ଶିକ୍ଷାର ବାର୍ତ୍ତା ପହଞ୍ଚାଇବାକୁ ଏଭଳି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିଥିବାରୁ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ନିଜର ଜୀବନକୁ ତ୍ୟାଗ କରି ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଥିବା ଏପରି ମହାନ ବ୍ୟକ୍ତିଙ୍କୁ କୃତଜ୍ଞତା ଜଣାଉଛନ୍ତି ଉପସ୍ଥିତ ଅତିଥି ବୃନ୍ଦ। ଏହି ଅବସରରେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଆଦାନୀ-କିସ୍ ଆବାସିକ ବିଦ୍ୟାଳୟ, ବାରିପଦାର ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ମିଶ୍ର ଶେଷରେ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ ଶଶିଧର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ଅନମାନଙ୍କ ମଧ୍ୟରେ କିସ୍‌ର ନୋଡ଼ାଲ ଅଧିକାରୀ ସତ୍ୟବ୍ରତ ଦାସ, ଅତିରିକ୍ତ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ରାୟ, ଅତିରିକ୍ତ ନୋଡାଲ ଅଧିକାରୀ ଜଗତ ସାହୁ ଏବଂ କଳିଙ୍ଗ ଟିଭିର ମୟୂରଭଞ୍ଜ ବ୍ୟୁରୋ ହେଡ୍ ସତ୍ୟଜିତ ସୋମ ପ୍ରମୁଖ ସହଯୋଗ କରିଛନ୍ତି।

## ବନାଗ୍ନି ନିୟନ୍ତ୍ରଣ ଓ ନିରାକରଣ ନେଇ ସଚେତନତା କାର୍ଯ୍ୟକ୍ରମ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ବନବିଭାଗ ପକ୍ଷରୁ ଜଙ୍ଗଲରେ ଲାଗୁଥିବା ନିଆଁର ନିୟନ୍ତ୍ରଣ ଓ ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବନଖଣ୍ଡ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଏବିଡିଓ ବିଜୟ କୁମାର ସେଠୀ, ତହସିଲଦାର ରିତୁ ସିଂ, ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ରେଞ୍ଜର ମହମ୍ମଦ ଅବଦୁଲ ସମ୍ମଦ ପ୍ରମୁଖ ଉପସ୍ଥିତ ଥିବାବେଳେ ରାଇଘର ବନଖଣ୍ଡ ଅଧୀନରେ ଥିବା ସମସ୍ତ ଛବିଶଟି ପଞ୍ଚାୟତର ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟିର ସଭାପତି ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ। ଆଗକୁ ଗ୍ରୀଷ୍ମ ଋତୁ ଅସୁଥିବା ବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଙ୍ଗଲରେ କିପରି ନିଆଁ ନ ଲାଗିବ ଏହାକୁ ଗୁରୁତ୍ୱ ଦେଇ ଅତିଥିମାନେ ଆସିଥିବା ଜଙ୍ଗଲ ସୁରକ୍ଷା କମିଟି ସଦସ୍ୟମାନେ ଜଙ୍ଗଲରେ ନିଆଁ ନ ଲାଗିବା ପ୍ରତି ନଜର ରଖିବା ସହ ବନ କର୍ମଚାରୀମାନଙ୍କୁ ନିଆଁ ଲିଭେଇବାରେ ସହଯୋଗ କାମନା କରିଥିଲେ।



# ଭେଙ୍କଟେଶ୍ୱର ବିଦ୍ୟାଳୟର ବିଜ୍ଞାନ ପ୍ରଦର୍ଶନୀ ଓ ଖାଦ୍ୟ ମେଳା



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ସ୍ଥିତ ଭେଙ୍କଟେଶ୍ୱର ବିଦ୍ୟାଳୟରେ ବିଜ୍ଞାନ ମେଳା ଏବଂ ଖାଦ୍ୟ ମେଳା ପ୍ରଦର୍ଶନୀ ପାଳିତ ହୋଇଯାଇଛି। ଏଠାରେ ମୁଖ୍ୟ ଅତିଥି ଭାବରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ରସାୟନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସୁଧୀର କିସ୍କୁ ଏବଂ ସମ୍ମାନୀୟ ଅତିଥି ଭାବରେ ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ରୋନାଲି ଦୁର୍ଗା ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତାପସ ରଞ୍ଜନ ପତି, ନେହା ଲୋଧା, ସୁବ୍ରତ କୁମାର ଦାସ, ସିମ୍ରନ ଦତ୍ତ ଏବଂ ବିଭାଗର ଗୁରୁଜନଙ୍କ ସାହାଯ୍ୟ କ୍ରମେ ପାଖାପାଖି ୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଏବଂ ଅପର ପକ୍ଷରେ ପାଖା ପାଖି ୪୦ ଜଣ ପିଲା ଖାଦ୍ୟ ମେଳାରେ ଭାଗ ନେଇଥିଲେ। ବିଦ୍ୟାଳୟର ମ୍ୟାନେଜମେଣ୍ଟ କମିଟିର ଟ୍ରଷ୍ଟି ସ୍ୱରୂପ ରଞ୍ଜନ ଦାସ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟି ଶୁଭ୍ରାନ୍ତି ମହାନ୍ତି, ସୌମେନକାନ୍ତି ମହାନ୍ତି, ଅମିତ କୁମାର ବେହେରା, ଶୁଭସ୍ମିତା ମହାନ୍ତି, ଦୀପାୟନ ସେନ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ସଂଯୋଜକ ସାବନ୍ନ କୁମାର ସିଂହ ସମସ୍ତଙ୍କୁ ଧନ୍ୟବାଦ ଦେଇ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ନିପୁଣ ଓଡ଼ିଶା ମେଳା

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଉପଖଣ୍ଡର ନରସିଂପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଳଦିଆଗାଙ୍ଗିରାର ବର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଜରା ଯୋଗ ଦେଇଥିଲେ। ଏହା ସହିତ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ମାନସ କୁମାର ମିଶ୍ର, ଜଗଦୀଶ ଚନ୍ଦ୍ର ନାଏକ ଓ ତରଣୀସେନ ମୁଣ୍ଡା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ର କୁମାର ଦାଶ ଓ ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ପ୍ରଦାନ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ଏହି ବାର୍ଷିକ ଉତ୍ସବ ଅବସରରେ ଅତିଥି ମାନେ ବିଦ୍ୟାଳୟ ପରିସରରେ ଏକ ବିଜ୍ଞାନାଗାର ଓ ଏକ ପାଠାଗାରର ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତେ ନିପୁଣ ଓଡ଼ିଶା ମେଳା ପରିଦର୍ଶନ କରିବା ସହ ଏହାର ଉଦ୍ଦେଶ୍ୟ ବିଷୟରେ ପଚାରି ବୁଝି ଥିଲେ। ଜିଲ୍ଲା ଶିକ୍ଷାପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଶାନ୍ତି ସୋରେନ ମେଳା ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ମାର୍ଗଦର୍ଶନ କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ତପସ୍ୱିନୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରୀନାବାଳା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ରଞ୍ଜୁଲତା ରଣସିଂହ, ସ୍ୱାତୀ ମିଶ୍ର, ଅର୍ଚ୍ଚନା ସାହୁ, ଆସ୍ପାୟାର ସଂସ୍ଥାର ସୁପରଭାଇଜର ବିଦ୍ୟାବତୀ ନାଏକ ଏବଂ ସରସ୍ୱତୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱବିଦ୍ୟାଳୟରେ ଗ୍ରନ୍ଥାଳୟ ଓ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ କର୍ମଶାଳା

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଳୟ ଓ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ଦୁଇଦିନିଆ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାର ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯାଦବପୁର ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଳୟ ଓ ସୂଚନା ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଉଦୟନ ଭଟ୍ଟାଚାର୍ଯ୍ୟ ମୁଖ୍ୟ ବକ୍ତା ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସଂଯୁକ୍ତ ପ୍ରଫେସର କୈଳାଶ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଗ୍ରନ୍ଥାଗାରିକ ପାଇଁ ତଥା ଡିଜିଟାଲ ଗ୍ରନ୍ଥାଳୟ ପରିଚାଳନା କ୍ଷେତ୍ରରେ କୋହା




ସଫ୍ଟୱେର ଖୁବ୍ ଉପଯୋଗୀ ଓ ଏହାର ବ୍ୟାବହାରିକ କୌଶଳ ଜାଣିବା ନିହାତି ଆବଶ୍ୟକ। ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି କର୍ମଶାଳା, କୋହା ସଫ୍ଟୱେର ବିଷୟରେ ବିସ୍ତୃତ ଜ୍ଞାନ ଲାଭ ସହିତ ତାଲିମର ସୁଯୋଗ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଖଡ଼ଗପୁର ଆଇଆଇଟିର ଉପ-ଗ୍ରନ୍ଥାଗାରିକ ଡ. ସମୀର କୁମାର ଜାଲା ଏବଂ ସହଯୋଗୀ ଗ୍ରନ୍ଥାଗାରିକ ଡ. ହେମନ୍ତ କୁମାର ବିଶ୍ୱାଳ କର୍ମଶାଳାର ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଛନ୍ତି। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭାଗୀୟ ସୂଚନାପତ୍ର ଏଲଆଇଏସ-କ୍ରେଷ୍ଟ ଉନ୍ମୋଚିତ ହୋଇଥିଲା। ନଅଟି ବୈଷୟିକ ଅଧିବେଶନକୁ ନେଇ ଏହି ଦୁଇ ଦିନିଆ କର୍ମଶାଳାର ଲକ୍ଷ୍ୟ ମୁଖ୍ୟତଃ କୋହା ସଫ୍ଟୱେର ପ୍ରୟୋଗ ଜରିଆରେ ଗ୍ରନ୍ଥାଗାରର କାର୍ଯ୍ୟାବଳୀ ଡା ବିଷୟରେ ଏକ ଦୃଢ଼ଭୂତ ଓ ବୁଝାମଣା ଭିତ୍ତିକ ବିକାଶ ପାଇଁ ତାଲିମ ପ୍ରଦାନ କରିବା ରହିଥିଲା। ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଲାଇବ୍ରେରୀ କାର୍ଯ୍ୟକୁ ଦକ୍ଷତା ଓ କୌଶଳ ସହିତ ପରିଚାଳନା କରିବା, ସୁସଂଗଠିତ ଭାବେ ଲାଇବ୍ରେରୀ ପରିଚାଳନା ପାଇଁ ଉପଲବ୍ଧ ସମସ୍ତ ଉପକରଣକୁ ଗ୍ରହଣ କରିବାକୁ ଉତ୍ସାହିତ କରିବା ତଥା ଅନୁଷ୍ଠାନିକ ଆବଶ୍ୟକତା ପୂରଣ କରିବା ପାଇଁ କୋହାର ସେଟିଂକୁ ତ୍ରୁଟି ନିବାରଣ, କଷ୍ଟମାଇଜ ଏବଂ ଉନ୍ନତମାନ କରିବା ପାଇଁ ଲାଇବ୍ରେରୀ ସହ ଜଡ଼ିତ ପ୍ରଫେସନାଲମାନଙ୍କୁ ସଶକ୍ତ କରିବାର ଉଦ୍ଦେଶ୍ୟ ନେଇ ଏହି କର୍ମଶାଳାର ଆୟୋଜିତ ହୋଇଥିଲା। କର୍ମଶାଳାର ଆବାହକ ଡକ୍ଟର ଜଗନ୍ନାଥ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆୟୋଜନ କମିଟି ସମ୍ପାଦକ ଡକ୍ଟର ମନୋଜ କୁମାର ଆଚାର୍ଯ୍ୟ କର୍ମଶାଳାର ବିଷୟବସ୍ତୁ ଏବଂ ଉଦ୍ଦେଶ୍ୟ ବାବଦରେ ସୂଚନା ଦେଇଥିଲେ। କର୍ମଶାଳାର ସହ-ସଂପାଦକ ଚିନ୍ମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୁକଦେବ ମହାନ୍ତ ହେଲେ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ଜିଲ୍ଲା ବିଜେପି ଦଳର ସଭାପତି ହେଲେ ଶୁକ ଦେବ ମହାନ୍ତ। ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏବଂ ରାଜ୍ୟ ନେତା ଆଶୁତୋଷ ପରିଡ଼ା ତେଲକୋଇ ଓ ପାଟଣା ବିଧାୟକଙ୍କ ସହ ଜିଲ୍ଲାର ଆନେକ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ନୂତନ ଜିଲ୍ଲା ବିଜେପି ସଭାପତିଙ୍କ ନାମ ଘୋଷଣା କରିଥିଲେ। ମନ୍ତ୍ରୀ କହିଥିଲେ ଯେ ଦଳର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ କେନ୍ଦୁଝର ଜିଲ୍ଲାର ସଭାପତି ଚୟନ କରାଯାଇଛି। ସେପଟେ ମୋ ଉପରେ ଭରସା କରିଥିବାରୁ ରାଜ୍ୟ ଠାରୁ ଆରମ୍ଭ କରି ସମସ୍ତ ନେତାଙ୍କୁ ଧନ୍ୟବାଦ ଦେବା ସହ ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବି ବୋଲି କହିଛନ୍ତି ଶୁକ ଦେବ ମହାନ୍ତ। ରାଜ୍ୟ ପରିଷଦ ସଦସ୍ୟ ଭାବେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରୁ କିରଣବାଳା ନାୟକ, ପାଟଣାରୁ ସୋମବାରୀ ମୁଣ୍ଡା, ତେଲକୋଇରୁ ମାନସ ନାଏକ, ଚମ୍ପୁଆରୁ ଝରଣା ମହାନ୍ତ ଏବଂ ଦେବପ୍ରସାଦ ମିଶ୍ର, ଆନନ୍ଦପୁରରୁ ଦଶରଥ ଜେନା, ଘସିପୁରାରୁ ଅମର ସିଂହଙ୍କ ନାମ ଘୋଷଣା କରାଯାଇଥିଲା।





# ଯୋଡ଼ାରେ ଡକାୟତି ଯୋଜନା ପଣ୍ଡ



୫ ଅଭିଯୁକ୍ତ ଗିରଫ:ବନ୍ଧୁକ ସମେତ ଅନେକ ମାରଣାସ୍ତ୍ର ଜବତ

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ଯୋଡା ସହର ଅଶାନ୍ତ ହେବାରେ ଲାଗିଛି । ଲୁଟ୍, ରାହାଜାନି, ଅପରାଧିକ ଘଟଣା ଚରମସୀମାରେ ପହଞ୍ଚିଛି । ଏହାକୁ ଦୃଷ୍ଟିରେ ରଖି ଯୋଡା ପୋଲିସ ଏବେ ସକ୍ରିୟ ହୋଇଉଠିଛି । ଗୁରୁବାର ଡାକୟତି ଯୋଜନା କରୁଥିବା ବେଳେ ଯୋଡା ପୋଲିସର ଅତର୍କିତ ଚଢଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ବନ୍ଧୁକ ସହିତ ଅନେକ ମାରଣାସ୍ତ୍ର ଜବତ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଯୋଡା ସହିଦ ନଗର (ଉଲ୍ଲିହାଟିଂ)ର ଜୟି ମୁଣ୍ଡା, ବାଟୁ ହାଟିଂର ଜଲିନ ଚାତାର, ଜିତୁ ଖାନ୍, ଆଜାଦ୍ ବସ୍ତିର ସତ୍ୟମ ଗୌଡଙ୍କ ସହିତ ଅନ୍ୟ ଜଣେ ୧୭ ବର୍ଷର ନାବାଳକ ରହିଥିବା ଜଣାପଡିଛି । ଯୋଡା ଥାନା ଭାରପ୍ରାପ୍ତ ଅଧିକାରୀ ଲୋକେଶ ସାହୁଙ୍କ ସୂଚନା ଅନୁଯାୟୀ ବୁଧବାର ବିଳମ୍ବିତ ରାତ୍ରିରେ ଯୋଡା ସହରର ଆଜାଦ୍ ବସ୍ତି ନିକଟ ଲକ୍ଷ୍ମୀ ପଡିଆ ଠାରେ ଉକ୍ତ ଅଭ୍ୟାସଗତ ଅପରାଧିମାନେ ସହରର ବିଭିନ୍ନ କୋଠାଘର ଗୁଡିକରୁ ସୁନା ଗହଣା ଚୋରି କରିବା, ସୁନା ଦୋକାନ ଓ ବ୍ୟାଙ୍କରେ ଡକାୟତି କରିବାର ଯୋଜନା କରୁଥିବା ନେଇ ବିସ୍ୱସ୍ତ ସୂତ୍ରରୁ ଖବର ପାଇ ଯୋଡା ଥାନା ଭାରପ୍ରାପ୍ତ ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ଅତରିକ୍ତ ଚଢଉ କରିଥିଲେ । ଏହି ଚଢଉ ବେଳେ ଉକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ତିନୋଟି ଛୁରୀ, ଗୋଟିଏ ଫାର୍ସା, ଗୋଟିଏ ଖଣ୍ଡା ଏବଂ କିଛି ଠେଙ୍ଗା ଜବତ କରିଥିବା ଜଣାପଡିଛି । ଏ ନେଇ ଯୋଡା ଥାନା କେଶ୍ ନଂ. ୧୯/୨୫ ରେ ଦଫା ୩୧୦ (୪), ଦଫା ୩୧୦ (୫), ବିଏନ୍‌ଏସ୍ ଓ ୨୫-୨୬ ଆର୍ମସ୍ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ଥିବାରୁ ତାକୁ କେନ୍ଦୁଝର ପଠାଯାଇଛି । ଫଳରେ ଯୋଡା ପୋଲିସର ଏହି ସଫଳତା ଯୋଗୁଁ ଏକ ବଡଧରଣର ଡକାୟତି ଉଦ୍ୟମ ପଣ୍ଡ ହୋଇପାରିଛି । ତେବେ ଗିରଫ ଅଭିଯୁକ୍ତମାନେ ଅଭ୍ୟାସଗତ ଅପରାଧି ବୋଲି ପ୍ରାଥମିକ ସୂଚନାରୁ ଜଣାପଡିଛି ।

# ମରୁଡ଼ି ପରିଚାଳନା ଯୋଜନାର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଗ୍ରୀଷ୍ମଋତୁର ଆଗମନ ପୂର୍ବରୁ ମରୁଡ଼ି ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମିନି କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଡେପୁଟି କଲେକ୍ଟର ଆପାତକାଳୀନ ବିକାଶ ଚନ୍ଦ୍ର ସାହୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ମରୁଡ଼ି ପରିଚାଳନା ଯୋଜନାର ଗୁରୁତ୍ୱ ଏବଂ ଉଦ୍ଦେଶ୍ୟ ବିଷୟରେ ସଦସ୍ୟମାନଙ୍କୁ ସୂଚନା ଦେଇଥିଲେ । ଏହାର ପ୍ରସ୍ତୁତିରେ ଜିଲ୍ଲା ମରୁଡ଼ି ମନିଟରିଂର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଯୋଜନାର ଲକ୍ଷ୍ୟ ଜିଲ୍ଲା ସ୍ତରରେ ମରୁଡ଼ି ସମ୍ବନ୍ଧୀୟ ସମସ୍ୟା ପାଇଁ ପ୍ରସ୍ତୁତି ଏବଂ ପ୍ରଶମନ ପ୍ରୟାସକୁ ବୃଦ୍ଧି କରିବା ସହ ସମସ୍ତ ଅଂଶୀଦାରଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ବୋଲି ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ ନିଜ ଅଭିଭାଷଣରେ କହିଥିଲେ ଯେ ମରୁଡ଼ି ପରିଚାଳନା ଯୋଜନା ପ୍ରସ୍ତୁତି ଏକ ସାମୂହିକ ପ୍ରୟାସ ହେବା ଉଚିତ୍ ଯେଉଁଥିରେ ବିଭିନ୍ନ ବିଭାଗ, ଅଂଶୀଦାର ଏବଂ ତୃଣମୂଳ ସ୍ତରୀୟ ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ବୋଲି କହିବା ସହ ମରୁଡ଼ି ସମ୍ବନ୍ଧୀୟ ଜିଲ୍ଲାର ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ସମସ୍ୟାର ସମାଧାନ କରୁଥିବା ଏକ ସାମଗ୍ରିକ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ଜିଲ୍ଲାରେ ମରୁଡ଼ି ପରିସ୍ଥିତିର ସମୀକ୍ଷା ଓ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ଉପସ୍ଥାପନା ଦ୍ୱାରା ବୈଠକଟି ଆହୁରି ସମୃଦ୍ଧ ହୋଇଥିଲା । ଜିଲ୍ଲାର ପ୍ରତ୍ୟେକ ବିଭାଗ ମରୁଡ଼ି ପରିଚାଳନା ଯୋଜନା ପ୍ରସ୍ତୁତିର ସମନ୍ୱୟ ପାଇଁ ଜଣେ ନୋଡାଲ୍ ଅଧିକାରୀଙ୍କୁ ନିଯୁକ୍ତ କରିବା, ପରାମର୍ଶ କର୍ମଶାଳା ସମୟରେ ଆଲୋଚନା ହୋଇଥିବା [illegible] ଅନ୍ତର୍ଭୁକ୍ତ କରି ମରୁଡ଼ି ପରିଚାଳନା ଯୋଜନାର ଏକ ଖସଡ଼ା ପ୍ରସ୍ତୁତ କରାଯିବା ନେଇ ସ୍ଥିର ହୋଇଥିଲା । ଆହୁରିମଧ୍ୟ କେନ୍ଦୁଝରରେ ସମ୍ମୁଖୀନ ହେଉଥିବା ନିର୍ଦ୍ଦିଷ୍ଟ ଚ୍ୟାଲେଞ୍ଜ ଗୁଡ଼ିକୁ ବିଚାରକୁ ନିଆଯାଇ ମରୁଡ଼ି ପ୍ରଭାବକୁ ହ୍ରାସ ଏବଂ ପରିଚାଳନା ପାଇଁ ସ୍ପଷ୍ଟ ପଦକ୍ଷେପ ଗୁଡ଼ିକର ରୂପରେଖ ଦିଆଯାଇ କାର୍ଯ୍ୟ କରାଯିବା ନେଇ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶେଖ୍ ଇଜାଜ୍ ଇକ୍ବାଲ୍, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ୫.୬ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ:ଜଣେ ଗିରଫ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଥାନା ଆୟତ୍ତରେ ପଞ୍ଚାୟତ ଅନ୍ତର୍ଗତ କନ୍ଧିଆରେ ଗାଡ଼ି ନାଳ ତଳେ ଗଞ୍ଜେଇ ବିକ୍ରି ପାଇଁ ଚାଲିଥିଲା ଡିଲ୍ । ଡିଲ୍ ବେଳେ ମାଡି ବସିଲା ବୌଦ୍ଧ ପୋଲିସ । ଜଣେ ଗଞ୍ଜେଇ ମାଫିଆ ଅଟକ । ଜଣେ ଫେରାର୍ । ଗୋଟିଏ ବାଇକ୍ ସହ ୫ କ୍ୱିଣ୍ଟାଲ୍ ୬୦ କେଜି ଗଞ୍ଜେଇ ଜବତ କରିଛି ପୋଲିସ । ଯାହାର ଆନୁମାନିକ ମୂଲ୍ୟ ୫୬ ଲକ୍ଷ ଟଙ୍କା ହେବ । ଧରାପଡିଥିବା ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗତ କୁରୁମୁଣ୍ଡା ଗାଁର ମିଥୁନ ହାତୀ । ବୌଦ୍ଧ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଞ୍ଜେଇ ମାଫିଆଙ୍କ ଡିଲ୍ ସମୟରେ ଚଢ଼ଉ କରିଥିଲା । ଘଟଣାସ୍ଥଳରେ ପୋଲିସକୁ ଦେଖି ଜଣେ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ବେଳେ ଅନ୍ୟଜଣକ ଅଭିଯୁକ୍ତଙ୍କୁ ଧରିବା ସହ ଗୋଟିଏ ବାଇକ୍ ଓ ୫ କ୍ୱିଣ୍ଟାଲ୍ ୬୦ କେଜି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛନ୍ତି ପୋଲିସ । ବୌଦ୍ଧ ଥାନାରେ ଏ ନେଇ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି ପୋଲିସ ।

## କଟକ ଆରଟିଓରେ ପ୍ରଥମ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ ବ୍ୟବସ୍ଥା

**କଟକ, ନ୍ୟୁଜ୍ ବ୍ୟୁରୋ**

ମୋଟର ଯାନ ଫିଟନେସ୍ ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବାକୁ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ରାଜ୍ୟରେ ପଞ୍ଜୀକୃତ ହୋଇଛି ପ୍ରଥମ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ ବ୍ୟବସ୍ଥା ବା ଏଟିଏସ୍ । କଟକ ଆରଟିଓ ଅଧୀନରେ ଏହାର ସ୍ଥାପନା ହୋଇଛି । ବୈଷୟିକ ଜ୍ଞାନକୌଶଳ ଜରିଆରେ ସ୍ୱୟଂକ୍ରିୟ ପଦ୍ଧତିରେ ଏହା ଗାଡ଼ିର ଫିଟନେସ୍ ପରୀକ୍ଷା କରିବ । କେନ୍ଦ୍ରୀୟ ମୋଟର ଯାନ ନିୟମ ଅନୁଯାୟୀ ଗାଡ଼ିର ଫିଟନେସ୍ ପରୀକ୍ଷା ପାଇଁ ଏଟିଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଖୁବ୍‌ଶୀଘ୍ର ରାଜ୍ୟରେ ଆହୁରି ୨୧ ଏଟିଏସ୍ ସ୍ଥାପନା ହେବ । ଏହି ପରୀକ୍ଷଣ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବାକୁ ଫିଟ୍‌ନେସ୍ ପରୀକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଫଳରେ ରାସ୍ତାକୁ ଯିବା ପାଇଁ ଯୋଗ୍ୟ ନଥିବା ଗାଡ଼ିଗୁଡ଼ିକ ସ୍ୱୟଂକ୍ରିୟ ପଦ୍ଧତିରେ ବାଦ୍ ପଡ଼ିବେ । ଯାହା ସଡ଼କ ଦୁର୍ଘଟଣା ହ୍ରାସ ଦିଗରେ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି ।

## ଦୁର୍ଗାମାଧବ ସ୍ମୃତି ସଂସଦ ଓ ମାସିକ ସାହିତ୍ୟ ପତ୍ରିକା ସମାରୋହର ୪୪ତମ ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମାସିକ ସାହିତ୍ୟ ପତ୍ରିକା 'ସମାରୋହ'ର ୪୪ ତମ ବାର୍ଷିକ ଉତ୍ସବ ଏବଂ ପ୍ରତିଷ୍ଠାତା କବି ଓ ସାହିତ୍ୟିକ ସ୍ୱର୍ଗତ ଦୁର୍ଗାମାଧବ ମିଶ୍ରଙ୍କର ସ୍ମୃତି ସଭା ଆସନ୍ତା ଫେବୃୟାରୀ ୩ ତାରିଖ ସନ୍ଧ୍ୟା ୫ ଘଟିକାରେ ବୁଦ୍ଧମନ୍ଦିର ପରିସର ମଧ୍ୟରେ ଥିବା ସଭାଗୃହରେ (ହାଉସିଂ ବୋର୍ଡ଼ ଛକ ନିକଟରେ) ଅନୁଷ୍ଠିତ ହେବ ବୋଲି ଏହାର ଆବାହକ ରବିନାରାୟଣ ନନ୍ଦ ଜଣାଇଛନ୍ତି । ଏହି ଉପଲକ୍ଷେ ଆୟୋଜିତ ସାରସ୍ୱତ ସମାରୋହରେ ସ୍ୱର୍ଗତ ମିଶ୍ରଙ୍କର ସ୍ମୃତିଚାରଣ କରାଯିବା ସହିତ 'ଦୁର୍ଗାମାଧବ ସ୍ମୃତି ପୁରସ୍କାର', 'ଫକୀରମୋହନ ନନ୍ଦ ସ୍ମୃତି ପୁରସ୍କାର', 'ସମାରୋହ ସମ୍ମାନ' ଏବଂ 'ରାଧାମାଧବ ସ୍ମୃତି ପୁରସ୍କାର ପ୍ରଦାନ କରାଯିବ । ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତଥି ଭାବରେ ଯୋଗଦେବେ ସ୍ୱନାମଧନ୍ୟ କଥାକାର ଓ ପୂର୍ବତନ ପ୍ରଶାସକ ତରୁଣକାନ୍ତି ମିଶ୍ର । ବିଶିଷ୍ଟ ଗବେଷକ ତଥା "ପୌରୁଷ" ପତ୍ରିକାର ସଂପାଦକ ତଥା ବରିଷ୍ଠ ସ୍ତମ୍ଭକାର ଅସିତ କୁମାର ମହାନ୍ତି ଏଥରେ ସମ୍ମାନିତ ଅତିଥି ରୂପେ ଯୋଗଦେବା ସହ ପୂର୍ବତନ ପ୍ରଶାସକ ରୋଟାରିଆନ ଅନୀଲ କୁମାର ସାମଲ, ବିଶିଷ୍ଟ କ୍ରୀଡ଼ା ପ୍ରଶାସକ ଦିଲୀପ କୁମାର ସାମନ୍ତରାୟ ଓ ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ସୌମ୍ୟରଞ୍ଜନ ସାମଲ ଉତ୍ସବରେ ଯୋଗଦେବେ। ଏହି ଉତ୍ସବରେ ସଭାପତିତ୍ୱ କରିବେ ଦୁର୍ଗାମାଧବ ସ୍ମୃତି ସଂସଦର ସଂପାଦକ ଓ କାର୍ଯ୍ୟକାରୀ ସଭାପତି ତଥା "ସମାରୋହ"ର ସହଯୋଗୀ ସଂପାଦକ ରବିନାରାୟଣ ନନ୍ଦ।

## ୫୫ ନଂ ଜାତୀୟ ରାଜପଥରେ ଫେବୃୟାରୀ ୨୮ ସୁଦ୍ଧା ସରିବ ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

୫୫ନଂ ଜାତୀୟ ରାଜପଥ ମଙ୍ଗୁଳି ଛକ ଠାରୁ ଧୂମାବତୀ ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ କାର୍ଯ୍ୟ ବର୍ଷ ୬ ବର୍ଷ ଧରି ଚାଲିଛି । ହେଲେ ରାସ୍ତା କାମ ଶେଷ ହେବାର ନାଆଁ ଧରୁନି । ରାସ୍ତା କାର୍ଯ୍ୟ ଶେଷ କରିବା ଦାବିରେ ବହୁ ସମୟରେ ଧର୍ମଘଟ, ଆନ୍ଦୋଳନ, ଧାରଣା ଆଦି ଚୌଦ୍ୱାରବାସୀଙ୍କ ତରଫରୁ ହୋଇଆସୁଛି । ଗତ କିଛି ଦିନ ତଳେ ଚୌଦ୍ୱାର ଜାଗରଣ ମଞ୍ଚର ସଦସ୍ୟମାନେ ଢେଙ୍କାନାଳ ସ୍ଥିତ ଜାତୀୟ ରାଜପଥ ପ୍ରକଳ୍ପ ଅଫିସ ସମ୍ମୁଖରେ ଆନ୍ଦୋଳନ ଧାରଣା ଦେବା ପାଇଁ ବସିଥିଲେ । ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଠିକା ସଂସ୍ଥା ଆନ୍ଦୋଳନକାରୀ ମାନଙ୍କୁ ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ମଙ୍ଗୁଳି ଠାରୁ ରାସ୍ତାର ବିଭିନ୍ନ ସ୍ଥାନରେ ଗଳାଗୋଳ ନିର୍ମାଣ ଚାଲିଥିବା ବେଳେ ସେହି ଗର୍ତ୍ତରେ ଚାଲିବାକୁ ସ୍ଥାନୀୟ ଲୋକେ ଯିବା ଆସିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଚୌଦ୍ୱାର ଗାନ୍ଧୀ ଛକ ଓ ଧୂମାବତୀ ନିକଟରେ ନିର୍ମାଣାଧୀନ ଅଣ୍ଡରପାସ୍‌ର କାର୍ଯ୍ୟ ଆସନ୍ତା ଫେବୃୟାରୀ ୨୮ ତାରିଖ ସୁଦ୍ଧା ଶେଷ କରିବା ପାଇଁ ବି.ବି. ବର୍ମା ଠିକା ସଂସ୍ଥା ଲିଖିତ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଠିକାସଂସ୍ଥା ତରଫରୁ ଏନ୍‌ଏଚ୍‌ଏଆଇର ଢ଼େଙ୍କାନାଳ ପ୍ରୋଜେକ୍ଟର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଗତ ୨୭ ତାରିଖ ଦିନ ଏକ ପତ୍ର ଲେଖି ଏ ସମ୍ପର୍କରେ ଅବଗତ କରାଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟଯେ ରାସ୍ତା କାମ ସମ୍ପୂର୍ଣ୍ଣ କରିବା ଦିଗରେ ଜାଗରଣ ମଞ୍ଚର ବାରମ୍ବାର ଆନ୍ଦୋଳନ, ରାସ୍ତାରୋକୋ ଏବଂ ଧାରଣା ଆଦି କାର୍ଯ୍ୟକ୍ରମ ହେତୁ ଠିକାସଂସ୍ଥା କାର୍ଯ୍ୟର ଗତି ତ୍ୱରାନ୍ୱିତ କରିବା ଆରମ୍ଭ କରିଥିବା ଚୌଦ୍ୱାରରେ ଚର୍ଚ୍ଚାର ବିଷୟ ହୋଇଛି ।

# ଓଡ଼ିଶା ଜୀବିକା ମିଶନ୍ ଇସି ସଂଘ ପକ୍ଷରୁ ୫ ଦଫା ଦାବିପତ୍ର ପ୍ରଦାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଥିବା ଓଡ଼ିଶା ଜୀବିକା ମିଶନ୍ ଇସି ସଂଘର ସଦସ୍ୟମାନଙ୍କ ପକ୍ଷରୁ ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ, ସିଏଲ୍‌ଏଫ୍, ଜିପିଏଲ୍‌ଏଫ୍ କାର୍ଯ୍ୟ ନିର୍ବାହୀ କମିଟିର ନିର୍ବାଚନ ମାଧ୍ୟମରେ ପୁର୍ନଗଠନ ନିର୍ଦ୍ଦେଶନାମାକୁ ବନ୍ଦ ରଖିବା ପାଇଁ ଦାବି କରିଛନ୍ତି । ଗୁରୁବାର ଓଡ଼ିଶା ଜୀବିକା ମିଶନ ଶକ୍ତିର ସଦସ୍ୟମାନେ ଜିଲ୍ଲା କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଏକ ୫ ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ପୂର୍ବରୁ କରିଥିବା ଅଭିଯୋଗ ଅନୁସାରେ ଡିପିଏମ୍/ଡିପିସି ଏବଂ ବିପିଏମ୍ ଏବଂ ବିପିସି ସ୍ତରରେ ହୋଇଥିବା ଶହ ଶହ କୋଟି ଟଙ୍କା ଦୁର୍ନିତିର ତଦନ୍ତ, ଦୁର୍ନିତି କରିଥିବା ଦୋଷୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ମିଶନ୍ ଶକ୍ତି ଅଧିନସ୍ଥ ଓଡ଼ିଶା ଜୀବିକା ମିଶନ୍‌ର କାର୍ଯ୍ୟନିର୍ବାହୀ ମହିଳା ମାନଙ୍କୁ ସିଏଲଏପ୍, ଜିପିଏଲଏଫ, ଇସି ଭାବେ କାର୍ଯ୍ୟ କରିବାରୁ ସମୟସୀମା ନୂତନ ନିୟମାବଳୀ ନାମାରେ ବୃଦ୍ଧି କରିବା ସହ ପୁନଃଗଠନ ପ୍ରକ୍ରିୟାକୁ ବନ୍ଦ କରାଯାଉ । ଜିଲ୍ଲାର ସମସ୍ତ ଜିପିଏଲ୍‌ଏଫ୍‌କୁ ମାତ୍ର ୧୮ ଜଣ ଇସି ସଦସ୍ୟ ମାନଙ୍କ ଗସ୍ତ ଖର୍ଚ୍ଚ ଆସୁଅଛି । ମାତ୍ର ସେ ଅର୍ଥକୁ ପଞ୍ଚାୟତରେ ଥିବା ୩୦/୪୦ ଇସି ସଦସ୍ୟ ମାନେ ଭାଗକରି ନେଉଛନ୍ତି । ସମସ୍ତ ଇସି ସଦସ୍ୟ ମାନଙ୍କ ପାଇଁ ଗସ୍ତ ଖର୍ଚ୍ଚ ବ୍ୟବସ୍ଥା କରାଯିବା ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ସହକାରୀ ଜିଲ୍ଲାପାଳ କୁଇନ୍ ଜେନାଙ୍କୁ ପ୍ରଦାନ ସମୟରେ ତୁଳସି କ୍ଷେତ୍ରର ଇସି ମହାସଂଘର ସଭାନେତ୍ରୀ ବନିତା ବାରିକ, ସଂପାଦିକା ଉର୍ମିଳା ମହାନ୍ତି, ମମତା ମହାରଣା, ଅର୍ଚ୍ଚନା ନାୟକ, ମମତା ପ୍ରିୟଦର୍ଶିନୀ, ରେଣୁକା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ଶିକ୍ଷା ବିଭାଗ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ବିଭିନ୍ନ ବ୍ଲକର ଶିକ୍ଷା ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ଥିବା ଏହି କର୍ମଚାରୀମାନେ ବିଭିନ୍ନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ଜିଲ୍ଲାର ୧୪ଟି ବ୍ଲକରେ ଥିବା ଏହି କର୍ମଚାରୀମାନେ ବିଭିନ୍ନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା, ମୁରିବାହଲ ଓ ବଙ୍ଗୋମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ରହି ଏହି ଆକାଉଣ୍ଟ କମ୍ ସପୋର୍ଟ ଷ୍ଟାପ୍ ଏବଂ ଏମ୍‌ଆଇଏସ୍ ପ୍ଲାନିଂ କୋ-ଅର୍ଡିନେଟରମାନେ ଶିକ୍ଷକଙ୍କ ପାଇଁ ଅନେକ ଗୁଡ଼ିଏ କାମ କରୁଥିଲେ । ତେବେ କାର୍ଯ୍ୟ ବନ୍ଦ କରିଥିବାରୁ ଶିକ୍ଷକମାନେ ବେଶ୍ ହଇରାଣ ହେଉଥିବା ଜଣାପଡ଼ିଛି । ଏହି ଆନ୍ଦୋଳନରେ ବିବେକାନନ୍ଦ ମହାର, ଇନ୍ଦ୍ରମଣି ମୁଦୁଲି, ସରୋଜ ପୁରୋହିତ, ଟିକେଶର ବେହେରା, ସଞ୍ଜୀୟ ଖୁରା ସାମିଲ୍ ରହିଛନ୍ତି । ଏନେଇ ଏକ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

# ଧାମନଗର ପୌର ପରିଷଦ ଆକାର ବଢ଼ିବ



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଆକାର ବୃଦ୍ଧି ପାଇବ। ଏହାର ସୀମା ବଢ଼ିବା ସହ ପୌର ପରିଷଦରେ ରୂପାନ୍ତରିତ ହେବାକୁ ଯୋଜନା କରାଯାଉଛି। ଏଥିଲାଗି ପ୍ରାଥମିକ ସର୍ବେକ୍ଷଣ ସରିଛି। ଧାମନଗର ଏନ୍‌ଏସିରେ ପୂର୍ବରୁ ଧାମନଗର ତହସିଲର ୫ଟି ମୌଜା ସାମିଲ୍ ହୋଇଥିଲା। ଏବେ ଆଉ ୧୮ଟି ରାଜସ୍ୱ ମୌଜାକୁ ଅନ୍ତର୍ଭୁକ୍ତ କରାଯିବ। ବର୍ତ୍ତମାନର ଏନ୍‌ଏସିରେ ୨୦୧୧ ଜନଗଣନା ଅନୁସାରେ ଲୋକସଂଖ୍ୟା ୨୨ ହଜାର ୯୨୦ ରହିଛି। ନୂଆ ରାଜସ୍ୱ ମୌଜା ଯୋଡ଼ି ହୋଇଗଲେ ଜନସଂଖ୍ୟା ୩୫ ହଜାର ୭୬୦ ହେବ। ଓଡ଼ିଶା ପୌର ପରିଷଦ ଆଇନ୍-୧୯୫୦ ଅନୁସାରେ ପୌର ପରିଷଦ ମାନ୍ୟତା ପାଇଁ ସେହି ଅଞ୍ଚଳରେ ଜନସଂଖ୍ୟା ୨୫ ହଜାରରୁ ଅଧିକ ରହିବା ବିଧେୟ। ଏଣୁ ନୂଆ ୧୮ଟି ମୌଜାକୁ ମିଶାଇଦେଲେ ଧାମନଗର ଏନ୍‌ଏସି ପୌର ପରିଷଦର ମାନ୍ୟତା ପାଇଯିବ। ପୂର୍ବରୁ ଧାମନଗର ଓ ଜୟନଗର ପଞ୍ଚାୟତ ସହ ରାଧାବଲ୍ଲଭପୁରର ତାଳପଦା ରାଜସ୍ୱ ଗ୍ରାମକୁ ନେଇ ଏନ୍‌ଏସି ଗଠିତ ହୋଇଥିଲା। ଭଗବାନପୁରର ପଞ୍ଚାୟତର ନହରପୁର, ଭଗବାନପୁର, ପଳିକିରି, କଲ୍ୟାଣୀ ପଞ୍ଚାୟତର ବନସର, ମୁସ୍ତଫାପୁରର ଗଡ଼ଡ଼ବିଶି ନୂଆପଡ଼ା, ରାଧାବଲ୍ଲଭପୁର ପଞ୍ଚାୟତର ରାଧାବଲ୍ଲଭପୁର, ବନ୍ଧଟିଆ, ମିରିଜାପୁର ଓ ଅବଶିଷ୍ଟ ତାଳପଦା ଗାଁକୁ ସାମିଲ୍ କରାଯାଇଛି। ଏହାସହ ଚକସପୁର, ଦାମୋଦରପୁର, ହାଜିପୁର,ଦୋବଲ ପଞ୍ଚାୟତର ଇଟୁଆ, ଜୟକୃଷ୍ଣପୁର, କୃଷ୍ଣଦାସପୁର, ମଉଜଖଣ୍ଡି, ପରମାନନ୍ଦପୁର, ଶାହାବାଜପୁର ଗାଁକୁ ସାମିଲ୍ କରାଯିବାକୁ ଯୋଜନା ହୋଇଛି। ଏନ୍‌ଏସିର କଳେବର ବୃଦ୍ଧି ଲାଗି ୨୦୨୩ ଜାନୁଆରୀ ୬ ତାରିଖରେ ସର୍ବେକ୍ଷଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାପରେ ଆରବୀ ଆସୋସିଏଟ୍‌ସ୍ ପକ୍ଷରୁ ଜିଆଇଏସ୍/ଜିଆର୍‌ଏସ୍ ସର୍ଭେ କରାଯାଇଥିଲା। ସର୍ଭେ ପରେ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ଧାମନଗର ଏନ୍‌ଏସିର କର୍ପୋରେଟର, ଚେୟାରମ୍ୟାନ୍, ଭାଇସ୍ ଚେୟାରମ୍ୟାନ୍, କାର୍ଯ୍ୟନିର୍ବାହୀ ଅଧିକାରୀ, ଧାମନଗର ତହସିଲଦାର, ବିଡିଓ, ବିଇଓ, କୃଷି ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧିଙ୍କ ସହ ବୈଠକ ହୋଇଥିଲା। ଏଥିରେ ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ କର୍ପୋରେଟର ଓ ଜନ ପ୍ରତିନିଧିଙ୍କ ମତାମତ ଆହ୍ୱାନ କରିଛନ୍ତି। ଫେବୃୟାରୀ ୧୫ ସୁଦ୍ଧା ମତାମତ ଦେବାକୁ କୁହାଯାଇଛି। ତେବେ ଏନ୍‌ଏସିର କଳେବର ବୃଦ୍ଧିକୁ ରାଧାବଲ୍ଲଭପୁର, ଭଗବାନପୁର ଓ ମୁସ୍ତଫାପୁରର ଜନପ୍ରତିନିଧି ବିରୋଧ କରିଛନ୍ତି। ଭଗବାନପୁର ପଞ୍ଚାୟତରୁ ତିନି ପ୍ରମୁଖ ରାଜସ୍ୱ ଗାଁ ଅନହରପୁର, ପଳିକିରି ଓ ଭଗବାନପୁର ଏନ୍‌ଏସିରେ ସାମିଲ୍ ହେଲେ ଏହାର ସ୍ୱତନ୍ତ୍ରତା ନଷ୍ଟ ହୋଇଯିବ। ଗାଁ ଲୋକେ ଅଯଥା ଟ୍ୟାକ୍ସ ବୋଝ ସହିବେ ବୋଲି ସମିତି ସଭ୍ୟ ସୁଦୀପ୍ତ ଖଟୁଆ କହିଛନ୍ତି। ସେହିପରି ଏନ୍‌ଏସିରେ ମୁସ୍ତଫାପୁରର ଗଡ଼ଡ଼ବିଶି ନୂଆପଡ଼ା ରାଜସ୍ୱ ଗ୍ରାମକୁ ସାମିଲ୍ କରାଗଲେ ତୀବ୍ର ବିରୋଧ କରାଯିବ ବୋଲି ସ୍ଥାନୀୟ ସମିତି ସଭ୍ୟ ତଥା ଧାମନଗର ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ, ମୁସ୍ତଫାପୁର ପଞ୍ଚାୟତର ଗଡ଼ଡ଼ବିଶି ନୂଆପଡ଼ା ମୌଜାରେ ୫ଟି ୱାର୍ଡ ରହିଛି। ତାହା ଚାଲିଗଲେ ମୁସ୍ତଫାପୁରର ପଞ୍ଚାୟତ ବିଲୋପ ହେବ ବୋଲି ସେ ଆଶଙ୍କା କରିଛନ୍ତି। ସେହିପରି ରାଧାବଲ୍ଲଭପୁର ପଞ୍ଚାୟତରୁ ପ୍ରଥମ ଦଫାରେ ତାଳପଦାକୁ ନିଆଯାଇଥିଲା। ଏବେ ଅବଶିଷ୍ଟ ତାଳପଦା, ରାଧାବଲ୍ଲଭପୁର, ବନ୍ଧଟିଆ ଓ ମିରିଜାପୁରକୁ ନିଆଯାଉଛି। ଫଳରେ ପଞ୍ଚାୟତ ବିଲୋପ ହୋଇଯିବ। ହେଲେ ଏହି ପଞ୍ଚାୟତର ୨ଟି ୱାର୍ଡ ରହିଥିବା ଷୋଳଗାଁର ଭାଗ୍ୟ କଣ ହେବ। ଏହି ଗାଁର ଗୋଟିଏ ୱାର୍ଡ ବୟାଙ୍ଗଡିହି ପଞ୍ଚାୟତରେ ଥିବାବେଳେ ୨ଟି ୱାର୍ଡ ରାଧାବଲ୍ଲଭପୁରରେ ଥିଲା। ଏଣୁ ଏ ଦୁଇଟି ୱାର୍ଡ ଏବେ କୁଆଡ଼େ ଯିବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ସେହିପରି ଏହି ପଞ୍ଚାୟତର ନୂଆପୋଖରୀ ଗାଁ ଗୋଟିଏ ବିଛିନ୍ନାଞ୍ଚଳ। ଏଣୁ ଏ ଗାଁ ଏବେ ଚୁଡ଼ାକୁଟିରେ ସାମିଲ୍ ହେବା ଆଶଙ୍କା କରାଯାଉଛି।

## ଠିକାଦାରଙ୍କୁ ମାଡ଼ ଘଟଣାରେ ୩ ଅଭିଯୁକ୍ତ କୋର୍ଟ ଚାଲାଣ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାର ଉପରେ ଠିକାଦାର ତଥା ବିଜେଡ଼ି ଯୁବନେତା ଅକ୍ଷୟକୁମାର ନାୟକଙ୍କୁ ମାଡ଼ମାରିବା ଅଭିଯୋଗରେ ଧର୍ମଶାଳା ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସୁନୀଲ କୁମାର ସାମଲ (୩୫) ରମାପୁର, ପ୍ରଶାନ୍ତ ଗେଡି (୧୯) ଜାମୁବଣିଆ ଓ ରୋହିତରଞ୍ଜନ ସାମଲ (୨୦) ଭୁବନ। ଗତ ମଙ୍ଗଳବାର ଦିନ ଗୋପବନ୍ଧୁଛକ ନିକଟରେ ଥିବା ରାଜଲକ୍ଷ୍ମୀ ଲୁଗା ଦୋକାନ ସମ୍ମୁଖରେ ଅକ୍ଷୟକୁମାର ନାୟକ ନିଜ ଗାଡ଼ି ଭିତରେ ଥିବାବେଳେ ଏମାନେ ଅତର୍କିତ ଭାବେ ଆକ୍ରମଣ କରି ଆହତ କରିଥିଲେ। ପୂର୍ବରୁ ମଧ ଅକ୍ଷୟଙ୍କ ଜାରକା ଘର ଉପରକୁ ଟେକା ମାଡ଼ କରି ଘରର କାଚ ଭାଙ୍ଗିଥିବା ଧର୍ମଶାଳା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ କେସ୍ ନଂ ୫୨/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ସେମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି ।

## ବାଣୀବିହାର ୮୦ର ଅନ୍ନ ଓ ବସ୍ତ୍ରସେବା



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**


ଶୁକ୍ରବାର ଅପରାହ୍ନରେ ସୁନ୍ଦରପୁର ପଥରଗାଡ଼ିଆ ସ୍ଥିତ ରାମକୃଷ୍ଣ ବାଳାଶ୍ରମରେ ବାଣୀବିହାର ୮୦ ଅନୁଷ୍ଠାନ ପକ୍ଷରୁ ଅନ୍ନସେବା ଓ ବସ୍ତ୍ରସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆଶ୍ରମର ୩୫ ଜଣ ପିଲାଙ୍କୁ ନୂତନ ପ୍ୟାଣ୍ଟ, ସାର୍ଟ ଓ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା । ବାଣୀବିହାର ୮୦ର ସଭାପତି ଡଃ ପ୍ରତୀପ ମିଶ୍ର, ସମ୍ପାଦକ ଆଶୁତୋଷ ଦାଶ ଓ ସଦସ୍ୟା ସଦସ୍ୟା ଅକ୍ଷୟ ସାହୁ, ନୀହାରିକା ମିଶ୍ର, ଶରତ ଦାଶ, ଧରିତ୍ରୀ ଦ୍ୱିବେଦୀ, ଅଲେଖ ନନ୍ଦୀ ଓ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ବାଳାଶ୍ରମର ମୁଖ୍ୟ ସମାଜସେବୀ ବିଭୂତି ଭୂଷଣ ରାଉତ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୧।୨।୨୦୨୫, ମାଘ ଦି୧୯ନ, ଶନିବାର**

**ସୂର୍ଯ୍ୟୋଦୟ-** ଘ୬।୨୨।୩୬ **ଚନ୍ଦ୍ରୋଦୟ-** ଦିଘ ୮।୨୧।୫୭


**ତୃତୀୟା-** ଦିଘ ୧୧।୩୯ ପର୍ଯ୍ୟନ୍ତ । **ପୂର୍ବଭାଦ୍ର ନକ୍ଷତ୍ର-** ରାଘ ୨।୩୩ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ରାଘ ୮।୫୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୮।୫୮ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ରାଘ ୮।୫୮ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୧୧।୩୯ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୬ ଗତେ ଘ ୧।୦୭ ମଧ୍ୟେ, ରାଘ ୮।୦୯ ଗତେ ଘ ୧୦।୪୩ ମଧ୍ୟେ । **ପର୍ବୋତ୍ସବ-** ଶରଣ ଶେଷ, ବରଦା ଗଣେଶ ପୂଜା ।




**ମେଷ:** ଶତ୍ରୁ ପରାସ୍ତ କରିବେ । ଐଶ୍ୱର୍ଯ୍ୟ ପ୍ରାପ୍ତିର ସମ୍ଭାବନା । ଯାନବାହାନ କ୍ରୟ କରିବେ । କାର୍ଯ୍ୟ ହାସଲ କରିପାରନ୍ତି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟର ପରିମାଣ ବୃଦ୍ଧି ପାଇବ ।




**ବୃଷ:** କର୍ମକ୍ଷେତ୍ରରେ ଅଗ୍ରଗତି ହେବ । ବିଭିନ୍ନ ସ୍ତରରୁ ସମ୍ମାନିତ ହେବେ । ଉତ୍ସାହିତ ହୋଇ କାର୍ଯ୍ୟ କରିବେ । ରେଜାଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ । ବନ୍ଧୁ ଦର୍ଶନ ।




**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ସୁସମ୍ବାଦ ପାଇବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଶୁଭ କାର୍ଯ୍ୟ ପାଇଁ ଦିନଟି ଶୁଭ । ମାଲିମୋକଦ୍ଦମାରେ ବିଜୟୀ ହେବାର ସୂଚନା ।



**କର୍କଟ:** କୁକର୍ମରେ ଦୃତ ପଦକ୍ଷେପ ନେବେ । ପ୍ରତିଯୋଗିତାରେ ସଫଳତା ମିଳିବ। ଦୂରଯାତ୍ରା କରି ସଫଳତା ହାସଲ କରିବେ । ବନ୍ଧୁଙ୍କ ସହଯୋଗ ମିଳିବ । ରୋଜଗାର ମଧ୍ୟମ ଧରଣର ହେବ ।




**ସିଂହ:** ମନସ୍କାମନା ପୂର୍ଣ୍ଣ ହେବ । ଧର୍ମ ମାର୍ଗରେ ଚାଲିବେ । ଧନ ଲାଭର ସୁଯୋଗ । ନୂତନ କର୍ମାରମ୍ଭ ପାଇଁ ଦିନଟି ଉତ୍ତମ । ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବେ । ପାରିବାରିକ ସହଯୋଗ ଲାଭ ହେବ ।




**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ମିଳିବ । ଶୁଭ କାର୍ଯ୍ୟ ପାଇଁ ଦୂରକୁ ଯାତ୍ରା କରିବେ । ସୁନାମ ଅର୍ଜନ କରିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ସମସ୍ୟା ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ ।



**ତୁଳା:** ଶତ୍ରୁ ପରାଜିତ ହୋଇ ଶରଣାଗତ ହେବେ । ମାନସିକ ଅଶାନ୍ତି ଦୂର ହେବ । ଶୁଭ ଖବର ପାଇବେ । ବ୍ୟସ୍ତତା ମଧ୍ୟରେ ଦିନଟି କଟିବ । କର୍ମକ୍ଷେତ୍ରରେ ସିଦ୍ଧି ଲାଭ କରିବେ । ଆୟର ପରିମାଣ ବଢ଼ିବ ।




**ବିଛା:** ଶାରୀରିକ ସୁସ୍ଥତା ଅନୁଭବ କରିବେ। ବନ୍ଧୁ ମିଳନର ସମ୍ଭାବନା । ଅଧିକ ପରିଶ୍ରମ କରିବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଠକାମିର ଶିକାର ହୋଇପାରନ୍ତି । ରୋଜଗାର ଭଲ ହେବ ।



**ଧନୁ:** ଗୁରୁଦାୟିତ୍ୱ ବହନ କରି କାର୍ଯ୍ୟ କରିବେ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ଗୁରୁଙ୍କ କୃପା ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ ଦୂରଯାତ୍ରା କରିପାରନ୍ତି । ଗୃହେ ଆନନ୍ଦ ଓ ଶାନ୍ତି ଲାଭ କରିବେ ।



**ମକର:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଉତ୍ତମ ଅଟେ । ମନ ଚଞ୍ଚଳ ହେବ । ଶତ୍ରୁ ନାଶ ହେବେ । ପରିବାରରେ ଶାନ୍ତି ମିଳିବ । ଦେବ ଦର୍ଶନର ସୁଯୋଗ ମିଳିପାରେ ।



**କୁମ୍ଭ:** ସଦାଚାରୀ ହେବେ । ସୁସମ୍ବାଦ ପ୍ରାପ୍ତ କରିବେ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ସର୍ବଗୁଣ ସମ୍ପନ୍ନ ହେବେ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବାର ସୂଚନା।



**ମୀନ:** ଉତ୍ତମ ଆୟ ପ୍ରାପ୍ତ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପାରିବାରରେ ଶାନ୍ତି ଲାଭ । ଦେହ ଓ ମନ ସୁସ୍ଥ ରହିବ । କର୍ମକ୍ଷେତ୍ରରେ ଆନନ୍ଦ ପ୍ରାପ୍ତ ହେବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨।୨।୨୦୨୫, ମାଘ ଦି୨୦ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୬।୨୨।୧୮ **ଚନ୍ଦ୍ରୋଦୟ-** ଦିଘ ୮।୫୯।୫୮

**ଚତୁର୍ଥୀ-** ଦିଘ ୯।୧୫ ପର୍ଯ୍ୟନ୍ତ । **ଉତ୍ତରଭାଦ୍ର ନକ୍ଷତ୍ର-** ରାଘ ୧୨।୫୩ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୯।୧୫ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୫ ଗତେ ଘ ୧୦।୦୯ ମଧ୍ୟେ, ଦିଘ ୧।୨୪ ଗତେ ଘ ୧।୫୨ ମଧ୍ୟେ । **ପର୍ବୋତ୍ସବ-** ବସନ୍ତ ପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀପଞ୍ଚମୀ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଦେଶ ଜନସଂଖ୍ୟାର ୧ ପ୍ରତିଶତ ଧନୀଙ୍କ ପାଖରେ ୨୨.୬ ପ୍ରତିଶତ ରହିଛି ଧନ

ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ ପହଞ୍ଚିଯାଇଛି । ଧନୀ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଗରିବ ଲୋକମାନେ ଠିକ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି । ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳିନଥିଲା । ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି । ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା । ୱାର୍ଲଡ୍ ଇନଇକ୍ୱାଲିଟି ଲ୍ୟାବ୍ର ଏକ ରିପୋର୍ଟ ଅନୁଯାୟୀ ଦେଶ ଜନସଂଖ୍ୟାର ୧ ପ୍ରତିଶତ ବଡ଼ ଧନୀଙ୍କ ପାଖରେ ଜାତୀୟ ଆୟର ସିଂହ ଭାଗ ଅର୍ଥାତ ୨୨.୬ ପ୍ରତିଶତ ଧନ ରହିଛି । ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ଲୋକଙ୍କ ପାଖରେ ଜାତୀୟ ଆୟର ମାତ୍ର ୧୫ ପ୍ରତିଶତ ରହିଛି । ଜାତୀୟ ସମ୍ପତ୍ତିର ଉପଯୁକ୍ତ ବଣ୍ଟନକୁ ନିଶ୍ଚିତ କରିବା ଲାଗି ଟିକସ ନିୟମରେ ପରିବର୍ତ୍ତନ ଆଣିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି । ଦେଶ ଜନସଂଖ୍ୟାରେ ଥିବା ୧ ପ୍ରତିଶତ ଅତି ବଡ଼ ଧନୀଙ୍କ ପାଖରେ ଭାରତରେ ଯେତିକି ସମ୍ପତ୍ତି ରହିଛି, ତାହା ବ୍ରାଜିଲ ଓ ଆମେରିକାରେ ବି ନାହିଁ । ୧୯୪୭ରେ ବ୍ରିଟିସ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହେବା ପରେ ୧୯୯୨ରେ ଭାରତ ଅର୍ଥନୀତିରେ ସଂସ୍କାର ଆଣିଥିଲା । ଏହାପରଠାରୁ ଦେଶରେ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସଂଖ୍ୟାରେ ନିୟମିତ ବୃଦ୍ଧି ଘଟୁଛି । ଭାରତରେ ଏବେ ବିଲିଓନେୟାର ରାଜ ଚାଲିଛି ବୋଲି ରିପୋର୍ଟରେ କୁହାଯାଇଛି । ୨୦୨୩ରେ ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ ଥିଲା ଯାହା ୧୯୬୧ ପରେ ସର୍ବାଧିକ । ମୋଟ ଆୟରେ ଧନୀଙ୍କ ଭାଗ ୨୨.୬ ପ୍ରତିଶତ ରହିଛି ଯାହା ୧୯୯୨ ପରଠାରୁ ସର୍ବାଧିକ । ରିପୋର୍ଟରେ କୁହାଯାଇଛି ଯେ ଶିକ୍ଷାର ଅଭାବ ଯୋଗୁଁ ବହୁ ଲୋକ ସ୍ୱଳ୍ପ ବେତନରେ ଫସିରହିଛନ୍ତି । ସେଥିପାଇଁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଓ ମଧ୍ୟବିତ୍ତ ବର୍ଗର ୪୦ ପ୍ରତିଶତ ଲୋକଙ୍କ ଅଭିବୃଦ୍ଧି ଆଶାନୁରୂପ ହୋଇପାରିନାହିଁ । ୧୯୬୧ରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ଦେଶରେ ମାତ୍ର ଏକ ଥିଲା । ୨୦୨୨ରେ ସେଭଳି ଲୋକଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି । ଦେଶର ଦୁଇ ବଡ଼ ଧନୀ ହେଉଛନ୍ତି ମୁକେଶ ଅମ୍ବାନି ଓ ଗୌତମ ଆଦାନି । ଦେଶର ୧୦,୦୦୦ ବଡ଼ ଧନୀଙ୍କ ପାଖରେ ହାରାହାରି ଭାବେ ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି । ଦେଶର ଜଣେ ସାଧାରଣ ଲୋକଙ୍କ ସମ୍ପତ୍ତି ତୁଳନାରେ ତାହା ୧୬,୭୬୩ ଗୁଣା ଅଧିକ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁର୍ଗସ୍ବା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମୁତେ ।'**



ଶ୍ରୀ ଅଭିରାମ ସରସ୍ୱତୀ

ତୁହି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ବା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭାରତୀୟ ସଂସ୍କୃତିରେ ମହାପର୍ବ ମହାକୁମ୍ଭ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ ବରୀ ଯାଜପୁର
ମୋ - ୮୨୪୯୫୦୭୭୭୬

ମହାକୁମ୍ଭ ମେଳା ପ୍ରତି ୧୨ ବର୍ଷରେ ଆୟୋଜିତ ହୁଏ ଯେତେବେଳେ ସୂର୍ଯ୍ୟ ମେଷ ରାଶିରେ ଓ ବୃହସ୍ପତି ଗ୍ରହ କୁମ୍ଭ ରାଶିରେ ଥାଆନ୍ତି । ଏହି ଅବସରରେ ସଙ୍ଗମ ସ୍ଥଳରେ ଏକ ବିରାଟ ଜନସମାଗମ ହୁଏ । ହରିଦ୍ୱାର, ପ୍ରୟାଗରାଜ, ଉଜ୍ଜୈନ ଏବଂ ନାସିକରେ ପ୍ରତି ୧୨ ବର୍ଷରେ ମହାକୁମ୍ଭ ମେଳା ଆୟୋଜିତ ହୋଇଥାଏ । କେବଳ ଭାରତ ନୁହେଁ, ଦୁନିଆର କୋଣ ଅନୁକୋଣରୁ ଲୋକମାନେ କୁମ୍ଭମେଳାରେ ଯୋଗ ଦେବାକୁ ଆସନ୍ତି । ବିଶ୍ୱାସ କରାଯାଏ ଯେ କୁମ୍ଭ ମେଳାର ଗଙ୍ଗା ନଦୀରେ ଗାଧୋଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ସମସ୍ତ ପାପ ଧୋଇଯାଏ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ । କୁମ୍ଭମେଳାକୁ 'ସାଧନା' କରୁଥିବା ସାଧୁ ଏବଂ ନାଗା ସାଧୁଙ୍କ ସମେତ ଏପରି ସନ୍ଥ ଆସନ୍ତି ଯେଉଁମାନେ ଏକାନ୍ତରେ ବାସ କରିନ୍ତି । ସେମାନେ କେବଳ କୁମ୍ଭ ମେଳା ସମୟରେ ପରିଦର୍ଶନ କରିବାକୁ ଆସନ୍ତି । ଆଧ୍ୟାତ୍ମିକତାର ସନ୍ଧାନକାରୀ ଏବଂ ହିନ୍ଦୁ ଧର୍ମ ଅନୁସରଣ କରୁଥିବା ସାଧାରଣ ଲୋକ ମଧ୍ୟ ଆସିଥାନ୍ତି । ଏହା ଭାରତ ବର୍ଷର ଏକ ଗୌରବ ଓ ବିରାଟ ମହାନ ପର୍ବ ଅଟେ । କୁମ୍ଭ ଶବ୍ଦର ଏକ ବିରାଟ ମହତ୍ତ୍ୱ ରହିଛି ସାଧାରଣ ଅର୍ଥରେ ଏହାର ଅର୍ଥ ମାଠିଆ ହୋଇପାରେ କିନ୍ତୁ ଆମ ଶାସ୍ତ୍ର ଓ ଆଧ୍ୟାତ୍ମିକ ଭାବନାରେ କୁମ୍ଭ ଏକ ବ୍ୟାପକତା ଶବ୍ଦକୁ ପ୍ରତିପାଦନ କରିଥାଏ । ଦେବାସୁରଙ୍କ ଦ୍ୱାରା କ୍ଷୀର ସମୁଦ୍ର ମନ୍ଥନ ଦ୍ୱାରା ଧନ୍ୱନ୍ତରୀଙ୍କ ହସ୍ତରୁ ପ୍ରାପ୍ତ ହୋଇଥିବା ଅମୃତ କୁମ୍ଭକୁ ଇନ୍ଦ୍ର ପୁତ୍ର ଜୟନ୍ତ କାକ ରୂପରେ ଝଣ୍ଟରେ ଧରି ପଳାୟନ କରୁଥିବା ବେଳେ ପବିତ୍ର ଗଙ୍ଗାନଦୀ କୂଳରେ ଅବସ୍ଥିତ ଯେଉଁ କେତୋଟି ସ୍ଥାନରେ ସେଥିରୁ ବୁନ୍ଦାଏ ଲେଖାଏଁ ପଡ଼ି ଯାଇଥିଲା ସେହି ସେହି ପବିତ୍ର ସ୍ଥାନ ମାନଙ୍କରେ କୁମ୍ଭମେଳା ପୁରାଣ ଯୁଗରୁ ଏଯାବତ ପ୍ରଚଳିତ ହୋଇ ଆସୁଛି । ସେହି ସ୍ଥାନମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ସ୍ଥିତ ଗଙ୍ଗା ଯମୁନା ସରସ୍ୱତୀ ନଦୀର ପବିତ୍ର ମିଳନ ସ୍ଥଳ ( ସଙ୍ଗମ ) ତୀର୍ଥ ପ୍ରୟାଗରାଜ୍ ଅନ୍ୟତମ । ଏହା ବ୍ୟତୀତ ମହାରାଷ୍ଟ୍ରର ନାସିକ ଓ କଲିକତାର ସାଗରସଙ୍ଗମ ଗଙ୍ଗା ସାଗର ଠାରେ ମଧ୍ୟ ଆୟୋଜିତ ହୋଇ ଆସୁଛି । ପ୍ରତି ୧୨ ବର୍ଷରେ ଥରେ କୁମ୍ଭ ମେଳା ଆୟୋଜନ ହୋଇଥାଏ । ଏହିପରି ଛଅଟି ବାର ବର୍ଷିଆ କୁମ୍ଭ ମେଳାକୁ ଅର୍ଦ୍ଧ କୁମ୍ଭ ଏବଂ ବାର ଗୋଟି ବାର ବର୍ଷିଆ କୁମ୍ଭ ଅର୍ଥାତ ମୋଟ ୧୪୪ ବର୍ଷରେ ମହାକୁମ୍ଭ ପଡିଥାଏ ଓ ଏହାକୁ ବାରୁଣୀ ଯୋଗ କୁହାଯାଏ । ଯେତେବେଳେ କି ଏହି ଦୁର୍ଲଭ ଯୋଗ ପଡିଥାଏ ସେତେବେଳେ ଗୋଟିଏ ରାଶି କୁମ୍ଭରେ ସର୍ବାଧିକ ଗ୍ରହ ଅବସ୍ଥାନ କରି ସମଗ୍ର ସଂସାରକୁ ଶୁଭଫଳ ପ୍ରଦାନ କରିଥାନ୍ତି ବୋଲି ଆମ ସନାତନ ଧର୍ମର ଶାସ୍ତ୍ରୀୟ ମାନ୍ୟତା ରହି ଆସିଅଛି ।

ପୌରାଣିକ ମତେ ଅମୃତ ଭାଣ୍ଡ ପାଇଁ ଦେବାସୁରଙ୍କ ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଉକ୍ତ ଭାଣ୍ଡରୁ ଚାରିଟୋପା ଅମୃତ ଚାରୋଟି ସ୍ଥାନ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୈନ ଓ ନାଶିକରେ ପଡ଼ିଯାଇଥିଲା । ଏବେ ସେହି ଚାରୋଟି ସ୍ଥାନରେ କୁମ୍ଭମେଳା ଅନୁଷ୍ଠିତ ହେଉଛି । ହିନ୍ଦୁ ଧର୍ମ ବିଶ୍ୱାସ ଅନୁସାରେ ମହାକୁମ୍ଭ ସ୍ନାନଦ୍ୱାରା ପାପ କ୍ଷୟ ହୁଏ, ଏହା ମୋକ୍ଷ ପ୍ରାପ୍ତିର ମାର୍ଗ । ଜ୍ୟୋତିଷ ଶାସ୍ତ୍ରମତରେ ମଧ୍ୟ ମକର ସଂକ୍ରାନ୍ତିଠାରୁ ମହା ଶିବରାତ୍ରି ପର୍ଯ୍ୟନ୍ତ ମହାକୁମ୍ଭ ସ୍ନାନ ଆଧ୍ୟାତ୍ମିକ, ଶାରୀରିକ ଓ ମାନସିକ ଶକ୍ତିରେ ବିକାଶ ଘଟାଏ । କାରଣ ଏହି ସମୟରେ ବୃହସ୍ପତି ବୃଷ ରାଶିରେ ଅବସ୍ଥାନ କରନ୍ତି ଏବଂ ମକର ରାଶିରେ ରହିଥାନ୍ତି ରବି ଓ ଚନ୍ଦ୍ର । ଫଳରେ ପ୍ରୟାଗର ବାୟୁମଣ୍ଡଳ ପରିପୂର୍ଣ୍ଣ ହୋଇଥାଏ ଆଧ୍ୟାତ୍ମିକ ଶକ୍ତିଦ୍ୱାରା । ଭକ୍ତ ଓ ଶ୍ରଦ୍ଧାଳୁମାନେ ଗଙ୍ଗାର ଜଳ, ବାୟୁମଣ୍ଡଳ ତଥା ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଶକ୍ତିର ସତ୍ତା ଅନୁଭବ କରନ୍ତି । ତେଣୁ କୁମ୍ଭ ମେଳାରେ ଯୋଗ ଦେଲେ ସ୍ୱତଃ ମାନସିକ, ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ହୋଇଥାଏ । ଏହା ହିଁ ମୋକ୍ଷର ମାର୍ଗ । କୁମ୍ଭ ସ୍ନାନର ଶ୍ରେଷ୍ଠ ଦିବସ ହେଉଛି ମୌନୀ ଅମାବାସ୍ୟା । ଏହି ଦିନ ସୃଷ୍ଟି ସର୍ଜନା କରିଥିଲେ ବ୍ରହ୍ମା । ତେଣୁ ମୌନୀ ଅମାବାସ୍ୟାର ସ୍ନାନରେ ମିଳେ ଅମାପ ଆଧ୍ୟାତ୍ମିକ ଶକ୍ତି । ମହାକୁମ୍ଭ ସମୟରେ ପ୍ରୟାଗଠାରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ଓ ସକଳ ଦେବ, ସମସ୍ତ ବେଦର ମିଳନ ଘଟିଥାଏ । ଗଙ୍ଗାର ପବିତ୍ର ଜଳ ମଧ୍ୟ ମକର ସଂକ୍ରାନ୍ତି ସମୟରେ ଆଧ୍ୟତ୍ମିକ ଶକ୍ତିଦ୍ୱାରା ଶକ୍ତିଶାଳୀ ମନେ ହୁଏ । ତେଣୁ ଗଙ୍ଗା ବୁଡ଼ ଫଳରେ ଅମୃତର ସ୍ୱାଦ ଅର୍ଥାତ ଐଶ୍ୱରିକ ସତ୍ତାର ଉପଲବ୍ଧି ମିଳେ ବୋଲି ବିଶ୍ୱାସ ରହିଛି । ପୌରାଣିକ ମତେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପୁରୁଷାର୍ଥ ଅଟେ । ଏଥିମଧ୍ୟରୁ ଅର୍ଥ ଓ କାମ ଲୌକିକ ଏବଂ ଧର୍ମ ଓ ମୋକ୍ଷ ପାରଲୌକିକ ଶ୍ରେଷ୍ଠତା ପାଇଁ ଉଦ୍ଦିଷ୍ଟ । କୁମ୍ଭସ୍ନାନ ଏହି ଚତୁର୍ବର୍ଗ ଫଳ ପ୍ରଦାନ କରିଥାଏ । କୁମ୍ଭପର୍ବରେ ବିଧିବିଧାନ ପୂର୍ବକ ସ୍ନାନ ଓ ଦାନ ଆଦି କଲେ ଶତ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ତଥା ପରଲୋକ ମୁକ୍ତି ଅମୃତତ୍ତ୍ୱ ପ୍ରାପ୍ତି ହୁଏ । ଆମ ଶାସ୍ତ୍ର ଅନୁସାରେ ବୃହସ୍ପତି ଓ ସୂର୍ଯ୍ୟ ସିଂହ ରାଶିରେ ଥିଲେ ତ୍ର୍ୟମ୍ବକେଶ୍ୱର ନାସିକ, ବୃହସ୍ପତି ଓ ସୂର୍ଯ୍ୟ ବିଛା ରାଶିରେ ଥିଲେ ଉଜ୍ଜୟନୀ, ବୃହସ୍ପତି ବୃଷ ରାଶିରେ ଓ ସୂର୍ଯ୍ୟ ମକର ରାଶିରେ ଥିଲେ ପ୍ରୟାଗ ଆହ୍ଲାବାଦ, ସୂର୍ଯ୍ୟ ମେଷ ରାଶିରେ ଥିଲେ ହରିଦ୍ୱାର, ବୃହସ୍ପତି ବୃଷ ରାଶିସ୍ଥ ହୋଇଥିବା ସମୟରେ, ରବି ଓ ଚନ୍ଦ୍ର ମକର ରାଶିରେ ପ୍ରବେଶ କଲେ ମାଘ ମାସ ଅମାବାସ୍ୟାରେ ମହାକୁମ୍ଭ ଯୋଗ ପଡ଼େ । କୁମ୍ଭ ମେଳା ୪ ପ୍ରକାରର ହୋଇଥାଏ । ଯଥା- କୁମ୍ଭ, ଅର୍ଧ କୁମ୍ଭ, ପୂର୍ଣ୍ଣ କୁମ୍ଭ ଏବଂ ମହାକୁମ୍ଭ ହୋଇଛି । ଏହି ସବୁ କୁମ୍ଭ ମେଳା ଗ୍ରାହକଙ୍କ ଅନୁସାରେ ଆୟୋଜିତ କରାଯାଏ । କୁମ୍ଭ ମେଳାର ଆୟୋଜନରେ ବର୍ଷର ସମୟ ମଧ୍ୟ ବହୁତ ମହତ୍ୱପୂର୍ଣ୍ଣ ହୋଇଥାଏ ।

କୁମ୍ଭମେଳାର ପ୍ରକାର ଭେଦ ଅନୁସାରେ, ପୂର୍ଣ୍ଣ କୁମ୍ଭ ହେଉଛି ମହାକୁମ୍ଭ : - ମହାକୁମ୍ଭ ଚଳିତ ବର୍ଷ ବର୍ଷ ଅର୍ଥାତ୍ ୨୦୨୫ରେ ପ୍ରୟାଗରାଜ ଠାରେ ଚାଲିଛି । ମହାକୁମ୍ଭ ୧୩ ଜାନୁଆରୀରୁ ଆରମ୍ଭ ହୋଇ ୨୬ ଫେବୃଆରୀ ପର୍ଯ୍ୟନ୍ତ ଶେଷ ହେବ । ଏହା ପୂର୍ବରୁ ୨୦୧୩ ରେ ପ୍ରୟାଗରାଜ ଠାରେ ମହାକୁମ୍ଭ ଆୟୋଜିତ ହୋଇଥିଲା । ୧୨ ବର୍ଷ ପରେ ପ୍ରୟାଗରାଜ୍ ପୁଣି ଆଉଥରେ କୁମ୍ଭମେଳା ଆୟୋଜିତ କରୁଛନ୍ତି । କୁମ୍ଭ ମେଳା :- କୁମ୍ଭ ମେଳାର ଆୟୋଜିତ ପ୍ରାୟାଗରାଜ୍ ବ୍ୟତୀତ ହରିଦ୍ୱାର, ନାଶିକ ଏବଂ ଉଜ୍ଜଇନରେ ମଧ୍ୟ କରାଯାଇଛି । ଏହି ମେଳା ୧୨ ବର୍ଷର ବ୍ୟବଧାନରେ ପାଳନ କରାଯାଏ । ଏଥିପାଇଁ ସମସ୍ତ ଚାରେଟି ସ୍ଥାନ ଗୋଟି, ପରେ ଗୋଟିଏ ଚୟନ କରାଯାଇଛି । ଏହି ସମୟ ମଧ୍ୟରେ ଗଙ୍ଗ, କ୍ଷିପ୍ରା, ଗୋଦାବରୀ ଏବଂ ସଙ୍ଗମ ନଦୀରେ ସ୍ନାନ କରନ୍ତି । ଅର୍ଦ୍ଧ କୁମ୍ଭ :- କୁମ୍ଭ ମେଳା ପରି ଅର୍ଧ କୁମ୍ଭ ମଧ୍ୟ ପ୍ରତି ଛଅ ବର୍ଷ ପରେ ପାଳନ କରାଯାଏ । ଅର୍ଦ୍ଧ କୁମ୍ଭ କେବଳ ଦୁଇଟି ସ୍ଥାନରେ ଆୟୋଜିତ କରାଯାଏ । ଏହି ଦୁଇଟି ସ୍ଥାନ ହେଉଛି- ପ୍ରୟାଗରାଜ୍ ଏବଂ ହରିଦ୍ୱାର୍ । ଅର୍ଦ୍ଧ ର ଅର୍ଥ ଅଧା ହୋଇଥାଏ । ଏଥିପାଇଁ ଏହା ୬ ବର୍ଷ ପରେ ଆୟୋଜିତ କରାଯାଇଥାଏ । ପୂର୍ଣ୍ଣ କୁମ୍ଭ :- ୧୨ ବର୍ଷ ପରେ ପାଳନ କରାଯାଉଥିବା କୁମ୍ଭ ମେଳାକୁ ପୂର୍ଣ୍ଣ କୁମ୍ଭ ମେଳା କୁହାଯାଇଥାଏ । ଚଳିତ ବର୍ଷ ବର୍ଷ ଜାନୁଆରୀ ୨୦୨୫ ରେ ପ୍ରୟାଗରାଜ୍ ଠାରେ ଆୟୋଜିତ ହୋଇ ଚାଲିଥିବା ମେଳା କେବଳ କୁମ୍ଭ ନୁହେଁ ବରଂ ପୂର୍ଣ୍ଣ କୁମ୍ଭ ମେଳା ମଧ୍ୟ ହୋଇଥାଏ । ମହାକୁମ୍ଭ :- ସେହିଭଳି ପ୍ରତି ୧୪୪ ବର୍ଷ ପରେ ଆୟୋଜିତ ହୋଇଥିବା କୁମ୍ଭ ମେଳାକୁ ମହାକୁମ୍ଭ କୁହାଯାଏ । ଏହା କେବଳ ପ୍ରୟାଗରାଜ୍ ଠାରେ ଆୟୋଜିତ କରାଯାଏ । କାରଣ ଏହି କୁମ୍ଭମେଳା ବହୁ ବର୍ଷ ପରେ ଆସେ ଏବଂ ଏଥିପାଇଁ ଏହାର ବିଶେଷ ମହତ୍ତ୍ୱ ରହିଛି ।

କୁମ୍ଭମେଳା ଗୁଡିକ ଜ୍ୟୋତିଷ ଶାସ୍ତ୍ର ଓ ଜ୍ୟୋତିର୍ବିଜ୍ଞାନ ଅନୁସାରେ ମହାକାଶରେ ସୂର୍ଯ୍ୟ, ଚନ୍ଦ୍ର, ବୃହସ୍ପତି ଆଦିଙ୍କ ନିର୍ଦ୍ଦିଷ୍ଟ ରାଶିଚକ୍ରରେ ଅବସ୍ଥିତି ସମୟକୁ ନେଇ ପାଳନ କରାଯାଏ । ପୃଥିବୀ ପୃଷ୍ଠର ଜଳ ରାଶି ଉପରେ ସୂର୍ଯ୍ୟ ଚନ୍ଦ୍ରଙ୍କ ତିଥି ଅନୁସାରେ କ'ଣ ପ୍ରଭାବ ରହିଛି ତାହା ଅମାବାସ୍ୟା ପୂର୍ଣ୍ଣିମା ମାନଙ୍କରେ ସମୁଦ୍ରରେ ଜୁଆର ଉଠିବା ଘଟଣାରୁ କିଛି କିଛି ଜାଣି ହେଉଛି । ତେଣୁ ଆମ ପୂର୍ବଜ ସନାତନୀ ମାନେ ବିନା କାରଣରେ ଏଇ ନିର୍ଦ୍ଦିଷ୍ଟ ତିଥି ମାସ ମାନଙ୍କରେ କୁମ୍ଭ ମେଳା ସ୍ନାନ ପରମ୍ପରା ଆରମ୍ଭ କରି ନାହାନ୍ତି । ଏହାର ଆଧ୍ୟାତ୍ମିକ ଓ ବିଜ୍ଞାନ କାରଣ ମଧ୍ୟ ଅଛି କିନ୍ତୁ ଏ ଦିଗରେ ବୈଜ୍ଞାନିକ ଗବେଷଣା କରିବାକୁ କାହାରି ସେପରି ଆଗ୍ରହ ଥିବା ପରିଲକ୍ଷିତ ହୁଏ ନାହିଁ । କାରଣ ଏଗୁଡ଼ିକ ସପକ୍ଷରେ କୌଣସି ମୂଲ୍ୟବାନ ତଥ୍ୟ ଜଣାପଡିଗଲେ ସନାତନୀ ପରମ୍ପରା ମହିମା ମଣ୍ଡିତ ହୋଇଯିବ ଯେତେବେଳେ କି ସାରା ବିଶ୍ୱର ତଥାକଥିତ ବୁଦ୍ଧିଜୀବୀ ମାନେ ସନାତନୀ ଧର୍ମ ଓ ପରମ୍ପରାକୁ ଧ୍ୱଂସ କରିବାକୁ ଷଡ଼ଯନ୍ତ୍ରରେ ଲିପ୍ତ । ଏପରିକି ଭାରତର କିଛି ହିନ୍ଦୁ ମାନେ ବିଜ୍ଞାନର ଦୁଇ ଅକ୍ଷର ପଢିଦେଲା ପରେ ସେଇ ଗୋଷ୍ଠିର ପ୍ରରୋଚନାରେ ପଡି ଏଗୁଡାକ ଅନ୍ଧ ବିଶ୍ୱାସ, କୁସଂସ୍କାର ବୋଲି କହିବାକୁ ମଧ୍ୟ ପଛାଉ ନାହାନ୍ତି ଯାହା ଖୁବ୍ ନିନ୍ଦନୀୟ ।

# ଅନ୍ତର୍ଜାତୀୟ ଜେବ୍ରା ଦିବସ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର
ଶିକ୍ଷାବିତ୍

ପ୍ରତିବର୍ଷ ଜାନୁଆରୀ ୩୧ ତାରିଖରେ 'ଅନ୍ତର୍ଜାତୀୟ ଜେବ୍ରା ଦିବସ' ପାଳନ କରାଯାଏ । ସେମାନଙ୍କର ପ୍ରାକୃତିକ ପରିସଂସ୍ଥା ଆବାସ ହ୍ରାସ ପାଉଥିବାରୁ ଏବଂ ମାନବୀୟ ବିକାଶ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ, ଏହି କୋମଳ ପ୍ରାଣୀମାନେ ବିପଦରେ ପଡ଼ିଥାନ୍ତି । ଯେତେବେଳେ ବାସସ୍ଥାନ ବିପଦରେ ପଡ଼ିଥାଏ, ପ୍ରାଣୀ ମାନେ ମଧ୍ୟ ବିପଦରେ ପଡ଼ିଯାଆନ୍ତି । ଅନ୍ତର୍ଜାତୀୟ ଜେବ୍ରା ଦିବସ, ସଚେତନତା ବୃଦ୍ଧି କରିବା ଏବଂ ଏହି ପ୍ରାଣୀଙ୍କ ସଂରକ୍ଷଣରେ ଆପଣ କ'ଣ କରିପାରିବେ ତାହା ବିଷୟରେ ସଚେତନତା ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ । ଜେବ୍ରାଗୁଡ଼ିକ ମୁଖ୍ୟତଃ ଆଫ୍ରିକା ମହାଦେଶରେ, କେନିଆ ଏବଂ ଇଥିଓପିଆର ଅର୍ଦ୍ଧ-ମରୁଭୂମି ଅଞ୍ଚଳ ଏବଂ ନାମିବିଆ, ଆଙ୍ଗୋଲା ଏବଂ ଦକ୍ଷିଣ ଆଫ୍ରିକାର ପାହାଡିଆ ଅଞ୍ଚଳରେ ଦେଖାଯାଏ । ଆପଣ ଏକ ଜେବ୍ରାକୁ ଏହାର ଅନନ୍ୟ କଳା ଏବଂ ଧଳା ପଟି ଦ୍ୱାରା ସହଜରେ ଚିହ୍ନଟ କରିପାରିବେ । ଏହି ଦିବସଟି ସମ୍ଭବତଃ ସ୍ମିଥସୋନିଆନର ଜାତୀୟ ଚିଡ଼ିଆଖାନା ଏବଂ ସଂରକ୍ଷଣ ବାୟୋଲୋଜି ଇନଷ୍ଟିଚ୍ୟୁଟ୍ ଭଳି ସଂରକ୍ଷଣ ସଂଗଠନର ଏକ ସଂଘ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଜେବ୍ରାଗୁଡ଼ିକର ଜୀବନଶୈଳୀ ଏବଂ ସେମାନଙ୍କ ସଂଖ୍ୟାକୁ ଆହୁରି ହ୍ରାସରୁ କିପରି ରକ୍ଷା କରାଯାଇପାରିବ ସେ ବିଷୟରେ ସଚେତନତା ବୃଦ୍ଧି କରିବାରେ ସାହାଯ୍ୟ କରିବା ପାଇଁ ଅନ୍ତର୍ଜାତୀୟ ଜେବ୍ରା ଦିବସର ଲକ୍ଷ୍ୟ । ବର୍ତ୍ତମାନ, ଜଙ୍ଗଲରେ ତିନି ପ୍ରକାରର ଜେବ୍ରା ମିଳନ୍ତି । ଏମାନେ ହେଉଛନ୍ତି ଗ୍ରେଭିର ଜେବ୍ରା, ସମତଳ ଭୂମିର ଜେବ୍ରା ଏବଂ ପର୍ବତ ଭୂମିର ଜେବ୍ରା । ଯଦିଓ କେନିଆର ଉତ୍ତର ଅଞ୍ଚଳରେ ଦେଖାଯାଉଥିବା ଗ୍ରେଭିର ଜେବ୍ରା ଅତ୍ୟନ୍ତ ବିରଳ, ଏମାନେ ଏକ ବିଲୁପ୍ତପ୍ରାୟ ଜାତି ଯାହା ଏହାର ମୋଟ ଜନସଂଖ୍ୟାର ୫୪ % ରୁ ଅଧିକ କ୍ଷତି ସହିଛି । ଗତ ତିନି ଦଶନ୍ଧି ମଧ୍ୟରେ ଜେବ୍ରାଗୁଡ଼ିକୁ ସେମାନଙ୍କର ଚମଡ଼ା ଏବଂ ଛାଲ ପାଇଁ ଶିକାର କରାଯିବା ଯୋଗୁଁ ଏହି କ୍ଷତି ଦ୍ରୁତ ଗତିରେ ଘଟିଛି ।

ଜେବ୍ରାର ଅନ୍ୟ ଦୁଇଟି ଉପ-ଜାତି, ଗ୍ରେଭିର ଜେବ୍ରା ତୁଳନାରେ କମ୍ ବିଲୁପ୍ତପ୍ରାୟ । ସମତଳ ଭୂମିର ଜେବ୍ରା ବଢୁଛନ୍ତି ଏବଂ ବିପଦର ସମ୍ମୁଖୀନ ହୁଅନ୍ତି ନାହିଁ । ପର୍ବତ ଭୂମିର ଜେବ୍ରା ଦକ୍ଷିଣ ଆଫ୍ରିକା, ଆଙ୍ଗୋଲା ଏବଂ ନାମ୍ବିଆରେ ବାସ କରନ୍ତି । ଶିକାରର ବିପଦ ସହିତ, ଏହି ଜେବ୍ରାଗୁଡ଼ିକ ସ୍ଥାନୀୟ ଲୋକଙ୍କଠାରୁ ମଧ୍ୟ ବିପଦରେ ଅଛନ୍ତି ଯେଉଁମାନେ ପରିସ୍ଥିତି କଷ୍ଟକର ହେଲେ ମାଂସ ପାଇଁ ସେମାନଙ୍କୁ ଶିକାର କରିପାରନ୍ତି । ଜେବ୍ରାଗୁଡ଼ିକ ସେମାନଙ୍କର ଜୀବନ ବଞ୍ଚିବା ସହିତ ଲଢୁଛନ୍ତି । ଆନ୍ତର୍ଜାତୀୟ ଜେବ୍ରା ଦିବସ ୨୦୨୫ ର ବିଷୟବସ୍ତୁ ଲୋକଙ୍କୁ ଜେବ୍ରା ବିଷୟରେ ଅଧିକ ଜାଣିବା ଏବଂ ସେମାନଙ୍କୁ କିପରି ସୁରକ୍ଷା ଦେବାରେ ସାହାଯ୍ୟ କରିବେ ତାହା ଉପରେ ସଚେତନତା ଜାଗ୍ରତ କରିବା ପାଇଁ ଧ୍ୟାନ କେନ୍ଦ୍ରିତ କରେ । ପ୍ରକୃତିରେ ପ୍ରତ୍ୟେକ ପ୍ରାଣୀର କିଛି ନା କିଛି ଭୂମିକା ଅଛି, ସେମାନଙ୍କୁ ସମ୍ମାନ ଓ ସୁରକ୍ଷା ଦିଅନ୍ତୁ ।


# ସାହିତ୍ୟ ଓ ସଂସ୍କୃତି



ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ-୮୨୪୯୨୮୧୫୬୭

ବ୍ୟକ୍ତି ନିଜର ଭାବନାକୁ ଭାଷା ମାଧ୍ୟମରେ ପରିପ୍ରକାଶ କରିଥାଏ । ଭାଷାର ଯାଦୁକରୀ ସଂଯୋଜନାରେ ସାହିତ୍ୟର ସୃଷ୍ଟି । କାବ୍ୟ ଓ କବିତା ସାହିତ୍ୟର ଏକ ପ୍ରମୁଖ ବିଭାଗ । କବିତା କବି ଆତ୍ମାର ଆତ୍ମନେପଦୀ, କବି ମନର ମୁକୁର, ଚିନ୍ତା ଓ ଚେତନାର ଇନ୍ଦ୍ରଜାଲ, ହୃଦୟ ଯମୁନାର କଳଗୀତି । ଜଣେ କବି ବା ସାହିତ୍ୟିକ ପଙ୍କ ଭିତରେ ପଦ୍ମର ସନ୍ଧାନ କରିଥାଏ । ଯେତେବେଳ ଲିପିର ଉଦ୍ଭାବନ ହୋଇନଥିଲା ସେତେବେଳେ ମଣିଷ ନିଜର ଭାବନାକୁ ଚିତ୍ର ମାଧ୍ୟମରେ ପ୍ରକାଶ କରୁଥିଲା । ତାହା ଚିତ୍ରକଳା ବୋଲି କୁହାଯାଇପାରିବ ଓ ଏହା ମଧ୍ୟ ସାହିତ୍ୟ ଅନ୍ତର୍ଭୁକ୍ତ । ସାହିତ୍ୟ କେବଳ ଭାଷାର ଏକ ଉତ୍କୃଷ୍ଟ ରୂପ ନୁହେଁ; ବରଂ ଏହା ସମାଜ ଓ ସଂସ୍କୃତିର ଆଦର୍ଶ ଛବିକୁ ଲୋକ ଲୋଚନକୁ ଆଣିଥାଏ । ଏହା ଭୋକଭୁଲା ମଣିଷକୁ ଖୋରାକ ଯୋଗାଏ । କଙ୍କାଳ ତଳେ ପ୍ରାଣର ସଂଚାର କରେ, ପଥ ଭୁଲା ମଣିଷକୁ ପଥକୁ ଆଣେ ଓ ଅବସାଦଗ୍ରସ୍ତ ମଣିଷର ମନରେ ଚେନାଏ ହସ ଭରିଦେଇଥାଏ । ସାହିତ୍ୟ ସମାଜର ଦର୍ପଣ ସ୍ୱରୂପ । ଇଂରାଜୀରେ କୁହାଯାଏ Literature is the mirror of society. ଜଣେ ସାହିତ୍ୟିକ ତା'ର ଲେଖନୀ ମାଧ୍ୟମରେ ସମାଜର ଛବିକୁ ସୁନ୍ଦର ଭାବରେ ରୂପାୟିତ କରିବା ସହିତ ସାମାଜିକ ଅବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସମାଜରେ ସୁଧାର ଆଣିବାର ପ୍ରୟାସ କରେ । ଦିନେ ସାହିତ୍ୟ କେବଳ ଆନନ୍ଦ ପାଇଁ ଉଦ୍ଦିଷ୍ଟ ଥିଲା ଓ ତାହା ରାଜା ଜମିଦାରମାନଙ୍କ ମନୋରଞ୍ଜନ ପାଇଁ ଲେଖା ଯାଉଥିଲା, ଯାହାକୁ ଦରବାରୀ ସାହିତ୍ୟ ବୋଲି ଅଭିହିତ କରାଯାଏ, ଏପରିକି ସେହି ଲେଖା ମାଧ୍ୟମରେ ରାଜା ଜମିଦାରମାନଙ୍କ ସ୍ତୁତି ଗାନ କରାଯାଉଥିଲା । କବି ଦୀନକୃଷ୍ଣ ଦାସ ନିଜ କାବ୍ୟ ରସକଲ୍ଲୋଳରେ ଏହାକୁ କଠୋର ସମାଲୋଚନା କରିଛନ୍ତି । ପରବର୍ତ୍ତୀ ଅବସ୍ଥାରେ ସାହିତ୍ୟର ସ୍ୱରୂପ ରେ ପରିବର୍ତ୍ତନ ଆସିଥିଲା ଓ ସାହିତ୍ୟ କେବଳ କାବ୍ୟ କବିତା ଭିତରେ ସୀମିତ ନରହି ଗଳ୍ପ, ନାଟକ, ଉପନ୍ୟାସ, ପ୍ରବନ୍ଧ, ରମ୍ୟ ରଚନା ଆଦି ରୂପରେ ଆତ୍ମପ୍ରକାଶ କଲା, ଯେଉଁଥିରେ ସମାଜର ନିଖୁଣ ଚିତ୍ର ପ୍ରତିଫଳିତ ହେଲା । ସାହିତ୍ୟ ସାଧାରଣ ନିଷ୍ପେସିତର ସ୍ୱର ଭାବରେ ପାଠକୀୟ ଅଦୃତି ଲାଭକଲା । ଯେଉଁ ଲେଖା ବା ସୃଷ୍ଟିଟି ସାର୍ବଜନୀନ ଓ ସାର୍ବ କାଳୀକ ହୋଇଥାଏ ବା ଯାହାକୁ ପାଠ କଲେ ବାରମ୍ବାର ପାଠ କରିବାର ଇଚ୍ଛା ହୁଏ ତାହା ହିଁ ସାହିତ୍ୟ । ସାହିତ୍ୟିକ ତା'ର ସୃଷ୍ଟିର ସ୍ରଷ୍ଟା ଓ ସେ ଦ୍ୱିତୀୟ ପ୍ରଜାପତି । ତା'ର ସୃଷ୍ଟି ଯେତେ ସୁନ୍ଦର ହେବ ସେ ସେତେ ପାଠକୀୟ ଅଦୃତି ଲାଭ କରିପାରିବ । ଜଣେ ସାହିତ୍ୟିକ ତା'ର ଲେଖା ମାଧ୍ୟମରେ ଏକ ସାମାଜିକ ବିପ୍ଳବ ସୃଷ୍ଟି କରିପାରେ । କେତେଜଣ ସାହିତ୍ୟିକ ଓ ଦାର୍ଶନିକଙ୍କ ପାଇଁ ଫ୍ରାନ୍ସରେ ରାଷ୍ଟ୍ର ବିପ୍ଳବ ସଂଗଠିତ ହୋଇପାରିଥିଲା । ସଂସ୍କୃତି ଗୋଟିଏ ଜାତିର ପରିଚୟ । ସଂସ୍କୃତି କହିଲେ ଗୋଟିଏ ଜାତିର ବା ଏକ ସମାଜର ଚାଲିଚଳଣି, ରୀତିନୀତି, ପୋଷାକ, ଅସ୍ଥା ବିଶ୍ୱାସ, ଧର୍ମୀୟ ଭାବନା, କଳା ସାହିତ୍ୟ, ବିଚାର ବ୍ୟବସ୍ଥା ଆଦିକୁ ବୁଝାଇଥାଏ । ସାହିତ୍ୟ ଓ କଳା ସଂସ୍କୃତିର ଏକ ପ୍ରମୁଖ ଅଙ୍ଗ । ଯେଉଁ ଦେଶର ସାହିତ୍ୟ ଓ କଳା ଯେତେ ସମୃଦ୍ଧ ସେ ଦେଶ ସେତେ ସଂସ୍କୃତି ସମ୍ପର୍ଣ୍ଣ । ସାହିତ୍ୟ ଓ ସଂସ୍କୃତି ମଧ୍ୟରେ ରହିଛି ଏକ ନିବିଡ ସମ୍ପର୍କ । ଉଭୟ ଉଭୟଙ୍କ ପରିପୂରକ । ସାହିତ୍ୟିକ ସଂସ୍କୃତିର ମହନୀୟତାକୁ ନିଜ ସୃଷ୍ଟିରେ ପରିପ୍ରକାଶ କରିଥାଏ ଓ ଏହା ସଂସ୍କୃତିର ଜାଗ୍ରତ ପ୍ରହରୀ । କଳା ଓ ସାହିତ୍ୟ ମାଧ୍ୟମରେ ସଂସ୍କୃତି ଲୋକ ଲୋଚନକୁ ଆସିଥାଏ । ଗୋଟିଏ ଜାତି ବା ସମାଜର ଏକ ନିର୍ଦ୍ଦିଷ୍ଟ ସମୟର ରୀତି ନୀତି, ଚାଲିଚଳନ, ଖାଦ୍ୟପେୟ, ପୋଷାକ ପରିଛଦ, ଧାର୍ମିକ ଭାବନା, ଆସ୍ଥା ପରମ୍ପରା, ଭାଷା ସାହିତ୍ୟ, କଳା ଶିକ୍ଷା, ପ୍ରଣାଳୀ ଇତ୍ୟାଦିକୁ ବୁଝାଇଥାଏ । ଏହାକୁ ସାମାଜିକ ଜୀବନଶୈଳୀ ବୋଲି କୁହାଯାଏ । ବୈଦିକ ସଂସ୍କୃତିକୁ ଭାରତର ସବୁଠାରୁ ପ୍ରାଚୀନ ସଂସ୍କୃତି ବୋଲି କୁହାଯାଏ । ବୈଦିକ ଯୁଗରେ ସଂସ୍କୃତ ଭାଷା ମୌଖିକ ଭାବେ ପ୍ରଚଳିତ ଥିଲା । ଲୋକମନେ ପ୍ରକୃତିର ଉପାସକ ଥିଲେ । ଜଙ୍ଗଲରେ ବସବାସ କରୁଥିଲେ ଓ ଜଙ୍ଗଲରେ ଫଳ ମୂଳ ଆହାର କରି ଜୀବିକା ନିର୍ବାହ କରୁଥିଲେ । ଜପତପ, ସାଧନ ଯଜ୍ଞ କରି ଭଗବାନଙ୍କ ଉପାସନା କରୁଥିଲେ । ଧୀରେ ଧୀରେ ମଣିଷ ଜୀବନ ଶୈଳୀରେ ପରିବର୍ତ୍ତନ ହୋଇଥିଲା । ନିଜର ଆବଶ୍ୟକତାକୁ ଅନୁଭବ କରି ଖାଦ୍ୟ, ବସ୍ତ୍ର, ପୋଷାକ, ଚାଲିଚଳଣୀ, ଶିକ୍ଷା ଦୀକ୍ଷାରେ ପରିବର୍ତ୍ତନ ଆସିଥିଲା । ପ୍ରାଚୀନ ଭାରତରେ ଖ୍ରୀଷ୍ଟ ପୂର୍ବ ୨୬୦୦ ବେଳକୁ indus valley ସଭ୍ୟତା ମଣିଷକୁ ଏକ ସାମାଜିକ ଜୀବନ ଯାପନ କରିବାର ପ୍ରେରଣା ଦେଇଥିଲା ବୋଲି ଐତିହାସିକ ମାନେ ମତ ଦିଅନ୍ତି । ଏହାକୁ ଭାରତର ପ୍ରାଚୀନ ସାମାଜିକ ବ୍ୟବସ୍ଥା ବୋଲି କୁହାଯାଏ । ଭାରତ ଏକ ବହୁ ଭାଷୀ, ବହୁ ଧର୍ମବଲମ୍ବୀ, ବହୁ ଜାତି, ବହୁ ସମ୍ପ୍ରଦାୟକୁ ନେଇ ଗଢି ଉଠିଛି କୁହାଯାଏ ବିବିଧତା ଭିତରେ ଏକତା ହିଁ ଭାରତର ଆଦର୍ଶ । ହିନ୍ଦୁ, ଖ୍ରୀଷ୍ଟିଆନ, ମୁସଲମାନ, ଜୈନ, ବୁଦ୍ଧ ଇହୁଦି, ପାର୍ସି, ଶାକ୍ତ, ଗାଣପତ୍ୟ ଧର୍ମବଲାମ୍ବୀ ଲୋକ ଭାରତରେ ବାସ କରନ୍ତି । ମୁସଲମାନମାନେ ଅଲ୍ଲାହାକୁ ପୂଜା କଲାବେଳେ, ମନ୍ଦିର ଓ ମୂର୍ତ୍ତି ପୂଜାକୁ ବିରୋଧ କରନ୍ତି । ଆରବୀ ଓ ଉର୍ଦ୍ଦୁ ଭାଷାକୁ ଗ୍ରହଣ କରିବା ସହିତ ମାଂସ ଭକ୍ଷଣକୁ ନିଜର ଧର୍ମ ସହିତ ଯୋଡିଥା'ନ୍ତି । ବୌଦ୍ଧ, ଜୈନ ଧର୍ମାବଲା ମ୍ବୀ ଲୋକମନେ ମାଂସ ଭକ୍ଷଣକୁ ସମ୍ପୂର୍ଣ୍ଣ ବିରୋଧ କରିଥା'ନ୍ତି । ହିନ୍ଦୁମାନେ ମନ୍ଦିର ଓ ମୂର୍ତ୍ତି ପୂଜାକୁ ପ୍ରାଧାନ୍ୟ ଦେଇଥାନ୍ତି । ପ୍ରତ୍ୟେକ ଧର୍ମର ଲୋକମାନଙ୍କ ଜୀବନ ଶୈଳୀ, ରୀତିନୀତି, ଭାଷା, ଖାଦ୍ୟ ଭିନ୍ନ ଭିନ୍ନ । କହିବାକୁଗଲେ ଗୋଟିଏ ପ୍ରଦେଶରେ ବାସ କରୁଥିବା ଲୋକଙ୍କ ଭିନ୍ନ ଭିନ୍ନ ସଂସ୍କୃତି । ଓଡିଶା କଥା ଯଦି ବିଚାର କରିବା ତା'ହେଲେ ଦେଖିବା ଓଡ଼ିଶାର ଆଦିବାସୀ ସମାଜ ହିନ୍ଦୁ ସତ; କିନ୍ତୁ ସେମାନଙ୍କ ବେଶ ପୋଷାକ, ଆସ୍ଥା ବିଶ୍ୱାସ, ଖାଦ୍ୟପେୟ, କଳା, ସଂଗୀତ, ଭାଷା, ଓଡ଼ିଆ ମାନଙ୍କଠାରୁ ଭିନ୍ନ ଏହା ଏକ ଅଲଗା ସଂସ୍କୃତିର ପରିଚୟ ବହନ କରିଥାଏ ବା ଏହାକୁ ଆଦିବାସୀ ସଂସ୍କୃତି ବୋଲି ଅଭିହିତ କରାଯାଏ । ଓଡିଶାର ସଂସ୍କୃତିକୁ ଜଗନ୍ନାଥ ସଂସ୍କୃତି ବୋଲି ମଧ୍ୟ ଅଭିହିତ କରାଯାଏ । ଓଡ଼ିଆର ପୋଷାକ, ଖାଦ୍ୟ, ବାରମାସରେ ତେର ପର୍ବ ପାଳନ କରିବାର ପରମ୍ପରା, ନୃତ୍ୟ ସଂଗୀତ ସବୁ କିଛି ଜଗନ୍ନାଥଙ୍କ ନିତିକାନ୍ତି ସହିତ ସମାନ । ଓଡ଼ିଆର ପ୍ରିୟ ପଖାଳ ଭାତ ମଧ୍ୟ ପ୍ରଭୁଙ୍କ ନିକଟରେ ଲାଗି ହୁଏ । ଓଡ଼ିଶାର ଓଡିଶୀ ନୃତ୍ୟ ମଧ୍ୟ ଜଗନ୍ନାଥଙ୍କ ନିକଟରେ ପ୍ରଦର୍ଶନ କରାଯାଏ । ଓଡ଼ିଶାର ସଂସ୍କୃତି ଯଥା-ଖାଦ୍ୟ, ଚାରୁକଳା, ସଂଗୀତ, ପୋଷାକ ଏକ ନିଆର । ପୂର୍ବ ଓଡ଼ିଶାର ସଂସ୍କୃତି ଓ ପଶ୍ଚିମ ଓଡ଼ିଶାର ସଂସ୍କୃତି ଭିତରେ ମଧ୍ୟ ପାର୍ଥକ୍ୟ ପାରିଲକ୍ଷିତ ହୋଇଥାଏ । ଭାରତୀୟ ସଂସ୍କୃତି କହିଲେ ମନ୍ଦିର ସଂସ୍କୃତି ଓ ତା'ର ଶିକ୍ଷା ବ୍ୟବସ୍ଥା ଗୁରୁକୁଳ ଆଧାରିତ । ଗୁରୁକୁଳରେ ରହି ବ୍ୟକ୍ତି ନିଜକୁ ଜଣେ ସଂସ୍କାରୀ ଓ ରାଷ୍ଟ୍ର ପ୍ରେମୀ ବ୍ୟକ୍ତି ଭାବରେ ନିଜକୁ ଗଢି ତୋଳୁଥିଲେ । ଯେତେବେଳେ ବିଦେଶୀମାନେ ଭାରତକୁ ଅଧିକାର କଲେ ସେତେବେଳେ ସେମାନେ ଭାରତୀୟ ସଂସ୍କୃତିକୁ ନଷ୍ଟ କରିବାକୁ ଯାଇ ସମସ୍ତ ହିନ୍ଦୁ ମନ୍ଦିର ଭାଙ୍ଗି ମସଜିଦ୍ ତିଆରି କଲେ । ଠିକ୍ ସେଇଭଳି ବ୍ରିଟିସର୍ସମାନେ ଭାରତୀୟ ଗୁରୁକୁଳ ଶିକ୍ଷା ପଦ୍ଧତିକୁ ବନ୍ଦ କରିଦେଇ ଇଂରାଜୀ ପାଠ୍ୟକୁ ପ୍ରଚଳନ କଲେ । ଫଳରେ ଭାରତୀୟ ସଂସ୍କୃତି ଆମ ଲୋକମାନେ ଭୁଲିଯାଇ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କଲେ । ଫଳରେ ଲୋକଙ୍କ ମନରେ ରାଷ୍ଟ୍ର ପ୍ରେମ ବଦଳରେ ସ୍ୱାର୍ଥପରତା ପ୍ରବେଶ କରିବାକୁ ଲାଗିଲା । ଓଡିଶାର ଲୋକମାନେ କିଭଳି ନିଜ ସଂସ୍କୃତିକୁ ଦୂରେଇଦେଇ ପାଶ୍ଚାତ୍ୟ ସଂସ୍କୃତି ପଛରେ ଗୋଡାଉଥିଲେ ତା'ର ନିଖୁଣ ଚିତ୍ର ଫକୀର ମୋହନ ସେନାପତିଙ୍କ କବିତା 'ମୁଁ ହାଟ ବାହୁଡା'ରେ ପ୍ରତିଫଳିତ ହୋଇଛି । ଉତ୍କଳ କଳାର ଦେଶ ହୋଇଥିବାରୁ ଏହାର ନାଁ ଥିଲା ଉତ୍କଳ । ହଜାର ହଜାର ବର୍ଷ ତଳେ ଓଡ଼ିଶାର ଚାରୁକଳା ଓ କାରୁକଳା, ବାଣିଜ୍ୟ କଳା ଥିଲା ଅତ୍ୟନ୍ତ ଉଚ୍ଚକୋଟିର । ଉତ୍କଳର ବଣିକ ବିଭିନ୍ନ ଦେଶକୁ ସମୁଦ୍ର ପଥରେ ନୌକା ମାଧ୍ୟମରେ ଯାଇ ବାଣିଜ୍ୟ କରୁଥିଲେ । ନୌକା ତିଆରି କରିବାର କଳା ଓଡ଼ିଆମାନଙ୍କୁ ଜଣା ଥିଲା । ଓଡ଼ିଶାର ସଂସ୍କୃତି ଏତେ ସମୃଦ୍ଧ ଥିଲା ତା'ର ପ୍ରତିଫଳନ ତତ୍କାଳୀନ ମନ୍ଦିରଗୁଡିକରେ ଦେଖିବାକୁ ମିଳେ । ଏପରିକି ଓଡିଶାର ବଣିକମାନେ ଜାଭା, ସୁମାତ୍ରା ଓ ସିଂହଳ ପ୍ରଭୃତି ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । ଆଜି ସେହି ଦେଶଗୁଡିକରେ ଓଡିଶାର ସଂସ୍କୃତି ଦେଖିବାକୁ ମିଳିଥାଏ । ପଥର ଦେହରେ ସୁକ୍ଷ୍ମ କଳାକୃତ୍ତୁ ଦେଖିଲେ ଜଣାପଡେ ଯେ ହଜାର ବର୍ଷ ତଳେ ଆମ କଳା ବା ସଂସ୍କୃତି କେତେ ମହାନ ଥିଲା । ଆଜିର ଯୁବ ସମାଜ ଭାରତୀୟ ସଂସ୍କୃତିକୁ ଭୁଲି ଯାଇ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରିବାକୁ ଯାଇ ଭାଲୋଇନ୍ ଡେ, ରୋଜ ଡେ, ଫାଦରର୍ସ ଡେ ଆଦି ପାଳନ କରୁଛି । ଜନ୍ମ ଦିନରେ ମନ୍ଦିର ଯିବା ପରିବର୍ତେ କେକ୍ କାଟୁଛି । ବିବାହର ପବିତ୍ର ବନ୍ଧନକୁ ଭୁଲି ଲିଭ ଇନ ରିଲେସନ୍‌ରେ ରହିବାକୁ ପସନ୍ଦ କରୁଛି । କହିବାକୁ ଗଲେ ଭାରତୀୟ ସଂସ୍କୃତି ଆଜି ଅଲୋଡ଼ା ଓ ଅଖୋଜା ହେଇଯାଇଛି, ଯାହା ଫଳରେ ପାରିବାରିକ ବିଶୃଙ୍ଖଳା ଦେଖା ଦେବା ସହିତ ବାପା ମା' ବୁଢା ବୁଢ଼ୀ ହେଲେ ସେମାନଙ୍କ ସେବା ପରିବର୍ତ୍ତେ ପୁଅ ମାନେ ତାଙ୍କୁ ବୃଦ୍ଧାଶ୍ରମକୁ ପଠେଇଦେବାକୁ ଉଚିତ ମନେ କରୁଛନ୍ତି । ପରିବାର ଭିତରେ ଥିବା ସ୍ନେହ, ମମତା ଓ ଭଲପାଇବା ଆସ୍ତେ ଆସ୍ତେ ହଜିଯାଉଛି । ମୋଟା ମୋଟି କହିବାକୁ ଗଲେ ସଂସ୍କୃତି ପରିବର୍ନଶୀଳ । ସମୟ ସ୍ରୋତରେ ତାହାର ପରିବର୍ନ ଆସିଥାଏ । ଠିକ ଆଜିର ଯୁବ ସମାଜ ଭାରତୀୟ ସଂସ୍କୃତିକୁ ଭୁଲିଯାଇ ପାଶ୍ଚାତ୍ୟ ସଂସ୍କୃତିର ଗୁଣ ଗାନ କରୁଛି । ଫଳରେ ବିଧର୍ମୀମାନଙ୍କ ଚକ୍ରାନ୍ତର ଶିକାର ହେଉଛି ଓ ନିଜ ଧର୍ମ ଓ ସଂସ୍କୃତିର ମହନୀୟତାକୁ ଭୁଲିଯାଇ ଅନ୍ୟ ଧର୍ମକୁ ଗ୍ରହଣ କରୁଛି । ଆସନ୍ତୁ ଆମେ ସମସ୍ତେ ଆମ ଦେଶର ଗୌରବମୟ ଓ ମହାନ୍ ସଂସ୍କୃତିକୁ ଆପଣାଇବା ସହିତ ନିଜକୁ ଜଣେ ଆଦର୍ଶ ଭାରତୀୟ ଭାବେ ଗର୍ବ କରିବା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ଅମୂଲ୍ୟ ସମ୍ପଦ

**ନଗେନ୍ଦ୍ରନାଥ ପଟ୍ଟନାୟକ**

ଆଲମାରିରେ ସଖାଦିଥିବା ନିଜର କିଛି ଦୁର୍ଲ୍ଲଭ ଜିନିଷ ଖୋଜାଖୋଜି କରି ନପାଇଲାରୁ ଅଗତ୍ୟା ଧର୍ମପତ୍ନୀ ଲକ୍କର ଭିତରୁ ଜିନିଷଟି ବାହାର କରି ଆଣିଲେ । ଜିନିଷ ଭିତରେ ରୁପା ତିଆରି ଡିବାଟିଏ ରଖାଯାଇଥିଲା । ବେଶ୍ ସନ୍ତର୍ପଣରେ କଳାତ୍ମକ କୌଶଳରେ ଗଢା ହୋଇଥିଲା କମକୁଟଭରା ଡିବାଟି । ଆଝଲସା ବିରଳ ଚିଜଟେ । ଡିବାଟିରେ ଛୋଟିଆ ତାଲାଟେ ଲଗାଯାଇଥିଲା । ମତେ ଆଉ ପିଲାପିଲିଙ୍କୁ ସେଥିରେ ହାତ ମାରିବାକୁ ଦେଉନଥିଲେ ଧର୍ମପତ୍ନୀ । ଧର୍ମପତ୍ନୀ ସଦାବେଳେ କହନ୍ତି- ତହିଁରେ ମୋର ଅମୂଲ୍ୟ ସମ୍ପଦ ରହିଛି, ଜିଇଁଥିବାଯାଏ କାହାରିକୁ ଛୁଆଇଁ ଦେବିନି ।

ଧର୍ମପତ୍ନୀ ଦିନେ ହରବର ହୋଇ ଲକ୍କର ବନ୍ଦ କରିବାକୁ ଭୁଲିଗଲେ । ସେଇ ରୁପା ତିଆରି ଛୋଟକାଟର ବାକ୍ସ ଭିତରେ ରଖାଯାଇଥିବା ସେଇ ଅମୂଲ୍ୟ ସମ୍ପଦକୁ ନିରେଖି ଦେଖିବା ପାଇଁ ବ୍ୟାକୁଳ ହୋଇଉଠିଲି । ମୋ ମନରେ ବଳବତୀ ଇଚ୍ଛା ଜାଗି ଉଠିଲା । ଆତୁର ହୋଇ ଛୋଟିଆ କମକୁଟ ବାକ୍ସଟିକୁ ଆଲମିରା ଭିତରୁ କାଢି ଆଣିଲି । ସେଟାକୁ ହଲେଇ ହଲେଇ ଦେଖିଲି ବାକ୍ସଟି ଭିତରୁ ମୁଦ୍ରା ଗୁଡ଼ିକର ଠନ୍‌ଠନ୍ ହାଲ୍‌କା ଶବ୍ଦ ଶୁଣଗଲା ମତେ । ଲାଗିଲା, ଧର୍ମପତ୍ନୀ ଐତିହାସିକ ମହତ୍ତ୍ୱ ବହନ କରୁଥିବା ସୁନା ଓ ରୁପା ମୁଦ୍ରା ଗୁଡ଼ିଏ ସମ୍ଭାଳି ରଖିଛନ୍ତି ।

ମୋର ଉତ୍ସାହ ଓ ଉତ୍କଣ୍ଠା ଆହୁରି ବଢ଼ିଗଲା । କୋଉ ପ୍ରକାର ମୁଦ୍ରା, କେତେ ମୁଦ୍ରା ସେଗୁଡ଼ିକର ଦାମ୍ କେତେ ହେବ ଏମିତି ଏକାଧିକ ପ୍ରଶ୍ନ ମନ ମସ୍ତିଷ୍କକୁ ଆନ୍ଦୋଳିତ କରୁଥିଲା । ଟିକେ ଖୋଜାଖୋଜି କଲାପରେ ବାକ୍ସଟିର ଚାବିଟା ମିଳିଗଲା । କୌତୁହଳରେ ବାକ୍ସଟି ଖୋଲି ଦେଖେତ ତହିଁରେ ଗୋଟେ ଥଳି ଅଛି । କନାରେ ତିଆରି ପୁରୁଣା କାଳିଆ ଥଳି । ଥଳିଟିକୁ କୌଣସିମତେ ଚିହ୍ନି ପକେଇଲି । ସେଟାକୁ ମୋ ଶାଶୁ ଦେଇଥିଲେ ମୋ ଧର୍ମ ପତ୍ନୀକୁ । ଶାଶୁ ମୃତ୍ୟୁଶଯ୍ୟାରେ ପଡ଼ି କଷ୍ଟ ଯନ୍ତ୍ରଣା ଭୋଗୁଥିବା ବେଳେ ଆମେ ଦୁହେଁ ତାଙ୍କୁ ଟିକେ ଦେଖିବା ପାଇଁ ଯାଇଥିଲୁ । ଲୁହ ଛଳ ଛଳ ଆଖି ଆଉ କଂପିତ ହାତରେ ସେ ଥଳିଟିକୁ ପତ୍ନୀ ହାତରେ ଧରାଇଦେଲେ । ତାଙ୍କ ତୁଣ୍ଡକଥା କେଇପଦ ମୋର ମନେ ପଡୁଛି- ନେଏ ଝିଅ, ତୋ ମା' ପାଖରେ ଏତିକିମାତ୍ର ଥିଲା ଦବା ପାଇଁ ।

ମୁଁ ଥଳିଟି ଖୋଲି ପଲଟେଇ ଦେଖିବା ମାତ୍ରେ ଧର୍ମ ପତ୍ନୀଙ୍କ ସେଇ ଅମୂଲ୍ୟ ସମ୍ପଦ ଟେବୁଲ ଉପରେ ବିଛେଇ ହୋଇଗଲା । ସେଥିରେ ଯେତିକି ପଡ଼ିଥିଲା ତାହା ଭିତରୁ ବର୍ତ୍ତମାନର ହିସାବରେ ଗାଏମୋଟ ଆଠଟି ମୁଦ୍ରା ଥିଲା । ଦୁଇଟଙ୍କିଆ ମୂଲ୍ୟର ତିନିଟି ମୁଦ୍ରା, ଟଙ୍କିକିଆ ମୂଲ୍ୟର ତିନୋଟି ମୁଦ୍ରା ଆଉ ପଚାଶ ପଇସା ମୂଲ୍ୟର ଯୋଡିଏ ମୁଦ୍ରା । ଇମିତି ମୋଟ ଦଶ ଟଙ୍କା ।

ବହୁ ସମୟ ଧରି ଅପଲକ ଆଖିରେ ମୁଦ୍ରାଗୁଡ଼ିକୁ ନିରେଖି ଦେଖିଲି । ପୁଣି ଏକାଗ୍ର ଚିତ୍ତରେ ଗୋଟି ଗୋଟି କରି ସବୁ ମୁଦ୍ରାତକ ଥଳିରେ ପୂରାଇ ରଖିଲି । ଯେପରିକି କେହିବି ସେଟାକୁ ହାଲ୍‌କା ଭାବରେ ରଗଡ଼ି ନଦିଏ ।

*ଲେନ୍ ନଂ-୯, ପ୍ଲଟ୍ ନଂ- ୪୫୬*
*ଲକ୍ଷ୍ମୀ ସାଗର କେନାଲ ରୋଡ,*
*ଭୁବନେଶ୍ୱର*
*ମୋ- ୯୪୩୮୩୩୨୧୩୮*



# ଆସ ମାଆ ଶାରଦା

**ନଳିନୀ ଦାଶ**

ଆସ ମାଆ ଶାରଦା ମରତ ଭୂଇଁକୁ
ବୀଣା ବହି ହାତେ ଧରି
ଚଉଆଡ ଦିଶେ ଉତ୍ସବ ମୁଖର
ପୂଜା କରିବୁ ତୁମରି

ହେ ବିଶ୍ୱବନ୍ଦିନୀ ଭୁବନ ମୋହିନୀ
ହଂସବାହାନରେ ଆସ
ସଙ୍ଗୀତସ୍ୱରୂପା ମାଗୋ ବିଶ୍ୱରୂପା
ଝରାଅ ତୁମ ଆଶିଷ

କମଳଲୋଚନୀ ଶ୍ୱେତପଦ୍ମାସନୀ
ବିଦ୍ୟାଦାତ୍ରି ସରସ୍ୱତୀ
ତୁମକୁ ପୂଜିବୁ ଆନନ୍ଦ ମନରେ
ଜାଳିଦିଅ ଜ୍ଞାନ ଜ୍ୟୋତି

ଚଉଷଠି କଳା ତୁମ ପାଖେ ଦେବୀ
ଶୁକ୍ଳବସ୍ତ୍ର ପରିହିତା
ମାଗୋ ସରସ୍ୱତୀ ମାତା ଭଗବତୀ
ଜଗତେ ସଦା ପୂଜିତା

ଆସ ମାଆ ବରଦା ସୁଖଦା ଶୁଭଦା
ସବୁରି କଣ୍ଠରେ ବସ
ତୁମେ ଜ୍ଞାନବୀଣା ବଜେଇ ଦିଆମା
ଝରିଯାଉ ଜ୍ଞାନରସ

ତୁମ କୃପା ହେଲେ ମୂରୁଖ ହୁଅଇ
ମହାଜ୍ଞାନୀ ସୁପଣ୍ଡିତ
ଦୟା କଲେ ମାଆ ଅଜ୍ଞାନୀ ପାଖରେ
ଜ୍ଞାନୀ ହୁଏ ପରାଜିତ

ଲୋଡାନାହିଁ ଧନ ମାଗୁଛି ମାଆଗୋ
ଜ୍ଞାନ ବିତରଣ କର
କରୁଣା ଝରାଅ ଜଗତରୁ ହେଉ
ଅଜ୍ଞାନ ଅନ୍ଧାର ଦୂର

କବି ରଚିଥାନ୍ତି ନାଟକ ଗପ ଓ
ମରମ ଛୁଆଁ କବିତା
ବୁଦ୍ଧି ବିଦ୍ୟା ବଳେ ଜ୍ଞାନ ଗାରିମାରେ
ହୁଅନ୍ତି ଜଗତଜିତା ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୪୮୯୯୬୬୪୯*

# ଅବସାନ

**ଶରତ ଦାଶ**



ଶୂନ୍ୟ ହୃଦୟ ପୂର୍ଣ୍ଣ କରିବା
ସମ୍ଭାବନା ଆଉ ନାହିଁ
ଭାଙ୍ଗିଗଲା ପରେ ଯୋଡିବା କାଚକୁ
ସମ୍ଭବ କି ହୁଏ କାହିଁ
ସ୍ୱାଧୀନତା ସିନା ମିଳେ ପରାଧୀନ
ଶାସନତନ୍ତ୍ର କବଳୁ
ମିଳଇ କି ତାହା ପ୍ରପୀଡ଼ନ ଯେବେ
ଉଦ୍ଭବ ମାନସରୁ
ପରାଧିନତାର ଅଭ୍ୟାସ ଯାହାର
ହୋଇଲାଣି ପୁରାତନ
ସେ କି ପାରେ ବୁଝି ସ୍ୱାଧୀନତା ମର୍ମ
ଦେଇପାରେ ତାରେ ମାନ
ଭଲ ଲାଗେ ଯାକୁ ଭିଖାରି ପ୍ରକୃତି
ମାଗଣାରେ ସବୁ ଲୋଡା
ସ୍ୱାଧୀନତା ଅର୍ଥ ସେ କାହୁଁ ବୁଝିବ
ବୁଝିବ ବନ୍ଧନ ପୀଡା
ଗଣତନ୍ତ୍ର ନୁହେଁ ଜନତାର ତନ୍ତ୍ର
ନେତା ଛତ୍ରଛାୟା ତଳେ
ଏକଛତ୍ରବାଦ ନୁହେଁ ବେଶି ଦୂର
ବ୍ୟକ୍ତିପୂଜା ଯହିଁ ଚଳେ
ସମତା ନ୍ୟାୟର ଭିତ୍ତିଭୂମି ପରେ
ତିଷ୍ଠି ରହେ ଜନତନ୍ତ୍ର
ଯେଉଁଠି ବୈଷମ୍ୟ ବିଭେଦ ଦୁରୁସ୍ତ
ସେଠି ବ୍ୟର୍ଥ ସବୁ ସୂତ୍ର
ସ୍ୱାଧୀନତା ମିଳୁ ସର୍ବ ପ୍ରଥମେ
ଭୟ ଈର୍ଷା କ୍ରୋଧ ଲୋଭୁ
ଷଡ ଶତ୍ରୁ ନାଶି ଅବାଧ ମାନସ
ଅମୃତର ସ୍ୱାଦ ଲଭୁ
ମିଳୁ ସ୍ୱାଧୀନତା ଅଧର୍ମ ଅନ୍ୟାୟ
ଅନାଚର କବଳରୁ
ସତ୍ୟ ଦର୍ଶନ କରିବାର ଶକ୍ତି
ମିଥ୍ୟାକୁ ବେଗେ ମାରୁ
କରିଦିଅ ପ୍ରଭୁ ସ୍ୱାଧୀନ ସଭିଙ୍କୁ
ରୋଗ ଋଣ ଶତ୍ରୁ ନାଶି
ସ୍ୱାଧୀନ ଦେଶ ମୋ ଅତି ଆନନ୍ଦରେ
ଦେଉଥାଉ ସଦା ହସି
ଅଭାବ କଷଣ ଅଶାନ୍ତିରୁ ମିଳୁ
ସମସ୍ତଙ୍କୁ ପରିତ୍ରାଣ
ମିଳୁ ସ୍ୱାଧୀନତା ଜୀବନ ଯନ୍ତ୍ରଣା
ବେଗେ ହେଉ ଅବସାନ ।

*ଭୁବନେଶ୍ୱର*

# ଡୋରୀ

**ସଂଯୁକ୍ତା ଦାଶ**



କେଉଁଠି ଥାଏ ସେ ଡୋରୀ
କେମିତି ବାନ୍ଧି ଦିଏ
କାହାକୁ ବାନ୍ଧି ନିଏ ?
ମନ ଦେହ ନା ଆତ୍ମାକୁ ?
ଚିନ୍ତା ଚେତନା ନା ସମର୍ପିତ କେଉଁ ଦ୍ୟୋତନାକୁ
ସେ ଡୋରର ଅଦୃଶ୍ୟ ଆକର୍ଷ
କେତେ ତାର ବେଗ କେତେ ସେ ଶକ୍ତ
ସବୁ ନାହିଁ ନାହିଁକୁ ହଁ କରିଦିଏ
ସବୁ ବନ୍ଦ କବାଟକୁ ଖୋଲି ଦିଏ
ସଂସାର ଯାକର ସବୁ ରାସ୍ତା
ଗୋଟିଏ ଠିକଣାରେ ଆଗେଇ ଚାଲନ୍ତି
ମାଟିରୁ ଆକାଶ ନଇ ପାହାଡ ଜନପଦ
ସବୁଠାରେ ଦିଶୁଥାଏ ଖାଲି ସେଇ ନୀଳକାନ୍ତି !

କେବେ ଡୋର ଅଟକି ଯାଏ
ଗରୁଡ ସ୍ତମ୍ଭ ପାଖରେ ତ ଆଉ କେବେ
ବାଇଶି ପାହାଚରେ
ବେଢା ଭିତରର ଜନ ସମୁଦ୍ରରେ
ଠେଲି ହୋଇ ଶୂନ୍ୟେ ଶୂନ୍ୟେ
ପହଁରି ଗଲାବେଳେ ଲାଗେ
ଡୋରି ବୋଧେ ଗଲାଣି ହୁଗୁଳି
ସାତପାହାଚର ବନ୍ଦ ଦ୍ୱାର
ଏପଟେ ନାହିଁ ନଥିବା ଭିତର ହୁଙ୍କାର
କାଳିଆ ଦର୍ଶନ କାର୍‌ଗିଲ୍ ଯୁଦ୍ଧ ବିଜୟ ପରି
ବିରଳ ଅନୁଭବ ଆବାଳ ବୃଦ୍ଧ ବନିତାର
ହତାଶ ଦୃଷ୍ଟି ନିରବରେ ଦେଖୁଥାଏ
ସତେ କ'ଣ ଭିତର କାଠ ଯାଏଁ
ପହଞ୍ଚିବାର ଭାଗ୍ୟ ଅଛି ତାର ?

ସିଏ ସିନା ଡୋର ଲଗାଇ ଟାଣି ଆଣିଲେ ଏତେ ବାଟ
ମୁଁ ତ ଏବେବି ସଂସାରର ଶହେ ଡୋରରେ ଛନ୍ଦି ହୋଇଛି
ଆଗକୁ ବଢାଇ ପାରୁନି ପାଦ
ସେଥିପାଇଁ ତ ସବୁଥର ପରି ଏଥରବି
କଳା ଶ୍ରୀମୁଖର କେବଳ ବାମ ଚକ୍ଷୁ ଦର୍ଶନ
ଥିଲା ମୋର ଭାଗ୍ୟ !!

*ମୋ- ୮୪୨୦୮୯୬୫୪୬*

# କୁହୁଡ଼ି ଜାଲ

**ଧ୍ରୁବ ଚରଣ ଘିବେଲା**

ଶୀତଦିନେ
ଶୀତ ତା' ସଜ
ସୁବିଧା ଦେଖି
ଜାଲ ବୁଣେ
ଏଠି ସେଠି
ଶୀତ ବୁଣେ ଜାଲ
ପାହାଡ଼ ଡଙ୍ଗରରେ
ସହରରେ ଗାଆଁରେ
ନଈ କୂଳ ଧାରେ
କେବେ କେଉଁ ରାଜରାସ୍ତା ପରେ
ଶୀତ ସବୁଠି
ଜାଲ ବୁଣେ ଏମିତି ଯେ
ସେ ଜାଲରେ ଢାଙ୍କି ରଖେ
ଆଖି ଆଗର ସକଳ ଦୃଶ୍ୟକୁ
ରାସ୍ତା କୋଠାବାଡ଼ି ସବୁକୁ
ଶୀତ ଏମିତି ବାଗେଇ
ଫିଙ୍ଗି ଦିଏ କୁହୁଡ଼ି ଜାଲ ଯେ
ଦିଶି ଆସୁଥିବା ଆଖି ଅଗର
ନଈ ନାଳ ପାହାଡ଼ ଡଙ୍ଗର
ଧିରେ ଧିରେ ଦିଶେନି
ଦୃଶ୍ୟରୁ ହୋଇଆସେ
ଦୃଶ୍ୟାନ୍ତର
କେବେ କେଇ ମୁହୂର୍ତ୍ତ ପାଇଁ ତ
ଆଉ କେବେ ବହୁ ବେଳ ଯାଏ
କୁହୁଡ଼ି ଜାଲ ଆବୋରି
ରହିଥାଏ ସବୁକିଛିକୁ
ଶୀତ ହେଲେ ଯାଇ ମୋହମୁକ୍ତ
ଜାଲ ବୁଣା କାମରୁ ହୁଏ କ୍ଷାନ୍ତ
ହୁଏ ପୁଣି ଅନ୍ତରିତ
ଧିରେ ଧିରେ
ସାପ ତା' ଦେହରୁ
କାତି ଛାଡ଼ିଲା ପରି
ତାପରେ ପୁଣି
ଦିଶିଆସେ ସବୁ ସ୍ୱାଭାବିକ
ଶୀତ ସାଧାରଣତଃ
କୁହୁଡ଼ି ଜାଲ ବୁଣେ
ଶୀତ ସକାଳେ
ଶୀତୁଆ ସଞ୍ଜ ବେଳେ
କେବେ କେବେ ନିଶାର୍ଦ୍ଧରେ
ରାତି ଶୋଇଯାଏ
କୁହୁଡ଼ି ଚଦର ଧରି
କାକର ଶେଯ ପାରି
ଆରାମରେ ନିଶ୍ଚିନ୍ତରେ ।


*ବଉଦରାଜ, ଜି-ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ଉପେକ୍ଷା

**ଅନସୂୟା ପଣ୍ଡା**

ଥକି ଗଲିଣି ବୟସର ଗଡାଣିରେ
ମନଉ ମନଉ ସମ୍ପର୍କମାନଙ୍କୁ
ଆଉ ମନ ନାହିଁ ସଲଖିବାକୁ
ଦୂରେଇ ସେମାନଙ୍କ ଅହଂକାରକୁ
ନିଃଶବ୍ଦ ଅନ୍ଧାର ଆଉଜି ଭିନ୍ନ ଦୁନିଆର
ଅନେକଥର ଫିଙ୍ଗିଛି ଅଭିମାନକୁ
ଅଲୋପ୍ୟ ଆପଣାପଣର ଗହ୍ୱରରେ
ଆବୋରିବାର ଦୁର୍ବାର ଚେଷ୍ଟାରେ
ଗୋଟିଏ ଆକାଶ ତଳେ
ମଧ୍ୟାହ୍ନ ପରି ଯେଝାଯେଝା ଜିଦିରେ
ହେଇପାରେନି ପ୍ରୀତିର ସଂଚର
ଭୋଗବାଦୀ ମର୍ଯ୍ୟାଦାର ଛତ୍ରଛାୟାରେ
ଢଳି ପଡିଲେ ବଦାନ୍ୟତାରେ
ସେମାନେ ଭାବି ନିଅନ୍ତି ସବୁକାଳେ
ପରାହତ ସୈନିକଟିଏ ପ୍ରମାଦରେ
ଭୁଲିଯିବନି କିଛିଦିନ ଗଲେ
ଏଠି ଗଛ ହୁଅ କି ଛାଇ ଦିଅ
ଅନବରତ କଟାହୁଏ ଡାଳପତ୍ର
ଆକ୍ଷେପର କୁରାଢିରେ
ଉପେକ୍ଷାର ଅନ୍ତର୍ଦାହରେ
ମିଛ ଆଶ୍ୱାସନାରେ
ଅସଙ୍ଗତ ଇଚ୍ଛାରେ ହାତକଡି
ଆବେଗରେ ଅନ୍ଧପୁଟୁଳି
ବାନ୍ଧିଦେବା ପରେ ଶାନ୍ତି
ତିଆରିବି ମୋ ଇଚ୍ଛାର ତାରାଫୁଲ
ଜହ୍ନରାତି ପ୍ରଗାଢ ନିଷ୍ଠାରେ ।

*ବୁର୍ଲା, ସମ୍ବଲପୁର*
*ମୋ- ୮୩୨୮୯୪୫୮୮୫*



# ବାଉଁଶ ରାଣୀ

**ପ୍ରେମଲାଲ ବାଗ**

ବାଉଁଶ ଖଣ୍ଡେ ଧରି
ଦଉଡ଼ି ଉପରେ ପାଦ ଥୋଇ
ଶୂନ୍ୟେ ଝୁଲି ରହିଛି
ବାଉଁଶ ରାଣୀ,
ମନଭରି ଗାଏ, ନାଚେ ଶୁଏ ବି
ଉଆସ ଭାବି,
ଠିକ୍ କି ଭୁଲ ତା'ବି ଜାଣିନି
ଅନବରତ ଖେଳ ଦେଖେଇ ଚାଲିଛି

କେମିତି ବା ଜାଣିବ !!
ପାଞ୍ଚ ଛଅ ବର୍ଷରୁ
ନିତି ପେଟ ଚାଖଣ୍ଡେ ପାଇଁ
ଜୀବନକୁ ସମର୍ପି ଦେଇଛି
ଉପରବାଲା ହାତରେ
ସାଙ୍ଗ ସାଥି ସହିତ
ଗେଲ ଗରଦ
ନା ଗାଁ ଯାନିଯାତ୍ରା
ଦେବା ସଉକ,
ଅବା ସ୍କୁଲକୁ ଯିବାର ସୁଯୋଗ
ସବୁ ତା ପାଇଁ ସାତ ସପନ ହେଇଛି

କେଉଁଠି
ଗାଁ ବରଗଛ ମୂଳେ ତ
ସ୍କୁଲ ବାରଣ୍ଡା
ଅବା ପଲିଥିନ୍ ତଳେ
ଖରା/ ବର୍ଷା, ଶୀତ ନେଇ ଦିନ କଟେ,
କିଛି ବୁଲା କୁକୁର, ବିଲେଇ ସାଥେ
ଦୁଃଖସୁଖ ହୁଏ
ସାପ ବେଙ୍ଗକୁ ଟିକେ ବି ଖାତିରି ନାହିଁ
ସତେକି ସେମାନେ ତା'ର ଅତି ଆପଣାର

ତଥାପି ସେ ରାଣୀ
ବାଉଁଶ ରାଣୀ !!
କାହିଁକି ନାଁ ତା'ର
କିଛି ଅଭାବ ଅସୁବିଧା
ଥିଲା ପରି ମନେ ହୁଏ ନି,
ବାଉଁଶ ଖଣ୍ଡିକ ହିଁ ତା'ର ରାଜା
ଯାହା ଦରକାର
ସବୁ ଆଣି ଯୋଗାଇ ଦେଉଛି
ଆଉ ଚଳେଇ ନେଉଛି
ତା'ର ସୁଖର ସଂସାର ।

*ଛୋରିଆଗଡ଼, ଜୁନାଗଡ଼, କଳାହାଣ୍ଡି*
*ଦୂରଭାଷ-୯୭୭୭୯୫୯୬୩୪*

# କାବ୍ୟ କଳିକା

**ବେଣୁଧର ସୂତାର**



ରସମୟ ଛନ୍ଦେ ଭାବ ମକରନ୍ଦେ
ନିର୍ଲିପ୍ତ ଭାବନା ତୋଳି
ସିକ୍ତ କଲା ମୋ ହୃଦୟ ବାଟିକା
ପୁଷ୍ପ ସୁରଭି ବୋଳି

ଭାବ ମହଲର ଶବ୍ଦ ଲାଳିତ୍ୟର
ମିଠା ମିଠା ପ୍ରୀତି ଛୁଆଁ
ଭରାଅନୁରାଗେ ବୁକୁତଳେ ଜାଗେ
ଭାବ କେତେ ନୂଆ ନୂଆ

ସୁପ୍ତଚେତନାର ଜାଗୃତିସମ୍ଭାରେ
ମୁକ୍ତ ମୋ ଭାବନା ରାଜି
ପ୍ରଜ୍ଞା ଆବେଗର ସ୍ୱପ୍ନିଳ ଉନ୍ମେଷେ
ଶବ୍ଦ ପୀୟୂଷରେ ଭିଜି

ଶବ୍ଦ ସୁଧା ଝରେ ତନ୍ମୟ ଅନ୍ତରେ
ଗାଏ ପ୍ରୀତି ପଦ୍ମ ତୋଳା
ଭାବକକ୍ଷେ ମଜି ରୂପଚିତ୍ର ଆଙ୍କେ
ଲେଖନୀର ସୂକ୍ଷ୍ମ କଳା

ରସାଣିତ ସୁରେ ସୃଷ୍ଟିର ସମ୍ଭାରେ
ପ୍ରଶାନ୍ତି ଅମିୟ ସ୍ରୋତେ
କାବ୍ୟ କବିତାର ବିମୁଗ୍ଧ ସର୍ଜନା
ଶବ୍ଦମଧୁ ଭାବାଶ୍ରିତେ

କେତେ ନିଶାର୍ଦ୍ଧର
ବିଜନ ବେଳାରେ
ଶବ୍ଦର ମର୍ମର ଧ୍ୱନି
ତନ୍ଦ୍ରା ବିଜଡ଼ିତେ ମନ୍ଦ୍ରସୁରେ ଗାଏ
ଲେଖନୀର ଆବାହିନୀ

ଶବ୍ଦ କହ୍ଲକର ମୋହିନୀ ମାୟାର
ପ୍ରଜ୍ଞାମୟ ସମ୍ମୋହନେ
ଚୈତ୍ୟ ଚେତନା ମୋ
ହୁଏ ଗତିଶୀଳ
ରସମୟ ଅଭିଯାନେ

ପ୍ରଜ୍ଞା ପ୍ରସୂନର ମୋହିତ ମାଳାରେ
ଲୁବ୍ଧପଣେ ମୁଗ୍ଧ ମନ
ବାଣୀ ବିପଣିର ରସମୟ ସ୍ରୋତେ
କବିତାର ମହା ସ୍ନାନ

ସାରସ୍ୱତ ବନେ ଶବ୍ଦର ବ୍ୟଞ୍ଜନେ
ଦିବ୍ୟ ଅନୁଚିନ୍ତା ନେଇ
ସାରସ୍ୱତ ତୀରେ
ଲେଖନୀ ଅର୍ଘ୍ୟରେ
କାବ୍ୟ ହୁଏ କାଳଜୟୀ

ଭୂମି ଠାରୁ ଭୂମା ବ୍ୟାପ୍ତ ପରିସୀମା
କବିତାର ସୁଧା ରସ
କୋଟି ଜନ ମନ ଅନ୍ତର ଭେଦୀ
ଝରାଏ ଅମୃତ ହସ ।

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*



# ସରସ୍ୱତୀ ପୂଜା

**ରାହାସ କୁମାର ବେହେରା**

ବସନ୍ତର ଆଗମନେ ଫୁଲର ସମ୍ଭାର
ପ୍ରକୃତିର ଚିତ୍ର ଶୋଭା ମରତ ଅମ୍ବର
ବିଚ୍ଛୁରିତ ସଂଗୀତରେ ବୀଣାର ମୂର୍ଚ୍ଛନା
ଭାବମୟ ପରିବେଶେ ଭବ୍ୟ ପୂଜାର୍ଚ୍ଚନା
ହଂସର ସଚଳ ଚାଲି ଆହ୍ୱାହନେ ଦେବୀ
ସ୍ୱାଗତ ଜଣାନ୍ତି ନର ନାରୀ ଯେତେ କବି
ପାଠକ, ପାଠିକା ଆଉ ଜ୍ଞାନର ସାଧକ
ଗୁହାରି କରନ୍ତି ପାଦେ ନୁଆଇଁ ମସ୍ତକ
ଆସ ପ୍ରିୟ ବିଦ୍ୟାଦାତ୍ରୀ ଜଗତ ଜନନୀ
ଶ୍ୱେତ ପଦ୍ମାସନୀ ମାଗୋ ଆଶିଷ ଦାୟିନୀ
ମାଘ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ
ବିଜେ ଧୀରେ ଧରଣୀରେ ମୃଣ୍ମୟୀ ରୂପରେ
ଶୁକ୍ଳ ବସ୍ତ୍ର ପରିଧାନେ ଅପୂର୍ବ ଏ ଦୀପ୍ତି
କର୍ଣ୍ଣରେ କୁଣ୍ଡଳ ସାଥେ କଣ୍ଠେ ଗଜମୋତି
ହସ୍ତରେ ପୁସ୍ତକ ମାଗୋ ତୁମେ ସରସ୍ୱତୀ
ଦରଶନେ ଆତ୍ମ ତୃପ୍ତି ଘେନ ଆମ ଭକ୍ତି
ତୁମ ଆଶିଷରେ ମୂର୍ଖ ବୋଲାଏ ପଣ୍ଡିତ
ପାଏ ନିତ୍ୟ ସଫଳତା ଚିହ୍ନଇ ଜଗତ
ଘେନ ଶ୍ରଦ୍ଧା ପୁଷ୍ପାଞ୍ଜଳି ସାଷ୍ଟାମ ପ୍ରଣାମ
ଶାରଦା ବରଦା ହେଉ ସିଦ୍ଧିର ଜନମ
ଅଜ୍ଞାନତା ଅନ୍ଧକାରେ ତୁମେତ ଆଲୋକ
ଭବ୍ୟ ଦରଶନ ପାଇ ସଭିଏଁ ଭାବୁକ
ଗତି, ପ୍ରବାହର ଧାରା ତୁମେ ଗତିଶିଳା
ବିବେକ, ବିଦ୍ୟାର ଉତ୍ସ ଭକତ ବତ୍ସଳା
ଦିଅ ଆଶୀର୍ବାଦ ତୁମରି ପୂଜାରେ
ପ୍ରାପ୍ତ ହେଉ ସଫଳତା ସବୁରି ଧରାରେ ।

*ବାଲ୍ୟମ୍ବା, ଭାପୁର, ଢେଙ୍କାନାଳ-୭୫୯୦୧୫*
*ମୋ-୯୪୩୮୧୧୪୩୬୮*



# ପୂର୍ଣ୍ଣତାର ସ୍ୱପ୍ନ

**ଡ଼ ସୀତାକାନ୍ତ ତ୍ରିପାଠୀ**

ଛି ! ସକାଳୁ ଇଆ ମୁହଁ ଚାହିଁଲାଣି ମଣିଷ ପଦଟିକୁ ଶୁଣି ଆସୁଥିବା ବନ୍ଧ୍ୟା ନାରୀ ପାଇଁ ନଥାଏ ପୁଅ, ଝିଅ, କିମ୍ବା ଦିବ୍ୟାଙ୍ଗ ସନ୍ତାନର ଫରକ ବରଂ ଥାଏ ଖାଲି ମା' ହେବା ପୂର୍ଣ୍ଣତାର ସ୍ୱପ୍ନ।

ଝିଅ ପରେ ଝିଅ ଜନ୍ମ ଦେଇ, ବାରମ୍ବାର ଗର୍ଭପାତ କରି ଥକି ଯାଇଥିବା ମା' ପାଇଁ ପୁଅଟିଏ ହିଁ କାମନା ତେଣିକି ଗୁଣର ହେଉ କି ଅବିଗୁଣର, ଏୟା କୁଆଡେ ତାର ପୂର୍ଣ୍ଣତାର ସ୍ୱପ୍ନ ?

ବଡ଼ ଘର ଭଲ ବର ପାଇବାର ମତୁଆଲା ଝିଅର ମନକୁ ଦୂର ପରବତ ଆଉ ଦୂର ବନ୍ଧୁ ସୁନ୍ଦର କଥାଟି ବେଶ ପାଏ, ତେଣିକି ସିଏ ଚୋରା ଚାଲାଣ ହେଇଯାଉ, ତା ମନରେ ତ ଅସୁମାରୀ ପୂର୍ଣ୍ଣତାର ସ୍ୱପ୍ନ।

ଅବିବାହିତା ମାତୃତ୍ୱରୁ ମୁକ୍ତି ପାଇଁ ସନ୍ତାନପ୍ରାପ୍ତି ହୋଇଯାଏ କାଳ, ବାଞ୍ଛିତ ପୁରୁଷ ହୋଇଯାଏ ସାତପର ଆଉ କୁମାରିତ୍ୱ ଫେରି ପାଇବାରେ ଭରିଯାଏ ତାର ପୂର୍ଣ୍ଣତାର ସ୍ୱପ୍ନ।

ଅତୀତର ରୂପ ଆଉ ଗୁଣରୁ ମୁକ୍ତି ପାଇ ପ୍ରଜାପତି ଉଡ଼ିଚାଲେ ଏ ଫୁଲରୁ ସେ ଫୁଲକୁ ଆଉ ଭୟ ନଥାଏ ତା ମନରେ ତାକୁ କାଳେ କିଏ ଆହାର କରିନେବ ବୋଲି, ଏହା କାଳେ ତାର ପୂର୍ଣ୍ଣତାର ସ୍ୱପ୍ନ।

ଶୂନ୍ୟତା ଆଉ ପୂର୍ଣ୍ଣତା ଭିତରେ କେତେ ଫରକ ଆଉ ଦୂରତା ଯିଏ ମାପିଛି ସିଏ ଜାଣିଛି, ଥାଇ ନଥିଲା ପରି ଆଉ ନଥାଇ ଥିଲା ପରି ଭାବିଛି ଆଉ ଦେଖିଛି ଦୁଃଖ ଆଉ ସୁଖ ଭିତରେ ଥିବା ପୂର୍ଣ୍ଣତାର ସ୍ୱପ୍ନ ।

*ଅର୍ଣ୍ଣପାଳ, ଭଦ୍ରକ*
*ମୋ- ୯୭୭୮୭୬୪୩୯୪*

# ୪ଥ ଟି-୨୦ରେ ଇଂଲଣ୍ଡକୁ ୧୫ ରନରେ ହରାଇ ସିରିଜ୍ କବ୍‌ଜା କଲା ଟିମ୍ ଇଣ୍ଡିଆ

**ପୁଣେ**




ପୁଣେର ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ ଷ୍ଟାଡିୟମ ଠାରେ ଚାଲି ଥିବା ଭାରତ-ଇଂଲଣ୍ଡ ୪ର୍ଥ ଟି-୨୦ରେ ଇଂଲଣ୍ଡକୁ ୧୫ ରନରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ । ଏହା ସହିତ ଭାରତ ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ କବ୍‌ଜା କରିନେଇଛି ।

ଭାରତ ପକ୍ଷରୁ ରଖାଯାଇଥିବା ୧୮୨ ରନ ଟାର୍ଗେଟ୍ ଜବାବରେ ଇଂଲଣ୍ଡ ୧୯.୪ ଓଭରରେ ୧୬୬ ରନ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ହ୍ୟାରୀ ବ୍ରୁକ ୫୧ ଓ ବେନ ଡକେଟ୍ ୩୯ ରନ କରିଥିଲେ। ସେହିପରି ଫିଲିପ ସଲ୍ଟ ୨୩ ରନ କରିଥିଲେ। ଭାରତ ପକ୍ଷରୁ ରବି ବିଷ୍ଣୋଇ ଓ ହର୍ଷିକ ରାଣା ୩ଟି ଲେଖାଏଁ ୱିକେଟ ନେଇଥିବାବେଳେ ବରୁଣ ଚକ୍ରବର୍ତ୍ତି ୨ଟି ୱିକେଟ ନେଇଥିଲେ।

ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୧୩ ରନରେ ଦଳ ୩ଟି ୱିକେଟ ହରାଇ ସଂକଟରେ ପଡ଼ିଥିଲା । ତେବେ ପରବର୍ତ୍ତୀ ବ୍ୟାଟରମାନେ ଭଲ ପ୍ରଦର୍ଶନ କରି ସ୍କୋରକୁ ଏକ ସମ୍ମାନଜନକ ସ୍ଥିତିକୁ ନେଇଯାଇଥିଲେ । ବିଶେଷକରି ହାର୍ଦ୍ଦିକ ପାଣ୍ଡ୍ୟା ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୩୦ ବଲରେ ୫୩ ରନ କରିଥିଲେ । ସେହିପରି ଶିବମ ଦୁବେ ମଧ୍ୟ ୩୪ ବଲରେ ୫୩ ରନ କରିଥିଲେ । ରିଙ୍କୁ ସିଂ ୩୦ ରନ ଓ ଅଭିଷେକ ଶର୍ମା ୨୯ ରନ କରିଥିଲେ । ଏହି ମ୍ୟାଚରେ ପାକିସ୍ତାନୀ ବଂଶୋଦ୍ଭବ ଦ୍ରୁତ ବୋଲର ସାକିବ ମେହମୁଦ ପ୍ରଥମ ଓଭରରେ ୩ଟି ୱିକେଟ ନେଇ ଆତଙ୍କ ଖେଳାଇ ଦେଇଥିଲେ। ସଞ୍ଜୁ ସାମସନ, ତିଳକ ବର୍ମା ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ସେହି ଓଭରରେ ପ୍ୟାଭିଲିୟନ୍ ଫେରାଇ ଦେଇଥିଲେ। ସେ ନିଜ ପ୍ରଥମ ଓଭରରେ ୩ଟି ଯାକ ୱିକେଟ୍ ନେଇଥିଲେ। ସଞ୍ଜୁ ୧ ରନ୍ କରି ଆଉଟ୍ ହୋଇଥିବା ବେଳେ ତିଳକ ଓ ସୂର୍ଯ୍ୟ ଖାତା ଖୋଲି ପାରିନଥିଲେ। ସୂର୍ଯ୍ୟଙ୍କୁ ବ୍ରାଇଡନ୍ କାର୍ସେ ଧରିଥିଲେ। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୧ ରନ କରିଥିଲା।

## ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ

# ଇଂଲଣ୍ଡକୁ ହରାଇ ବିଶ୍ୱକପ୍ ଫାଇନାଲ୍‌ରେ ଭାରତ

**ନୂଆଦିଲ୍ଲୀ**



ଭାରତ ୨୦୨୫ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ସେମିଫାଇନାଲରେ ଟିମ୍ ଇଣ୍ଡିଆ ଇଂଲଣ୍ଡକୁ ପରାସ୍ତ କରିଥିଲା। ଭାରତୀୟ ୧୯ ବର୍ଷରୁ କମ୍ ଦଳ ଏହି ମ୍ୟାଚ୍‌କୁ ୯ ଉଇକେଟ୍‌ରେ ଜିତିଥିଲା। ଟିମ୍ ଇଣ୍ଡିଆ ପାଇଁ ଜି କମଲିନୀ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଏକ ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୫୦ ବଲ୍‌ରେ ୫୬ ରନ୍‌ର ଏକ ଇନିଂସ ଖେଳିଥିଲେ। କମଲିନୀଙ୍କ ଇନିଂସରେ ୮ଟି ଚୌକା ସାମିଲ ଥିଲା।

ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୮ ଉଇକେଟ ହରାଇ ୧୧୩ ରନ କରିଥିଲା। ଏହି ସମୟରେ ଓପନର ଡାଭିନା ପେରିନ ୪୫ ରନର ଇନିଂସ ଖେଳିଥିଲେ। ସେ ୪୦ଟି ବଲର ସମ୍ମୁଖୀନ ହୋଇଥିଲେ ଏବଂ ୬ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଟ୍ରୋଡି ଜନସନ ୨୫ ବଲ ସାମ୍ନା କରି ୩୦ ରନ କରିଥିଲେ। ସେ ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଏହି ସମୟରେ ଭାରତ ପାଇଁ ଆୟୁଷୀ ଶୁକ୍ଳା ୨ଟି ଉଇକେଟ ନେଇଥିଲେ। ସେ ୪ ଓଭରରେ ୨୧ ରନ ଦେଇଥିଲେ। ପାରିନିକା ଏବଂ ବୈଷ୍ଣବୀ ଶର୍ମା ୩ଟି ଲେଖାଏ ଉଇକେଟ ନେଇଥିଲେ।

ଇଂଲଣ୍ଡ ଦେଇଥିବା ଟାର୍ଗେଟକୁ ପିଛା କରୁଥିବା ଟିମ୍ ଇଣ୍ଡିଆ ମାତ୍ର ୧୫ ଓଭରରେ ମ୍ୟାଚ୍ ଜିତି ନେଇଥିଲା। ଭାରତ ପାଇଁ ଜି କମଲିନି ଏବଂ ଜି ତ୍ରିଶା ଓପନିଂ କରିବାକୁ ଆସିଥିଲେ। ଏହି ସମୟରେ ତ୍ରିଶା ୨୯ ବଲର ସାମ୍ନା କରି ୩୫ ରନ କରିଥିଲେ। ସେ ୫ଟି ଚୌକା ମାରିଥିଲେ। କମଲିନୀ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୫୦ ବଲ୍‌ରେ ଅପରାଜିତ ୫୬ ରନ କରିଥିଲେ। କମଲିନୀଙ୍କ ଇନିଂସରେ ୮ଟି ଚୌକା ସାମିଲ ଥିଲା। ସାନିକା ଚଲକେ ୧୧ ରନ କରି ଅପରାଜିତ ରହିଥିଲେ। ସେ ଗୋଟିଏ ଚୌକା ମାରିଥିଲେ।

୨୦୨୫ ମସିହାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପରେ ଟିମ୍ ଇଣ୍ଡିଆ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ ହାରିନାହିଁ। ଭାରତ ୱେଷ୍ଟଇଣ୍ଡିଜ, ମାଲେସିଆ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ସ୍କଟଲାଣ୍ଡକୁ ପରାସ୍ତ କରିଥିଲା। ସେମିଫାଇନାଲରେ ଟିମ୍ ଇଣ୍ଡିଆ ଇଂଲଣ୍ଡକୁ ପରାସ୍ତ କରିଛି।

# ସଚିନଙ୍କୁ ମିଳିବ ବିସିସିଆଇର ସର୍ବୋଚ୍ଚ ପୁରସ୍କାର

**ନୂଆଦିଲ୍ଲୀ**



କ୍ରିକେଟର ଭଗବାନ ଭାବରେ ଜଣାଶୁଣା ସଚିନ ତେନ୍ଦୁଲକରଙ୍କୁ ବିସିସିଆଇ ଏକ ବଡ଼ ସମ୍ମାନରେ ସମ୍ମାନିତ କରିବାକୁ ଯାଉଛି। ତାଙ୍କୁ ଖୁବ୍‌ଶୀଘ୍ର ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି। ଶନିବାର ମୁମ୍ବାଇରେ ବୋର୍ଡର ବାର୍ଷିକ ସମାରୋହରେ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ଭାରତ ପାଇଁ ୬୬୪ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ୫୧ ବର୍ଷୀୟ ସଚିନ କ୍ରିକେଟ ଇତିହାସରେ ସର୍ବାଧିକ ଟେଷ୍ଟ ଏବଂ ଦିନିକିଆ ରନ୍ ସ୍କୋର କରିବାର ରେକର୍ଡ ରଖିଛନ୍ତି। ଏବେ ତାଙ୍କୁ ୨୦୨୪ ବର୍ଷ ପାଇଁ ସିକେ ନାଇଡୁ ଜୀବନବ୍ୟାପୀ ସାଧନା ପୁରସ୍କାର ମିଳିବ ବୋଲି ଚର୍ଚ୍ଚା ହେଉଛି। ହେଲେ ଏପର୍ଯ୍ୟନ୍ତ ବିସିସିଆଇ ପକ୍ଷରୁ କୌଣସି ଅଧିକାରୀକ ଘୋଷଣା କରାଯାଇନାହିଁ।

ସଚିନ ୨୦୦ ଟେଷ୍ଟ ଏବଂ ୪୬୩ ଦିନିକିଆ ଖେଳିଛନ୍ତି, ଯାହା କ୍ରିକେଟ ଇତିହାସରେ ଅନ୍ୟ ଖେଳାଳିଙ୍କଠାରୁ ସର୍ବାଧିକ। ସେ ଦିନିକିଆରେ ୧୮,୪୨୬ ରନ୍ କରିବା ସହିତ ଟେଷ୍ଟରେ ୧୫,୯୨୧ ରନ୍ କରିଥିଲେ। ସେ ତାଙ୍କ ଚମତ୍କାର କ୍ୟାରିୟରରେ କେବଳ ଗୋଟିଏ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ପୂର୍ବତନ ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଏବଂ ପୂର୍ବତନ କିମ୍ବଦନ୍ତୀ ୱିକେଟକିପର ଫାରୁକ ଇଞ୍ଜିନିୟର ଏହି ପୁରସ୍କାର ଗ୍ରହଣ କରିଛନ୍ତି।

# ମାହିରା ଶର୍ମାଙ୍କ ପ୍ରେମରେ ଉବୁଟୁବୁ ହେଉଛନ୍ତି ମହମ୍ମଦ ସିରାଜ!




**ନୂଆଦିଲ୍ଲୀ**

ପ୍ରେମରେ ପଡ଼ିଛନ୍ତି ଭାରତୀୟ ବୋଲର ମହମ୍ମଦ ସିରାଜ। ଟେଲି ପରଦାର ଲୋକପ୍ରିୟ ଅଭିନେତ୍ରୀ ମାହିରା ଶର୍ମାଙ୍କ ସହ ତାଙ୍କର ନାମକୁ ଯୋଡ଼ା ଯାଉଛି। ଉଭୟ ପରସ୍ପରକୁ ଡେଟ୍ କରୁଥିବା ନେଇ ଜାତୀୟ ଗଣମାଧ୍ୟମର ରିପୋର୍ଟ ପ୍ରକାଶ ପାଇଛି। କଥାଟି କେତେ ସତ କେତେ ମିଛ ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ। ମାହିରା ଅନେକ ଟେଲିଭିଜନ ଶୋ'ରେ କାମ କରିଛନ୍ତି। ହେଲେ 'ବିଗ୍ ବସ୍ ୧୩' ତାଙ୍କୁ ଲୋକପ୍ରିୟତା ଦେଇଥିଲା। ଏହା ପରଠାରୁ ସେ ଅନେକ ମ୍ୟୁଜିକ୍ ଭିଡିଓରେ ନଜର ଆସୁଛନ୍ତି। କିଛିଦିନ ପୂର୍ବେ ମାହିରାଙ୍କ ଗୋଟିଏ ଫଟୋକୁ ସିରାଜ ଲାଇକ୍ କରିଥିଲେ। ଏହାପରଠାରୁ ଉଭୟ ଡେଟ୍ କରୁଥିବା ଖବର ସାମ୍ନାକୁ ଆସିଥିଲା। ଏବେ ପୁଣିଥରେ ମାହିରା-ସିରାଜଙ୍କ ସମ୍ପର୍କ ଥିବା ଖବର ଖବର ଶିରୋନାମା ପାଲଟିଛି।

ସିରାଜଙ୍କ କଥା କହିଲେ ନିକଟରେ ତାଙ୍କ ନାମକୁ ଗାୟିକା ଆଶା ଭୋସଁଲେଙ୍କ ନାତୁଣୀଙ୍କ ସହ ଯୋଡ଼ା ଯାଇଥିଲା। ହେଲେ ଦୁହେଁ ପରସ୍ପରକୁ ଭାଇ ଭଉଣୀ ବୋଲି କହି ଏହାକୁ ଏଡ଼ାଇ ଯାଇଥିଲେ।

# ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ : ରାଇଜିଙ୍ଗଷ୍ଟାର କ୍ଲବ୍ ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୂଲ୍ୟରେ ନବମ ଦିବସ ଖେଳରେ ରାଇଜିଙ୍ଗଷ୍ଟାର କ୍ରିକେଟ ଦଳ ଇଗଲ କ୍ରିକେଟ କ୍ଲବ୍‌କୁ ୭ ୱିକେଟ୍‌ରେ ପରାସ୍ତ କରିଛି। ଟସ୍ ଜିତି ଇଗଲ ଦଳ ପ୍ରଥମେ ବ୍ୟାଟିଂ କରି ୩୫.୧ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୪୩ ରନ କରିଥିଲେ। ଦଳ ପକ୍ଷରୁ ଯଶବନ୍ତ ପ୍ରଧାନ ୨୯ ରନ୍ କରିଥିଲେ। ରାଇଜିଙ୍ଗ ଦଳ କୁମାରବସ୍ତ ତରଫରୁ ପୀୟୂଷ ଦାସ ୪ଟି ଓ ରାହୁଲ ସାମନ୍ତରାୟ ୩ଟି ୱିକେଟ୍ ନେଇଥିଲେ । ଜବାବରେ କୁମାରବସ୍ତ ଦଳ ୨୫.୩ ଓଭରରେ ୩ଟି ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲେ। ମୃତ୍ୟୁଞ୍ଜୟ ମହାପାତ୍ର ୭୮ ରନ୍ ଓ ଅର୍ଣ୍ଣବ ୩୫ ରନ୍ ସଂଗ୍ରହ କରିଥିଲେ। ଖେଳକୁ ପ୍ରୀତିରଞ୍ଜନ ବିଜୟଶିଂ ଓ ସରୋଜ ପାତ୍ର ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଭାବେ ଓ ବ୍ରିଜେଶ ପ୍ରଧାନ ଏବଂ ସୁଧିର ସାହୁ ଏହି ମ୍ୟାଚ୍‌ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। ଶନିବାର ଖୋର୍ଦ୍ଧା କ୍ରିକେଟ କ୍ଲବ୍ ବନାମ ଜଟଣୀ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

# ଆସନ୍ତା ୧୬ରେ ଚାମ୍ପିଅନ୍ସ ଟ୍ରଫିର ଉଦ୍‌ଘାଟନୀ ସମାରୋହ

**ଲାହୋର**

ଆଇସିସି ଚାମ୍ପିଅନ୍ସ ଟ୍ରଫିକୁ ଆଉ ମାତ୍ର କେଇ ଦିନ ବାକି ରହିଛି। ଏହାକୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି) ପକ୍ଷରୁ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଏହି କ୍ରମରେ ଚାମ୍ପିଅନ୍ସ ଟ୍ରଫିର ଉଦ୍‌ଘାଟନୀ ଉତ୍ସବକୁ ନେଇ ଆସିଛି ବଡ଼ ଖବର। ପିସିବି ଓ ଆଇସିସି ମିଳିତ ଭାବେ ଫେବୃୟାରୀ ୧୬ରେ ଲାହୋରରେ ଚାମ୍ପିଅନ୍ସ ଟ୍ରଫିର ଉଦ୍‌ଘାଟନୀ ସମାରୋହ ଆୟୋଜନ କରିବେ। ପିସିବି ଅନୁଯାୟୀ, ଚେୟାରମ୍ୟାନ ମୋହସିନ ନକଭି ଚାମ୍ପିଅନ୍ସ ଟ୍ରଫିର ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଉଦ୍‌ଘାଟନୀ ସମାରୋହର ଏକ କାର୍ଯ୍ୟସୂଚୀକୁ ମଞ୍ଜୁରୀ ଦେଇଛନ୍ତି। ସେହିପରି ଫେବୃୟାରୀ ୭ରେ ପୁନର୍ନିର୍ମିତ ଲାହୋରର ଗଦ୍ଦାଫି ଷ୍ଟାଡିୟମର ଆନୁଷ୍ଠାନିକ ଉଦ୍‌ଘାଟନ କରାଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରିତ କରାଯାଇଛି।

ଉଦ୍‌ଘାଟନୀ ସମାରୋହ ଐତିହାସିକ ଲାହୋର କିଲ୍ଲାର ହୁଜୁରୀ ବାଗରେ ଆୟୋଜନ କରାଯିବ। ଏଥିରେ ବିଭିନ୍ନ ବୋର୍ଡର ଅଧିକାରୀ, ବିଶିଷ୍ଟ ବ୍ୟକ୍ତି, କ୍ରୀଡ଼ା ଜଗତର ବିଶିଷ୍ଟ ଖେଳାଳି ଓ ସରକାରୀ ଅଧିକାରୀଙ୍କୁ ଆମନ୍ତ୍ରିତ କରାଯିବ। ତେବେ ଆଇସିସି ଓ ପିସିବି ଏ ପର୍ଯ୍ୟନ୍ତ ସୂଚନା ଦେଇ ନାହାନ୍ତି ଯେ, ସାମ୍ବାଦିକ ସମ୍ମିଳନୀ ଓ ଫଟୋସୁଟ୍ ପାଇଁ ଭାରତୀୟ ଅଧିନାୟକ ରୋହିତ ଶର୍ମା ପାକିସ୍ତାନ ଯିବେ କି ନାହିଁ। ଭାରତ ଚାମ୍ପିଅନ୍ସ ଟ୍ରଫିରେ ନିଜର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ। ଯଦି ଦଳ ଫାଇନାଲ୍‌ରେ ପହଞ୍ଚେ ତେବେ ଫାଇନାଲ୍ ମ୍ୟାଚ୍ ମାର୍ଚ୍ଚ ୯ରେ ୟୁଏଇରେ ଖେଳାଯିବ।

ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ମୋଟ୍ ୮ଟି ଦଳ ମଧ୍ୟରେ ୧୫ଟି ମ୍ୟାଚ୍ ଖେଳାଯିବ। ଦଳଗୁଡ଼ିକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖାଯାଇଛି। ସମସ୍ତ ୮ ଦଳ ପରସ୍ପର ମଧ୍ୟରେ ୩ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ପରେ ପ୍ରତି ଗ୍ରୁପରୁ ଶୀର୍ଷ ୨ ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିବେ। ପ୍ରଥମ ସେମିଫାଇନାଲ୍ ଦୁବାଇ ଓ ଦ୍ୱିତୀୟ ସେମିଫାଇନାଲ୍ ଲାହୋରରେ ଖେଳାଯିବ। ଏମିତିରେ ଯେଉଁ ଦଳ ଫାଇନାଲ୍‌ରେ ପହଞ୍ଚିବ ସେ ମୋଟ୍ ୫ଟି ମ୍ୟାଚ୍ ଖେଳିବ।

ଚାମ୍ପିଅନ୍ସ ଟ୍ରଫିର ଗ୍ରୁପ : ଗ୍ରୁପ ଏ- ପାକିସ୍ତାନ, ଭାରତ, ନ୍ୟୁଜିଲାଣ୍ଡ, ବାଂଲାଦେଶ। ଗ୍ରୁପ ବି- ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଇଂଲଣ୍ଡ।

# ଆନ୍ତଃ ବିଦ୍ୟାଳୟସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ




**ରାଉରକେଲ, ନ୍ୟୁଜ୍‌ବ୍ୟୁରୋ**

ଇମେଟ୍ ଆବାକସ ଏକାଡେମୀ ତରଫରୁ ଦ୍ୱିଦିବସୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ସେକ୍ଟର-୫ ସ୍ଥିତ ଦୀପିକା ପ୍ରାଇମେରୀ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆୟୋଜକ ଭାବେ ଆବାକସ୍‌ର ସ୍ଥାନୀୟ ମୁଖ୍ୟ ସନ୍ଧ୍ୟା ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସହରର ବିଭିନ୍ନ ବିଦ୍ୟାଳୟରୁ ୧୦୬ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଚେସ୍ ଆରବିଟର ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୭, ୯, ୧୧, ୧୩, ୧୫ବର୍ଷ ଭିତରେ ଥିବା ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏନ୍‌ଆଇଟିର ପ୍ରଫେସର ବିବିଭିଏଲ ଦୀପକ୍ ମୁଖ୍ୟଅତିଥି ଓ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରବୀଣ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମ ହେମ୍ବ୍ରମ, ପ୍ରଦୀପ କୁମାର ବିଶୋଇ, ରୀନା ଟପ୍ପୋ, ଲିଲି ମାକ୍ସିମା ମିଞ୍ଜ, ଚିନ୍ମୟ ସାହୁ, ଚମ୍ପାବତୀ ଅମାତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ଏହି ଖେଳ ମାନସିକ ସ୍ଥିତିକୁ ଦୃଢ଼ କରିବା ସହ ଏକାଗ୍ରତା ବଢାଇ ଥାଏ ବୋଲି ମତ ରଖିବା ସହ ଆବାକସ ର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶେଷରେ ଆରବିଟର ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମେଗା ମ୍ୟୁଜିକାଲ୍ ଚେୟାର ପ୍ରତିଯୋଗିତା

**ବାଲେଶ୍ୱର, ନ୍ୟୁଜ୍**



ବାଲେଶ୍ୱର ସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟର କ୍ରୀଡ଼ା କମିଟି ଦ୍ୱାରା ନୂଆପାଢୀ କ୍ୟାମ୍ପସ୍‌ରେ ଜାନୁଆରୀ ୩୦ରେ ଏକ ମେଗା ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିରେ ୬୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମେଗା ମ୍ୟୁଜିକାଲ ଚେୟାର ପ୍ରତିଯୋଗିତାର ଆରମ୍ଭ କରିଥିଲେ। ଏଥିରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏକ ନମ୍ବର ଟ୍ୟାଗ୍ ଦିଆଯାଇଥିଲା।

ଏହି ଭିନ୍ନ ଓ ମେଗା ପ୍ରତିଯୋଗିତା ପ୍ରଥମ ସ୍ଥାନ ଭାଷା ଓ ସାହିତ୍ୟ ବିଭାଗର ରଞ୍ଜିତା ବେହେରା, ଦ୍ୱିତୀୟରେ ଗଣିତ ବିଭାଗର ହରେକୃଷ୍ଣ ନାୟକ ଏବଂ ତୃତୀୟରେ ସାମାଜିକ ବିଜ୍ଞାନ ବିଭାଗର ବର୍ଷା ରାଣୀ ବିନ୍ଧାଣୀ ବିଜୟୀ ସ୍ଥାନ ପାଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ପାଣ୍ଡା, ପିଇଟି ଶିକ୍ଷକ, (ଖ୍ରୀଷ୍ଟିଆନ ହାଇସ୍କୁଲ, ବାଲେଶ୍ୱର), ଶେଖ୍ ଅବଦୁଲ ହାକିମ, ପିଇଟି (ଚଣ୍ଡି ଉଚ୍ଚ ବିଦ୍ୟାଳୟ), ଅପୂର୍ବ ରଂଜନ ଖୁଣ୍ଟିଆ (କୁରୁଣିଆ ଉଚ୍ଚ ବିଦ୍ୟାଳୟ), ଜୟନ୍ତ କୁମାର ପଣ୍ଡା (ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଜି. ପାଟନା) ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଏବଂ କର୍ମଚାରୀ ମାନେ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ମ୍ୟୁଜିକାଲ ଚେୟାର ପ୍ରତିଯୋଗିତାର ପୂର୍ବତନ ରେକର୍ଡକୁ ଅତିକ୍ରମ କରି ଭାରତରେ ନୂତନ ରେକର୍ଡ ଦାଖଲ କରିବା।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର କଲେଜର ୧୯୯୦ ମସିହା +୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଚୌଦ୍ୱାର ମୁଣ୍ଡମାଳସ୍ଥିତ ନଅରବୁଢ଼ୀ ଠାକୁରାଣୀଙ୍କ ପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାଚ୍‌ର ବହୁ ଛାତ୍ରଛାତ୍ରୀ ସପରିବାର ଯୋଗଦେଇ ଛାତ୍ର ଜୀବନ ପୁରୁଣା ସ୍ମୃତିକୁ ମନେ ପକାଇବା ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଚୌଦ୍ୱାର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଚିତ୍ରାନନ୍ଦ ରାଉତରାୟ, ପବିତ୍ର ମୋହନ ଭୂୟାଁ, ପ୍ରମୋଦ ଜେନା, ଶୁଭ୍ରାଂଶୁ ଦାସ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନେ ନିଜର ତଥା ପରିବାରର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହିତ ବୟସ୍କ ପିତାମାତାଙ୍କ ଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ। ରାଜେନ୍ଦ୍ର ସ୍ୱାଇଁ, ସ୍ନିଗ୍ଧା ସାହୁ, ଭୁବନାନନ୍ଦ ବଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଷମା ଦାସ, ସୁନୀତା ଦାସ, ସୁନୀତା ମିଶ୍ର, ସୁଚିତ୍ରା ବିଶ୍ୱାଳ, ପ୍ରତିମା ଓଝା, ଅନିତା ବେହେରା, ନିରୁପମା ତରାଇ, ବିନୋଦିନୀ ଦାସ, ଅରତୀ ସ୍ୱାଇଁ, ମିନତୀ ଦାସ, ସୁକାନ୍ତ ବିଶ୍ୱାଳ, ଜୟନ୍ତ ପରିଡ଼ା, ପ୍ରାଣକୃଷ୍ଣ ମିଶ୍ର, ଅକ୍ଷୟ ନାଥ, ସପନ ଅଧିକାରୀ, ହରି ସେଠୀ, ଅଜୟ ସ୍ୱାଇଁ, ପ୍ରସାଦ ମହାନ୍ତି, ରଞ୍ଜନ ସାହୁ, କିଶୋର ମହାନ୍ତି, ମନୋଜ ଦାସ ପ୍ରମୁଖ ଯୋଗଦେଇଥିଲେ ।

## ରାଜ୍ୟରେ ଖରିଫ ଋତୁ ଧାନକିଣା ନେଇ ମନ୍ତ୍ରୀ ସମୂହ ସମୀକ୍ଷା ବୈଠକ


# ଧାନକିଣା ଲକ୍ଷ୍ୟ ୬୫ ଲକ୍ଷ ମେଟ୍ରିକ ଟନ୍‌ରୁ ୭୭ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମନ୍ତ୍ରୀ ସମୂହ ସମୀକ୍ଷା ବୈଠକରେ ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନକିଣା ଲକ୍ଷ୍ୟ ୬୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୭୭ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯାଇଛି। ଚଳିତ ବର୍ଷ ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟତା ମୂଲ୍ୟ ୨୩୦୦ ଟଙ୍କା ସହ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ପ୍ରଦାନ କରାଯାଉଥିବାରୁ ଧାନକିଣାରେ ଅଧିକରୁ ଅଧିକ ଚାଷୀ ଭାଗନେବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି। ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବୈଠକରେ ଧାର୍ଯ୍ୟ ଲକ୍ଷ୍ୟକୁ ବୃଦ୍ଧି କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ମନ୍ତ୍ରୀ ସମୂହ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ବିଭାଗୀୟ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଚଳିତ ବର୍ଷ ଖରିଫ ଧାନକିଣା ସମ୍ପର୍କରେ ବୈଠକରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଏ ପର୍ଯ୍ୟନ୍ତ ୯ ଲକ୍ଷ ୭୭ ହଜାର ୨୯୩ ଜଣ ଚାଷୀଙ୍କଠାରୁ ୪୬ ଲକ୍ଷ ୩୬ ହଜାର ୫୪୧ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି। ଏପର୍ଯ୍ୟନ୍ତ ସର୍ବନିମ୍ନ ସହାୟତା ମୂଲ୍ୟ ବାବଦରେ ପ୍ରାୟ ୧୦ ହଜାର କୋଟି ଟଙ୍କା ସାଙ୍ଗକୁ ଇନ୍‌ପୁଟ ସହାୟତା ବାବଦରେ ୩୪୭୬ କୋଟି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ପଠାଯାଇ ସାରିଛି। ଚଳିତ ବର୍ଷ ଧାନକିଣା ପାଇଁ ଚାଷୀମାନଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହ ମଣ୍ଡିଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ମଣ୍ଡିଗୁଡ଼ିକରେ ସିସିଟିଭି ବ୍ୟବସ୍ଥା ସହ ୩୮୮୩ ଜଣ ନୋଡାଲ ଅଧିକାରଙ୍କୁ ନିୟୋଜିତ କରାଯାଇଛି। ଏଥି ସହ ବାହାର ରାଜ୍ୟର ଧାନଗାଡ଼ି ଉପରେ କଡ଼ା ନଜର ରଖିବା ପାଇଁ ୨୧୭ ଜଣ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ମଣ୍ଡିରୁ ମିଲ୍‌କୁ ନେଇ ଯାଉଥିବା ଗାଡ଼ି ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯାଉଛି। ଚାଷୀମାନଙ୍କୁ ଟୋକନ, ଇନ୍‌ପୁଟ ସହାୟତା, ଏମ୍‌ଏସ୍‌ପି ପ୍ରଦାନ ସହ ଧାନବିକ୍ରୟ ସମ୍ପର୍କିତ ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ କରାଯାଉଛି। ଏଥି ନିମନ୍ତେ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଉଛି। ଚାଷୀମାନଙ୍କ ହିତରେ ଜାରି ଟୋଲ୍‌ଫ୍ରି ନଂ-୧୯୬୭ ଜରିଆରେ ୪ଲକ୍ଷ ୧୫ ହଜାର ୨୬୭ଟି କଲ୍ ଗ୍ରହଣ କରାଯାଇ ଏହାର ସମାଧାନ କରାଯାଇଛି। ଏଥି ସହ ମିଲ୍‌ଗୁଡ଼ିକୁ ଧାନ ପଠାଯାଇ ଏଥିରୁ ବିଭିନ୍ନ ଉତ୍ପାଦ ପ୍ରକ୍ରିୟା ପ୍ରସ୍ତୁତି ଜାରି ରହିଛି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ବର୍ଷର ଧାନକିଣା ପ୍ରକ୍ରିୟା ସୁଗମ ହୋଇପାରିଛି। ତାଙ୍କ ନିର୍ଦ୍ଦେଶରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଜିଲ୍ଲାଗସ୍ତ କରି ଧାନକିଣା ପ୍ରକ୍ରିୟାକୁ ତଦାରଖ କରୁଥିବାରୁ ଧାନକିଣା ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସଫଳ ହୋଇପାରିଥିବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖୁସିବ୍ୟକ୍ତ କରିଛନ୍ତି। ଏହି ପ୍ରକ୍ରିୟା କିପରି ଅଧିକ ଚାଷୀ ଅନୁକୂଳ ହୋଇପାରିବ ସେଥି ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ବ୍ୟାପକ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଆସନ୍ତା ରବି ଋତୁରେ ଧାନକିଣା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା।



ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସମବାୟ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ରାଜ୍ୟ ଖାଦ୍ୟଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ପ୍ରମୁଖ ଉପସ୍ଥିତ ଥିଲେ।

# ଶୀତଳ ଦେବୀଙ୍କୁ ଏସ୍‌ୟୁଭି ଉପହାର ଦେଲେ ଆନନ୍ଦ ମହିନ୍ଦ୍ରା

**ନୂଆଦିଲ୍ଲୀ**



ଦୁଇ ହାତ ବିନା ଜନ୍ମ ନେଇଥିଲେ ଜମ୍ମୁ-କଶ୍ମୀରର ଶୀତଳ ଦେବୀ। ଏହାସତ୍ତ୍ୱେ ଶୀତଳ ତୀରନ୍ଦାଜୀ ପରି କଷ୍ଟସାଧ କ୍ରୀଡ଼ାକୁ ଆପଣାଇ ଥିଲେ। ତୀରନ୍ଦାଜୀରେ ଦୁଇ ହାତର ବହୁତ ବଡ଼ ଭୂମିକା ରହିଥାଏ। ହେଲେ ଦୁଇ ହାତ ନଥିବା ସତ୍ତ୍ୱେ ଶୀତଳ ଦେବୀ ବିଶ୍ୱରେ ତାଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ପାରିଛନ୍ତି। ୨୦୨୪ ପ୍ୟାରିସ୍ ପାରାଲିମ୍ପିକ୍‌ସରେ ଶୀତଳ ଦେବୀ ମିଶ୍ରିତ ଦଳଗତ କମ୍ପାଉଣ୍ଡ ଇଭେଣ୍ଟରେ ଭାରତକୁ କାଂସ୍ୟପଦକ ଜିତାଇଥିଲେ। ଶୀତଳଙ୍କ କ୍ରୀଡ଼ା ପ୍ରତି ନିଷ୍ଠାରେ ବେଶ୍ ପ୍ରଭାବିତ ହୋଇଛନ୍ତି ଶିଳ୍ପପତି ଆନନ୍ଦ ମହିନ୍ଦ୍ରା। ସର୍ବଦା କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦେଇ ଆସୁଥିବା ଆନନ୍ଦ ମହିନ୍ଦ୍ରା ଏକ ଦାମୀ ଏସ୍‌ୟୁଭି କାର୍ ଶୀତଳ ଦେବୀଙ୍କୁ ଉପହାର ଦେଇଛନ୍ତି।

ଶୀତଳ ଦେବୀଙ୍କର ହାତ ନଥିବାରୁ ସେ ଦୁଇ ଗୋଡ଼ ଜରିଆରେ ତୀରନ୍ଦାଜୀ କରିଥାଆନ୍ତି। ଏଥିପାଇଁ ତାଙ୍କୁ ବର୍ଷବର୍ଷ ଧରି କଠିନ ପରିଶ୍ରମ ଓ ଅଭ୍ୟାସ କରିବାକୁ ପଡ଼ିଛି। ଶାରୀରିକ ଅକ୍ଷମତା ସତ୍ତ୍ୱେ କ୍ରୀଡ଼ା ନୈପୁଣ୍ୟ ହାସଲ କରିବା ଯୋଗୁଁ ବହୁ ଭାରତୀୟଙ୍କ ପାଇଁ ଶୀତଳ ଦେବୀ ପ୍ରେରଣା ପାଲଟିଛନ୍ତି। ଶୀତଳଙ୍କୁ ଭେଟିବା ପାଇଁ ଆନନ୍ଦ ମହିନ୍ଦ୍ରା ତାଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ଆଲୋଚନା କରିଥିଲେ। ତାଙ୍କ କମ୍ପାନୀ ମହିନ୍ଦ୍ରାର ନୂଆ ମଡେଲ୍ ଏସ୍‌ୟୁଭି ସ୍କର୍ପିଓ-ଏନ୍ ଶୀତଳଙ୍କୁ ଆନନ୍ଦ ମହିନ୍ଦ୍ରା ଉପହାର ଦେଇଥିଲେ। ପ୍ରତିବଦଳରେ ଆନନ୍ଦ ମହିନ୍ଦ୍ରାଙ୍କୁ ଏକ ତୀର ଉପହାର ଦେଇଥିଲେ ଶୀତଳ ଦେବୀ। ବେଶ୍ କିଛି ବର୍ଷ ହେଲା ଆନ୍ତର୍ଜାତିକ ସ୍ତରରେ ପାରା ତୀରନ୍ଦାଜୀରେ ଉତ୍କର୍ଷ ଦେଖାଇଛନ୍ତି ଶୀତଳ ଦେବୀ। ସେ ୨୦୨୦ ଏସୀୟ ପାରା କ୍ରୀଡ଼ାରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ପୁଣି ବିଶ୍ୱ ପାରା ତୀରନ୍ଦାଜୀ ଚାମ୍ପିଅନ୍‌ସିପରେ ଶୀତଳ ରୌପ୍ୟ ପଦକ ଜିତିଥିଲେ। ପୁଣି ଏସୀୟ ପାରା ତୀରନ୍ଦାଜୀରେ ଶୀତଳ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଶୀତଳ ୨୦୨୩ରେ ଅର୍ଜୁନ ପୁରସ୍କାର ପାଇଥିଲେ।

# ଗିରାସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ୍ ବଡ଼ିଗାଁ ଗ୍ରାମ ପଞ୍ଚାୟତ ଗିରାସିଙ୍ଗା ଖେଳ ପଡିଆ ଠାରେ ଗିରାସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁଶୀଳ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନାରାୟଣ ନଗର ସିଆରସିସି ସନ୍ତୋଷ କୁମାର ଶତପଥି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ମର୍ଷୁଣ୍ଡି ସିଆରସିସି ରଶ୍ମିରଞ୍ଜନ ଦାଶ, ବରିଷ୍ଠ କ୍ରୀଡା ଶିକ୍ଷକ ରିତ କୁମାର ରାଉତ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ସହକାରୀ ରିତ କୁମାର ପ୍ରଧାନ, ସୁଶାନ୍ତ କୁମାର ସାହୁ, ମୋହନ କରଡିଆ, ତେଜେଶ୍ୱର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋକୁଳ ବାଘ, ସଦସ୍ୟ ସୁଦାମ ଚରଣ ନାଏକ, ମନୋଜ କୁମାର ନାଏକ ସହଯୋଗ କରିଥିଲେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ଫେବୃୟାରୀ ୨୦୨୫ ଶନିବାର





# ସୋଲାର ପ୍ରକଳ୍ପର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଢେଙ୍କାନାଳରେ ଓ୍ୱାରୀ ଏନର୍ଜି ଦ୍ୱାରା ଚାଲିଥିବା ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଉପସ୍ଥିତ ଥିଲେ।

ଢେଙ୍କାନାଳ ଜିଲ୍ଲାରେ ଓ୍ୱାରୀ ଏନର୍ଜି ଲିମିଟେଡ଼୍ ଦ୍ୱାରା ଚାଲିଥିବା ସୋଲାର ପ୍ରକଳ୍ପଗୁଡିକର ସମୀକ୍ଷା କରାଯାଇଛି । ପ୍ରକଳ୍ପ ଗୁଡିକର ଅଗ୍ରଗତି ପାଇଁ ବିଜୁଳି ଯୋଗାଣ, ଜଳଯୋଗାଣ, ପାଇପ କନେକ୍ସନ, ଜମି ଅଧିଗ୍ରହଣ ଇତ୍ୟାଦିରେ ଥିବା ସମସ୍ୟା ଗୁଡିକର ନିଷ୍କର୍ଷ ବିଷୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅଧିକାରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଏଥିସହିତ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ।

ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, ଏମଡ଼ି ଇଡକୋ ଭୁପିନ୍ଦର ସିଂ ପୁନିଆ, ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ ଚନ୍ଦ୍ରଶେଖର ପାଢୀ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ ଗୁଡିକର ବାସ୍ତବିକ ଅଗ୍ରଗତି ନେଇ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଓ୍ୱାରୀ ଏନର୍ଜି ଲିମିଟେଡ଼ର ପ୍ରେସିଡେଣ୍ଟ ଜୟରାମ ମିଶ୍ର, ସିପିଓ କୀର୍ତ୍ତି କୁମାର ଶାହ, ଏଜିଏମ୍ ପ୍ରକାଶ ମହାନ୍ତି ଓ ସିନିୟର ମ୍ୟାନେଜର ପରମେଶ୍ୱର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଓଡ଼ିଶାର ପ୍ରତି ଜିଲ୍ଲାରେ ହେବ ସମ୍ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମ୍ ହେଲ୍‌ଥ କେୟାର ସର୍ଭିସେସ୍ ପକ୍ଷରୁ ଏକ ବିସ୍ତୃତ ଯୋଜନା ହାତକୁ ନିଆଯାଇଛି। ତୃଣମୂଳ ସ୍ତରର ଲୋକଙ୍କୁ ସୁଲଭ ତଥା ଗୁଣବତ୍ତା ବିଶିଷ୍ଟ ସ୍ୱାସ୍ଥ୍ୟ ସେବା ଦେବାକୁ ପ୍ରତି ଜିଲ୍ଲାରେ ଏହି ସଂସ୍ଥା ପକ୍ଷରୁ ୫୦ ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ୍ ସ୍ଥାପନ କରାଯିବ। ଏହି ପରିପ୍ରେକ୍ଷୀରେ ସଂସ୍ଥା ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଗୃହୀତ ହୋଇଛି ବୋଲି ବୁଧବାର ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି। ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଓ ସ୍ୱାସ୍ଥ୍ୟ ବିଭାଗର କମିସନର କମ୍ ସେକ୍ରେଟାରୀ ଏସ୍. ଅଶ୍ୱତିଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଥିଲା। ଉଭୟ ପ୍ରାଇମେରୀ ଏବଂ ସେକେଣ୍ଡାରୀ ସ୍ୱାସ୍ଥ୍ୟ ସେବା ସହ ଏହି ହସ୍ପିଟାଲ୍ ଗୁଡ଼ିକରେ ଅତ୍ୟାଧୁନିକ ଡାଇଗ୍ନୋସିସ୍ ଲ୍ୟାବ୍, ବୟୋଜ୍ୟେଷ୍ଠଙ୍କ ଲାଗି ସ୍ୱତନ୍ତ୍ର ଯତ୍ନ, ଫାର୍ମାସୀ, ଟ୍ରମା କେୟାର, ଇମର୍ଜେନ୍ସି ଏବଂ ଫିଜିଓଥେରାପି ସୁବିଧା ପ୍ରଦାନ କରାଯିବ। ଏଥି ନିମନ୍ତେ ୧୦୦୦ କୋଟି ଟଙ୍କାର ନିବେଶ ହେବ ଓ ୯୦୦ ଲୋକଙ୍କ ଲାଗି ସିଧାସଳଖ ଓ ୬୦୦୦ ଲୋକଙ୍କ ନିମନ୍ତେ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସମ୍ ହେଲ୍‌ଥକେୟାରର ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ଅନୁରାଗ ନାୟକ ସୂଚନା ଦେଇଛନ୍ତି। ଶ୍ରୀ ନାୟକ କହିଛନ୍ତି ଲୋକେ ସ୍ୱାସ୍ଥ୍ୟ ସେବା ଲାଗି ଭୁବନେଶ୍ୱର ଓ କଟକ ଭଳି ବଡ଼ ସହରଗୁଡ଼ିକ ଉପରେ ନିର୍ଭରଶୀଳ ହେଉଛନ୍ତି। ଲୋକଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଦିଗରେ ଏଭଳି ଉଦ୍ୟମ ଆରମ୍ଭ ହୋଇଛି।

# ଲୋକୋ ପାଇଲଟ୍‌ଙ୍କ ପାଇଁ 'ଚାପ ମୁକ୍ତ ତାଲିମ' କାର୍ଯ୍ୟକ୍ରମ ଶେଷ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଚାଲିଥିବା ତିନି ଦିନିଆ "ଲୋକୋ ପାଇଲଟ୍‌ଙ୍କ ପାଇଁ ଚାପ ମୁକ୍ତ ତାଲିମ" ସମାପ୍ତ ହେଇଯାଇଛି । ଏହି ସମାପ୍ତ କାର୍ଯ୍ୟକ୍ରମରେ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ, ହେଚ୍.ଏସ୍. ବାଜୱା, ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ତଥା ଏଚ୍.କେ.ଦତ୍ତ, ଆର୍ଟ ଅଫ୍ ଲିଭିଙ୍ଗ ଆସୋସିଏସନର ଓଡ଼ିଶା ରାଜ୍ୟ ସଂଯୋଜକ ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମ, ଟ୍ରାଫିକ୍ କଲୋନୀରେ ସ୍ଥିତ କନଫରେନ୍ସ ହଲ୍ ଠାରେ, ଦିନଙ୍କ ୨୯.୦୧. ୨୦୨୫ରେ ଆରମ୍ଭ ହୋଇଥିଲା। ଯେଉଁଥିରେ ମଣ୍ଡଳର ବିଭିନ୍ନ ରେଳ ଷ୍ଟେସନ ଯଥା, ପାରାଦୀପ, ଯଖପୁରା, ଖୋର୍ଦ୍ଧା ରୋଡ଼, ଭଦ୍ରକ, କଟକ, ଛତ୍ରପୁର, ପଲାସା ଏବଂ କେନ୍ଦୁଝରଗଡ଼ରେ କାର୍ଯ୍ୟ କରୁଥିବା, ୩୪ଟି ଲୋକୋ ପାଇଲଟ ଏବଂ ସହକାରୀ ଲୋକୋ ପାଇଲଟ ଅଂଶଗ୍ରହଣ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ବ୍ୟବହାରିକ, ସରଳ କିନ୍ତୁ ଅତ୍ୟଧିକ ପ୍ରଭାବଶାଳୀ ପଦ୍ଧତି ଅନ୍ତର୍ଭୁକ୍ତ ଯେପରିକି ଯୋଗାସନା, ପ୍ରାଣାୟାମ, ଧ୍ୟାନ ଏବଂ ସୁଦର୍ଶନ କ୍ରିୟା ପଦ୍ଧତି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

ଏହି ଅବସରରେ ଉଦ୍‌ବୋଧନ ଦେଇ ହେଚ୍. ଏସ. ବାଜୱା, ଡିଆରଏମ୍, ଖୋର୍ଦ୍ଧା ରୋଡ୍ କହିଛନ୍ତି ଯେ ଲୋକୋ ପାଇଲଟଙ୍କ ଉପରେ ସେମାନଙ୍କର ଚ୍ୟାଲେଞ୍ଜିଂ ଚାକିରି କି ନେଇକି ଏକ ବଡ଼ ଦାୟିତ୍ୱ ରହିଛି। ଏହି କର୍ମଚାରୀଙ୍କ ଜୀବନଶୈଳୀ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସେମାନଙ୍କୁ ବ୍ୟକ୍ତିଗତ ଜୀବନ, କର୍ମମୟ ଜୀବନ ଏବଂ ସାମାଜିକ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ପଡ଼ିବ ଏବଂ ଏହା କେବଳ ଚାପମୁକ୍ତ ମନ ଦ୍ୱାରା ସମ୍ଭବ ହୋଇପାରିବ। ସେ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ତାଲିମ କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କଠାରୁ ମତାମତ ନେଇ ଥିଲେ। ଚାପ ପରିଚାଳନା ଉପରେ ଶିଖାଯାଇ ଥିବା ଶିକ୍ଷାଗୁଡ଼ିକୁ ସେମାନଙ୍କର ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଉତ୍ସାହିତ କରିବା ଉଚିତ୍ ବୋଲି କହିଛନ୍ତି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ଆଗାମୀ ଦିନରେ ଫ୍ରଣ୍ଟଲାଇନ କର୍ମଚାରୀଙ୍କ ପାଇଁ ଆହୁରି କିଛି ତାଲିମ କାର୍ଯ୍ୟକ୍ରମ କରିବାକୁ ଯୋଜନା କରୁଛି ବୋଲି ସେ କହିଛନ୍ତି।

ଏହି ତାଲିମ କାର୍ଯ୍ୟକ୍ରମ "ଆର୍ଟ ଅଫ୍ ଲିଭିଙ୍ଗ", ଏକ ପ୍ରମୁଖ ସ୍ୱେଚ୍ଛାସେବୀ-ଆଧାରିତ ଏନଜିଓ ସହଯୋଗରେ ପରିଚାଳିତ କରାଯାଇଛି। ଭାରତୀୟ ରାଜସ୍ୱ ସେବାର ଅବସରପ୍ରାପ୍ତ ଅଧିକାରୀ ତଥା ଭୁବନେଶ୍ୱରର ଆର୍ଟ ଅଫ୍ ଲିଭିଙ୍ଗର ପ୍ରଖ୍ୟାତ ଅଧ୍ୟାପକ ଲଳିତ କୁମାର ମହାନ୍ତି ଏବଂ ପ୍ରଦୀପ୍ତ କୁମାର ପଟ୍ଟନାୟକ, ପ୍ରଶିକ୍ଷଣ ଦେଇଛନ୍ତି । ଷ୍ଟ୍ରେସ୍ ଫ୍ରି ଟ୍ରେନିଂ କାର୍ଯ୍ୟକ୍ରମ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଦ୍ୟୁତ୍ (ଅପରେସନ୍) ବିଭାଗ ଦ୍ୱାରା, ଶୁଭଜିତ୍ ଦାଶ, ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରଙ୍କ (ଅପରେସନ୍), ନିର୍ଦ୍ଦେଶନାରେ ଏବଂ ଏସ୍.ଟି. ରହମାନ, ମଣ୍ଡଳ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଅପରେସନ୍), ସୁମନ୍ତ ବେହୁରା , ସହାୟକ ମଣ୍ଡଳ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଅପରେସନ୍)ଙ୍କ ସହଯୋଗରେ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ, ଡିଭିଜନାଲ ରନିଂ ଷ୍ଟାଫ୍ ଟ୍ରେନିଂ ସେଣ୍ଟରର, ମୁଖ୍ୟ ଲୋକୋ ଇନ୍ସପେକ୍ଟର, ଅବନୀ କୁମାର ମହାପାତ୍ର ସଂଯୋଜନା କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତର ବିକାଶ ...

ଚେତନାର ପର୍ବ । ଦେଶ ଦୁନିଆର କୋଟି କୋଟି ଶ୍ରଦ୍ଧାଳୁ ପ୍ରୟାଗରାଜରେ ପବିତ୍ର ବୁଡ ପକାଉଛନ୍ତି । ମୌନୀ ଅମାବାସ୍ୟାରେ ହୋଇଥିବା ଅଘଟଣକୁ ନେଇ ରାଷ୍ଟ୍ରପତି ଦୁଃଖ ପ୍ରକାଶ କରିବା ସହ ନିଜ ସମବେଦନା ବ୍ୟକ୍ତ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବିସ୍ତାର କରି ତିନି କୋଟି ଅତିରିକ୍ତ ପରିବାରକୁ ନୂଆ ଘର ଦେବାର ନିଷ୍ପତ୍ତି ନେଇଛନ୍ତି । ଜନଜାତୀୟ ସମାଜର ପାଞ୍ଚ କୋଟି ଲୋକଙ୍କ ପାଇଁ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଆରମ୍ଭ ହୋଇଛି । ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ୭୦ ବର୍ଷ ଓ ଏହାଠାରୁ ଅଧିକ ବୟସର ୬କୋଟି ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ବୀମା ଦେବାର ନିଷ୍ପତ୍ତି ହୋଇଛି । ସରକାର ଯୁବକଙ୍କ ଶିକ୍ଷା ଓ ସେମାନଙ୍କ ପାଇଁ ରୋଜଗାରର ନୂଆ ଅବସର ପ୍ରସ୍ତୁତ କରିବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି । ସେ କହିଛନ୍ତି ଯେ ସରକାର ମହିଳାମାନଙ୍କ ନେତୃତ୍ୱରେ ଦେଶକୁ ସଶକ୍ତ କରିବାରେ ବିଶ୍ୱାସ କରେ । ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୯୧ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରାଯାଉଛି । ଆମର ବ୍ୟାଙ୍କିଂ ଏବଂ ଡିଜି ପେମେଣ୍ଟଗୁଡ଼ିକ ଦୁର୍ଗମ ଅଞ୍ଚଳରେ ଆର୍ଥିକ ସିଷ୍ଟମ୍ ସହିତ ସଂଯୋଗ ଭୂମିକା ଗ୍ରହଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଆଜି ଆମର ଯୁବକ ଷ୍ଟାର୍ଟଅପ୍ ,ସ୍ପୋର୍ଟସ୍ ନେଇ ମହାକାଶ ପ୍ରତ୍ୟେକ କ୍ଷେତ୍ରରେ ଦେଶର ନାମ ଚମକାଉଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ ମୋର ସରକାର ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଛାତ୍ରମାନଙ୍କ ପାଇଁ ଆଧୁନିକ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରୁଛନ୍ତି । ଭାରତୀୟ ଦଳ ସବୁଠାରେ ଭଲରେ ଭଲ ପ୍ରଦର୍ଶନ କରିଛନ୍ତି, ଅଲିମ୍ପିକ୍ସ ହେଉ କି ପାରା ଅଲିମ୍ପିକ୍ସ । ଏଆଇ କ୍ଷେତ୍ରରେ ଭାରତର ଅବଦାନକୁ ପ୍ରୋତ୍ସାହିତ କରି 'ଇଣ୍ଡିଆ ଏଆଇ ମିଶନ' ଆରମ୍ଭ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, ଆଜି ଭାରତ ଡିଜିଟାଲ ଟେକ୍ନୋଲୋଜିର କ୍ଷେତ୍ରରେ ପ୍ରମୁଖ ଗ୍ଲୋବାଲ ପ୍ଲେୟାର ଭାବେ ନିଜ ଉପସ୍ଥିତି ରେକର୍ଡ କରୁଛି । ସରକାର ଡିଜିଟାଲ ଟେକ୍ନୋଲୋଜିକୁ ସାମାଜିକ ନ୍ୟାୟ ଓ ସମାନତାର ଏକ ଟୁଲ ଭାବେ ବ୍ୟବହାର କରୁଛନ୍ତି । ସରକାର ସାଇବର ସିକ୍ୟୁରିଟିରେ ଦକ୍ଷତା ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟରତ । ଚେନାବ ପୋଲ ସହ, ଉଦ୍ଧମପୁର-ଶ୍ରୀନଗର-ବାରାମୁଲା ରେଳ ଲିଙ୍କ ପ୍ରକଳ୍ପ ପୂରଣ ହୋଇଛି ଏବଂ ଏବେ ଦେଶ କଶ୍ମୀରରୁ କନ୍ୟାକୁମାରୀ ଯାଏ ରେଲୱେ ଲାଇନରେ ଯୋଡି ହେବ ।

## ଅର୍ଥନୈତିକ ସର୍ଭେ ...

ଦେଉଥିବା ଅସ୍ଥିରତା ଜାରି ରହିଛି । ଅନ୍ତର୍ଜାତୀୟ ବାଣିଜ୍ୟରେ ବାଧା ସୃଷ୍ଟି କରିଥିବା ଅଣ-ଟାରିଫ ପଦକ୍ଷେପ (ଏନଟିଏମ) ମଧ୍ୟ ସାମ୍ପ୍ରତିକ ବର୍ଷଗୁଡ଼ିକରେ ବୃଦ୍ଧି ପାଇଛି । ବାଣିଜ୍ୟ କ୍ଷେତ୍ରରେ ବୈଷୟିକ ପ୍ରତିବନ୍ଧକ (ଟିବିଟି) ଉତ୍ପାଦ ଶୃଙ୍ଖଳାକୁ ୩୧.୬ ପ୍ରତିଶତ ପ୍ରଭାବିତ କରିଛି, ଯାହା ଡିସେମ୍ବର ୨୦୨୪ ସୁଦ୍ଧା ବିଶ୍ୱ ବାଣିଜ୍ୟର ୬୭.୧ ପ୍ରତିଶତକୁ ଅନ୍ତର୍ଭୁକ୍ତ କରିଛି । ଏହା ପରେ ସାନିଟାରୀ ଏବଂ ଫାଇଟୋସାନିଟାରୀ ପଦକ୍ଷେପ ଉତ୍ପାଦ ଶୃଙ୍ଖଳାକୁ ୧୯.୩ ପ୍ରତିଶତ ପ୍ରଭାବିତ କରିଛି, ଯାହା ବିଶ୍ୱ ବାଣିଜ୍ୟର ୨୧.୨ ପ୍ରତିଶତ ଅନ୍ତର୍ଭୁକ୍ତ । କୃଷି, ଉତ୍ପାଦନ ଏବଂ ପ୍ରାକୃତିକ ସମ୍ପଦ ମଧ୍ୟ ଏନଟିଏମ ଦ୍ୱାରା ପ୍ରଭାବିତ ହୋଇଛି ।

## ଆମକୁ ମହିଳା...

ଲାଭାର୍ଥୀ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଭାଷଣରେ କହିଛନ୍ତି ଯେ, ଆମେ ଏବେ ମିଶନ ମୋଡରେ ଅଛୁ ଏବଂ ଏହି ବଜେଟ ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ନିଷ୍ପତ୍ତି ନିଆଯିବ । ସାମଗ୍ରିକ ଭାବେ ଏହି ବଜେଟ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିବ । ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଅନୁଯାୟୀ ଏହି ବଜେଟ ଅଧିବେଶନ ବିକଶିତ ଭାରତକୁ ନୂତନ ଶକ୍ତି ଦେବ । ନୂଆ ଆଇନ ପ୍ରସ୍ତାବ ଦ୍ୱାରା ଦେଶକୁ ମଜଭୁତ କରିବ । ସେ କହିଛନ୍ତି ଯେ ଆଗାମୀ ୨୫ ବର୍ଷ ପାଇଁ ସଂକଳ୍ପ ମାଧ୍ୟମରେ ସମୃଦ୍ଧ ଭାରତ ଲକ୍ଷ୍ୟରେ ପହଞ୍ଚିବ । ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ କରିବା ଆମର ସଂକଳ୍ପ ଏବଂ ଏହାର ବଜେଟ ଐତିହାସିକ ହେବାକୁ ଯାଉଛି ।

## ନୂତନ ଯୋଜନାର ...

ପାରାଲାଲ ରୋଡ୍ କାମ ମଧ୍ୟ ଜାରି ରହିଛି । ଏହା ସହିତ ଡମଣାରୁ ପ୍ରେସ୍ ଛକ, କଳା ରାହାଙ୍ଗରୁ ବାରିମୁଣ୍ଡ ଓ କେଲୁଚରଣ ପାର୍କରୁ ବାରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ଆକ୍‌ସେସ୍ ରୋଡ୍ ନିର୍ମାଣର ଯୋଜନା ରଖାଯାଇଛି। ଏହା ସହିତ ଏକ ଇନର୍ ରିଙ୍ଗ୍ ରୋଡ୍ ମଧ୍ୟ ନିର୍ମାଣ କରାଯିବ । ସମ୍ପୂର୍ଣ୍ଣ ଟ୍ରାଫିକ୍ ଭିଡ ହ୍ରାସ ପାଇଁ ପ୍ରାୟ ୭ ହଜାର କୋଟି ଟଙ୍କା ବିନିଯୋଗ କରାଯିବ । ଏଥି ମଧ୍ୟରୁ ଡମଣା ଛକରୁ ପ୍ରେସ୍ ଛକ ରାସ୍ତା କାମ ସରିଥିବା ବେଳେ ସୁନ୍ଦରପଦା-ଜଟଣୀ ରୋଡ୍ ଓ ଲେଫ୍ଟ ପାରାଲାଲ୍ ରୋଡ୍ କାମ ଜାରି ରହିଛି । ବାକି ସବୁ କାମର ତୁରନ୍ତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ତୁରନ୍ତ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବୈଠକରୁ ଜଣା ଯାଇଛି ଯେ, ଭୁବନେଶ୍ୱର ପାଇଁ ୬୪ କିଲୋମିଟର ବିଶିଷ୍ଟ ଏକ ଇନର୍ ରିଙ୍ଗ୍ ରୋଡ୍ କରାଯିବ । ଏଥିରେ ତମାଣ୍ଡୋରୁ ପାଇକରାପୁର ଏବଂ ଧଉଳିରୁ ତମାଣ୍ଡୋ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ । ଏହା ସହିତ ଭୁବନେଶ୍ୱରର ସଂପ୍ରସାରଣ ପାଇଁ ଏକ ଆଉଟର୍ ରିଙ୍ଗ୍ ରୋଡ୍‌ର ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି । ୧୪୮ କିଲୋମିଟରର ବିଶିଷ୍ଟ ଏହି ରିଙ୍ଗ୍ ରୋଡ୍, ୬ ଲେନ୍ ହେବା ସହିତ ୨ଟି ସର୍ଭିସ୍ ରୋଡ୍ ମଧ୍ୟ ରହିବ । ଏଥିପାଇଁ ସମୁଦାୟ ୬,୧୫୨ କୋଟି ଟଙ୍କା ବିନିଯୋଗ କରାଯିବ । ଏହା ଦ୍ୱାରା ସହରର ସଂପ୍ରସାରଣ ହେବା ସହିତ ଯୋଗାଯୋଗର ସୁବିଧା ବଢିବ । ଅର୍ଥନୈତିକ ଅଭିବୃଦ୍ଧି ସହିତ ପର୍ଯ୍ୟଟନ ବୃଦ୍ଧି ହେବ ଓ ଉତ୍ତମ ପରିବେଶ ମଧ୍ୟ ସୃଷ୍ଟି ହେବ । ବୈଠକର ଆଲୋଚନାରୁ ଜଣାଯାଇଥିଲା ଯେ, ରାଜ୍ୟର ଚାରିପାର୍ଶ୍ୱକୁ ଏକ ଗ୍ରାଣ୍ଡ ରିଙ୍ଗ୍ ରୋଡ୍ ମାଧ୍ୟମରେ ଯୋଡିବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି, ତାହାର ପ୍ରାଥମିକ ପର୍ଯ୍ୟାୟରେ ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ୨୮୭ କିଲୋମିଟରର ଏକ ସଡକ ନିର୍ମାଣ କରାଯିବ । ଏଥିରେ ୪ଟି ଟନେଲ୍ ରହିବ । କେନ୍ଦୁଝରର ମା' ତାରିଣୀଙ୍କ ମନ୍ଦିରର ବିକାଶ ଓ ଚାରିପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ୨୧୪ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ବୈଠକର ଆଲୋଚନାରୁ ଜଣାଯାଇଛି। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ କରି ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ବଡବିଲ୍ ରିଙ୍ଗ୍ ରୋଡ୍, ଭୁବନେଶ୍ୱର ୟୁନିଟ୍-୨ ଅଞ୍ଚଳର ବିକାଶ ଓ ଅନ୍ୟାନ୍ୟ ପ୍ରକଳ୍ପ ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ସୋନିଆ ଗାନ୍ଧୀଙ୍କ...

ସମ୍ଭ୍ରାନ୍ତବାଦୀ ଅଚାରଣର ପ୍ରତିଫଳନ ବୋଲି ଶ୍ରୀ ମାଝୀ କହିଛନ୍ତି। ଏଭଳି ଆଚରଣ କରିବା ପୂରା ସାନ୍ତାଳୀ ଜନଜାତି, ଓଡିଶା ଓ ଗଣତନ୍ତ୍ରକୁ ଅପମାନ ବୋଲି କହିବା ସହ କଂଗ୍ରେସ ଏଥି ପାଇଁ କ୍ଷମା ପ୍ରାର୍ଥନା କରିବା ଦରକାର ବୋଲି କହିଛନ୍ତି।

## ବଜେଟ୍ ୨୦୨୫...

ଟଙ୍କାରୁ ୩୫୦,୦୦୦ ଟଙ୍କାକୁ ବୃଦ୍ଧି କରିପାରନ୍ତି। ଏହା କରଦାତାଙ୍କ ହାତରେ ବ୍ୟବହାରଯୋଗ୍ୟ ଆୟ ବୃଦ୍ଧି କରିବ, ଯାହା ସେମାନଙ୍କୁ ବର୍ଦ୍ଧିତ ମୁଦ୍ରାସ୍ଫୀତିରୁ କିଛି ଆଶ୍ୱସ୍ତି ପ୍ରଦାନ କରିବ । ମଧ୍ୟବିତ୍ତ ବର୍ଗଙ୍କ ପାଇଁ ସରକାର ନୂତନ ଆୟକର ସ୍ଲାବ ପ୍ରଚଳନ କରିପାରନ୍ତି । ଏହା ଅଧୀନରେ, ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଥିବା ଲୋକଙ୍କୁ ଟିକସ ସୀମା ବାହାରେ ରଖାଯିବ, ୩,୦୦୦୦୧ ଟଙ୍କାରୁ ୬୦୦୦୦୦ଟଙ୍କା ବାର୍ଷିକ ଆୟ ଥିବା ଲୋକଙ୍କୁ ୫% ଟିକସ ଦେବାକୁ ପଡିବ, ୬ ଲକ୍ଷ ଟଙ୍କା ବର୍ଗରେ ଥିବା ଲୋକଙ୍କୁ, ୦୦,୦୦୧- ୯,୦୦,୦୦୧ ଉପରେ ୧୦% ଟିକସ ଦେବାକୁ ପଡିବ । ୯,୦୦,୦୦୧ ଟଙ୍କା ୧୨,୦୦,୦୦୦ ଟଙ୍କା ବାର୍ଷିକ ଆୟ ଉପରେ ୧୫% ଟିକସ ଦେବାକୁ ପଡିବ, ୧୨,୦୦,୦୦୧ ଟଙ୍କା ୧୫,୦୦,୦୦୦ ଟଙ୍କା ବାର୍ଷିକ ଆୟ ଉପରେ ୨୦% ଟିକସ ଦେବାକୁ ପଡିବ, ୨୫% ୧୮,୦୦,୦୦୧ ଲକ୍ଷ ଟଙ୍କା ଏବଂ ତଦୁର୍ଦ୍ଧ ଆୟ ଉପରେ ୧୫,୦୦,୦୦୧ ଟଙ୍କା ୧୮,୦୦,୦୦୦ ଟଙ୍କା ଏବଂ ତଦୁର୍ଦ୍ଧ୍ ଏହାଠାରୁ ଅଧିକ ଆୟ ଉପରେ ୩୦ ପ୍ରତିଶତ ଟିକସ ଲାଗୁ ହେବ। ନୂତନ ଟିକସ ବ୍ୟବସ୍ଥାରେ ଛାଡ଼ ପାଇଁ ବହୁତ କମ ବ୍ୟବସ୍ଥା ଅଛି । ଏଥିରେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଜେଟ୍‌ରେ କର୍ମଚାରୀଙ୍କ ପକ୍ଷରୁ ନିଯୁକ୍ତିଦାତାଙ୍କ ଦ୍ୱାରା ଦିଆଯାଇଥିବା ଅବଦାନରେ ହ୍ରାସ ପ୍ରକୃତରେ, ଗତ ବର୍ଷ ଉପରେ ନିଯୁକ୍ତିଦାତାମାନଙ୍କ ଦ୍ୱାରା କରାଯାଇଥିବା ଖର୍ଚ୍ଚର କାଟିବା କର୍ମଚାରୀଙ୍କ ଦରମାର ୧୦% ରୁ ୧୪% କୁ ବୃଦ୍ଧି କରାଯାଇଥିଲା, ଯେତେବେଳେ ଜାତୀୟ ପେନସନ ଯୋଜନାରେ ଜଣଙ୍କର ଅବଦାନ ପାଇଁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ କାଟିବା ସୁବିଧା ଉପଲବ୍ଧ ହୋଇପାରିବ । ନୂତନ ଟିକସ ବ୍ୟବସ୍ଥା ଅଧୀନରେ ସରକାର ଏହି ଲାଭ ବୃଦ୍ଧି କରିବାକୁ ମଧ୍ୟ ବିଚାର କରିପାରିବେ। ଏହା ଅଣ-ବେତନଭୋଗୀ କରଦାତାଙ୍କୁ ଲାଭ ଦେବ ଏବଂ ବଜେଟ୍‌କୁ ମଧ୍ୟ ପ୍ରୋତ୍ସାହନ ଦେବ। ଆଶା କରାଯାଉଛି ଯେ ଧାରା ୮୭ ଅନୁଯାୟୀ, ନୂତନ ଟିକସ ବ୍ୟବସ୍ଥାରେ, ଜଣେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୧୦୦ପ୍ରତିଶତ ପର୍ଯ୍ୟନ୍ତ ଟିକସ ଛାଡ଼ ଦାବି କରିପାରିବେ। ନିମ୍ନ ଆୟ ଗୋଷ୍ଠୀକୁ ଅଧିକ ସୁବିଧା ପ୍ରଦାନ କରିବା ପାଇଁ, ଏହି ସୀମାକୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରିବ। ପୁରୁଣା ଟିକସ ବ୍ୟବସ୍ଥା ଅଧୀନରେ ଆୟକର ସ୍ଲାବ ୨୦୧୪ରେ ସରକାର କ୍ଷମତାକୁ ଆସିବା ପରଠାରୁ ମୌଳିକ ଛାଡ ସୀମାରେ କୌଣସି ପରିବର୍ତ୍ତନ ହୋଇନାହିଁ । ଏହାକୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ, ଅର୍ଥାତ ୨୫,୦୦୦ ଟଙ୍କାରୁ ୩୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏହାର ଅର୍ଥ ହେଉଛି ଏବେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ଲାଗିବ ନାହିଁ।

## ବଜେଟ୍ ୨୦୨୫ ପୂର୍ବରୁ ...

ବୃଦ୍ଧି କରାଯାଇପାରେ। ଏହି ଯୋଜନା ଦେଶର କୋଟି କୋଟି ଚାଷୀଙ୍କୁ ଲାଭ ଦେଉଛି ଏବଂ ଏହି ବୃଦ୍ଧି ଚାଷୀଙ୍କ ଆର୍ଥିକ ସ୍ଥିତିକୁ ଉନ୍ନତ କରିପାରିବ। ଗ୍ରାମାଞ୍ଚଳର ଯୁବକ ଯୁବତୀଙ୍କ ପାଇଁ ଇଣ୍ଟର୍ଣ୍ଣସିପ କାର୍ଯ୍ୟକ୍ରମ ଘୋଷଣା କରାଯାଇପାରେ। ଏହା ସହିତ, ଏକ ସମନ୍ୱିତ ଜାତୀୟ ନିଯୁକ୍ତି ନୀତି ଗଠନ କରାଯାଇପାରିବ, ଯାହା ଦ୍ୱାରା ବିଭିନ୍ନ ମନ୍ତ୍ରଣାଳୟର ଯୋଜନାଗୁଡ଼ିକୁ ଗୋଟିଏ ଛତା ତଳେ ଅଣାଯାଇପାରିବ। ଏହା ବ୍ୟତୀତ, ଷ୍ଟାର୍ଟଅପ୍‌ଗୁଡ଼ିକୁ ମଧ୍ୟ ସମର୍ଥନ ମିଳିବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ କ୍ଷେତ୍ରର ବଜେଟ ୧୦% ବୃଦ୍ଧି କରାଯାଇପାରିବ। ଏହା ଅଧୀନରେ, ମେଡିକାଲ କଲେଜଗୁଡ଼ିକରେ ୭୫ ହଜାର ସିଟ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ସହିତ, ଏମ୍‌ଆରଆଇ ଭଳି ଚିକିତ୍ସା ଉପକରଣ ଉପରେ ଆମଦାନୀ ଶୁଳ୍କ ହ୍ରାସ କରାଯାଇପାରିବ, ଯାହା ଚିକିତ୍ସା ଖର୍ଚ୍ଚ ହ୍ରାସ କରିବ।

## ଭୁବନେଶ୍ୱରରେ ପ୍ରବାସୀ...

ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଶ୍ରୀ ଜୟଶଙ୍କର ଗତ ୬ ତାରିଖରେ ଓଡ଼ିଶା ଆସିଥିଲେ ଏବଂ ୧୦ ତାରିଖ ଦିନ ଫେରିଯାଇଥିଲେ । ଏହି ଗସ୍ତକାଳରେ ସେ ଜାନୁଆରୀ ୬ ତାରିଖରେ କୋଣାର୍କ ଇକୋରିଟ୍ରିଟରେ ରାତ୍ରି ଯାପନ କରିଥିଲେ। ଜାନୁଆରୀ ୭ ତାରିଖରେ କୋଣାର୍କ ସୂର୍ଯ୍ୟ ମନ୍ଦିର ସହ ପୁରୀ ଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ। ଏହା ପରେ ସେ ଭୁବନେଶ୍ୱର ଶାନ୍ତିସ୍ତୁପ ଧଉଳି ପରିଦର୍ଶନ କରିଥିଲେ। ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଶ୍ରୀ ଜୟଶଙ୍କର କହିଥିଲେ, ଏହା କେବଳ ଏକ ସମ୍ମିଳନୀ ନୁହେଁ, ପ୍ରବାସୀ ଭାରତୀୟ ଦିବସ ହେଉଛି ପାରିବାରିକ ପୁନର୍ମିଳନ ଭଳି ଓଡିଶାର କଳା ଓ ସଂସ୍କୃତି ଅନନ୍ୟ ଓଡିଶା ରାଜ୍ୟର କଳା ଓ ସଂସ୍କୃତି ସାରା ଦେଶରେ ପରିଚିତି ହାସଲ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଣିଜ୍ୟ, ଟେକ୍ନୋଲୋଜି ଓ ଟ୍ୟୁରିଜିମ ଉପରେ ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶାରେ ଶିଳ୍ପ, ବାଣିଜ୍ୟ, ପରିବହନ, ନିଯୁକ୍ତ ଆଦି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ପାଇଁ ଏପରି ଆୟୋଜନ ନିଶ୍ଚିତ ସହାୟକ ହେବ। ଓଡ଼ିଶାର ଯୁବଶକ୍ତିଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ଦକ୍ଷ ମାନବସମ୍ବଳ ସୃଷ୍ଟି କରାଯାଇପାରିବ। କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ପୂର୍ବୋଦୟ ଅଭିଯାନରେ ଓଡ଼ିଶାର ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଉଛି । ଯାହା ଫଳରେ ସମଗ୍ର ବିକାଶ ଓ ବିପୁଳ ନିଯୁକ୍ତି ସୁଯୋଗ ପାଇଁ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ନିବେଶକମାନଙ୍କ ପାଇଁ ଲାଭଦାୟକ ହେବ। କୌଣସି ଦେଶ ଏକାକୀ ବିକଶିତ ହୋଇନାହିଁ । ସବୁ ଦେଶ ବିକାଶ ପାଇଁ ଅନ୍ୟର ସହଯୋଗ ଲୋଡ଼ିଛନ୍ତି । ଆମେ ପ୍ରବାସୀ ଭାରତୀୟଙ୍କ ସହଯୋଗରେ ବିକଶିତ ଭାରତ ଗଢ଼ିବାକୁ ଚାହୁଁଛୁ।

## ବଜେଟ୍ ପୂର୍ବରୁ ...

ତୃତୀୟ ଥର ପାଇଁ ଦାୟିତ୍ୱ ଦେଇଛନ୍ତି । ଏହା ମୋର ତୃତୀୟ କାର୍ଯ୍ୟକାଳର ପୂର୍ଣ୍ଣ ବଜେଟ୍। ମୁଁ ବିଶ୍ୱାସ ଉପରେ ସମ୍ପୂର୍ଣ୍ଣ ଆଶ୍ୱସ୍ତ । ମୁଁ ଏହା ମଧ୍ୟ କହିପାରିବି ଯେ ଏହି ବଜେଟ ନୂତନ ଶକ୍ତି ଦେବ, ଏହା ଆତ୍ମବିଶ୍ୱାସ ଦେବ ଯେ ୨୦୪୭ ସୁଦ୍ଧା ଦେଶ ବିକାଶ କରିବ ଏବଂ ୧୪୦ କୋଟି ଲୋକ ନିଜ ସଂକଳ୍ପ ସହିତ ଏହି ସ୍ୱପ୍ନକୁ ପୂରଣ କରିବେ। ସେ ଏହାକୁ ଯୁବ ସାଂସଦମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ । ଗଣମାଧ୍ୟମକୁ ସମ୍ବୋଧିତ କରି ସେ କହିଛନ୍ତି, ଏହି ବଜେଟ ଅଧିବେଶନରେ ସମସ୍ତ ସାଂସଦ ବିକଶିତ ଭାରତକୁ ମଜଭୁତ କରିବାରେ ଯୋଗଦାନ ଦେବେ। ଏହା ବିଶେଷକରି ଯୁବ ସାଂସଦମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। କାରଣ ଗୃହରେ ସେମାନଙ୍କର ସଚେତନତା ଏବଂ ଅଂଶଗ୍ରହଣ ଯେତେ ବୃଦ୍ଧି ପାଇବ ବଜେଟ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ବିଦେଶୀ କୋଣରୁ ଏକ ଚିଙ୍ଗାରୀ ଜାଳିବା ବିଷୟରେ ମଧ୍ୟ କହିଛନ୍ତି । ସେ କହିଛନ୍ତି, ମୁଁ ୨୦୧୪ରୁ ଦେଖିଆସୁଛି ଯେ ପ୍ରତ୍ୟେକ ଅଧିବେଶନ ପୂର୍ବରୁ ଲୋକମାନେ ହଇରାଣ କରିବାକୁ ପ୍ରସ୍ତୁତ ଥିଲେ ଏବଂ ସେମାନଙ୍କୁ ସମର୍ଥନ କରିବା ପାଇଁ ଏଠାରେ ଲୋକଙ୍କର ଅଭାବ ନାହିଁ । ୧୦ ବର୍ଷ ପରେ, ମୁଁ ଏହି ପ୍ରଥମ ଅଧିବେଶନ ଦେଖୁଛି। ଯେଉଁଥିରେ କୌଣସି ବିଦେଶୀ କୋଣରୁ କୌଣସି ଚିଙ୍ଗାରୀ ଜ୍ୱଳିତ ହୋଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ର ଦେଇଛନ୍ତି । ସେ କହିଛନ୍ତି, ସଂସ୍କାର, କାର୍ଯ୍ୟଦକ୍ଷତା ଏବଂ ରୂପାନ୍ତର ଯେତେବେଳେ ଦ୍ରୁତ ବିକାଶ ହାସଲ କରିବାକୁ ପଡ଼େ, ସେତେବେଳେ ସର୍ବାଧିକ ଗୁରୁତ୍ୱ ସଂସ୍କାର ଉପରେ ଦିଆଯାଏ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଏକାଠି କାର୍ଯ୍ୟ କରିବାକୁ ପଡିବ ଏବଂ ଲୋକଙ୍କ ଅଂଶଗ୍ରହଣ ସହିତ ଆମେ ପରିବର୍ତ୍ତନ ଦେଖିପାରିବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଧାନମନ୍ତ୍ରୀ ମୋଦି ମିଶନ ମୋଡରେ କାମ କରିବାକୁ ଦାବି କରିଛନ୍ତି । ଆଉ କହିଛନ୍ତି, ଆମର ତୃତୀୟ କାର୍ଯ୍ୟକାଳରେ, ଆମେ ଦେଶର ସର୍ବାଙ୍ଗୀନ ବିକାଶ ହାସଲ କରିବାର ସଂକଳ୍ପ ସହିତ ମିଶନ ମୋଡରେ ଆଗକୁ ବଢ଼ିବୁ, ତାହା ଭୌଗୋଳିକ, ସାମାଜିକ କିମ୍ବା ବିଭିନ୍ନ ଆର୍ଥିକ ପରିପ୍ରେକ୍ଷୀରେ ହେଉ। ସେ ଯୁବ ବିକଶିତ ଭାରତର ଲାଭାର୍ଥୀଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଆମ ଦେଶ ଏକ ଯୁବ ଦେଶ, ଏଠାରେ ଯୁବଶକ୍ତି ଅଛି । ଯେଉଁମାନଙ୍କ ବୟସ ୨୦-୨୫ ବର୍ଷ ସେମାନେ ୪୫-୫୦ ବର୍ଷ ବୟସର ହେବେ, ସେମାନେ ବିକଶିତ ଭାରତର ସବୁଠାରୁ ବଡ଼ ଲାଭାର୍ଥୀ ହେବେ।

## ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ୨୦୪ତମ ଆଲୋଚନାଚକ୍ର

# ଓଡ଼ିଶାକୁ ଖାଦ୍ୟ ଓ ଖଦିର ଭଣ୍ଡାର କରିବା ଗାନ୍ଧୀଙ୍କର ସ୍ୱପ୍ନ ଥିଲା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



'ପଦ୍ମଶ୍ରୀ' ପାଇଁ ମନୋନୀତ ଡା. ଅଶୋକ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା

ଓଡ଼ିଶା ଥିଲା ମହାତ୍ମା ଗାନ୍ଧୀଙ୍କ ତୀର୍ଥଭୂମି, ଓଡ଼ିଶାର ସେବା କରିପାରିଲେ ତା' ମାଧ୍ୟମରେ ଦେଶର ସେବା କରିପାରିବ ବୋଲି ମହାତ୍ମା ଗାନ୍ଧୀ ବକ୍ତବ୍ୟ ରଖିଥିଲେ। ନିଶା, ଆଳସ୍ୟ ଓ ଜଡ଼ତାରୁ ଦୂରରେ ରହି ଓଡ଼ିଶାକୁ ଖାଦ୍ୟ ଓ ଖଦିର ଭଣ୍ଡାର କରିବା ଲାଗି ଗାନ୍ଧିଜୀ ଆହ୍ୱାନ ଦେଇଥିଲେ ବୋଲି କହିଛନ୍ତି ବକ୍ତାଗଣ। 'ମୁକ୍ତ ଚିନ୍ତନ ମଞ୍ଚ' ଓ 'ଭାରତୀୟ ବିଦ୍ୟାଭବନ' ମିଳିତ ଆନୁକୂଲ୍ୟରେ ୨୦୪ତମ ଆଲୋଚନା ଚକ୍ର 'ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ଓଡ଼ିଶା' ଶୀର୍ଷକରେ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଲେ ଯେ ମହାତ୍ମା ଗାନ୍ଧୀ ଜଣେ ମଣିଷ ନଥିଲେ ସେ ଥିଲେ ଗୋଟିଏ ଅନୁଷ୍ଠାନ। ସାରା ଭାରତ ବର୍ଷ ପାଇଁ ସେ ଥିଲେ ପ୍ରେରଣାର ଉତ୍ସ। ସେ ବିଶ୍ୱବନ୍ଦିତ ପ୍ରତିଭା। ତାଙ୍କର ଓଡ଼ିଶା ପ୍ରତି ଥିଲା ଅତ୍ୟଧିକ ଦୁର୍ବଳତା। ମୁଖ୍ୟବକ୍ତା ପ୍ରହଲ୍ଲାଦ ସିଂହ ଓଡ଼ିଶା କିପରି ଗାନ୍ଧୀଙ୍କୁ ପ୍ରଭାବିତ କରିଛି ତାହାର ଉଦାହରଣ ଦେଇ କହିଥିଲେ ଯେ ୧୯୨୧ ମସିହାରେ ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଗସ୍ତରେ ଓଡ଼ିଶାବାସୀଙ୍କ ଚରମ ଦାରିଦ୍ର୍ୟ ଦେଖି ଦିନେ ତାଙ୍କ ଶରୀରର ଜାମା ଓ ଟୋପି ବାହାର କରି ଆଣ୍ଠୁଲୁଚା ଧୋତି ପିନ୍ଧିବା ଆରମ୍ଭ କରିଥିଲେ ଯାହାପାଇଁ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ତାଙ୍କୁ ଲଙ୍ଗଳା ଫକୀର ବୋଲି ଘୋଷଣା କରିଥିଲେ। ଓଡ଼ିଶା ପ୍ରଦେଶର ବିଭିନ୍ନ ଭାଗ ଖଣ୍ଡବିଖଣ୍ଡିତ ହୋଇ ଚାରିଟି ରାଜ୍ୟ ସହ ମିଶିଥିବାରୁ ସେ ଘୋଷଣା କରିଥିଲେ ଓଡ଼ିଶା ନିଜର ସ୍ୱାତନ୍ତ୍ର ବଜାୟ ରଖିବାକୁ ହେଲେ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ ହେଉ। ସେଥିପାଇଁ ସେ ଉତ୍କଳମଣିଙ୍କୁ ନେଇ ସ୍ୱତନ୍ତ୍ର ମଣ୍ଡଳ ପ୍ରଦେଶ କଂଗ୍ରେସ କମିଟି ଗଠନ କରିଥିଲେ। ଯାହା ଫଳରେ ୧୫ବର୍ଷ ପରେ ୧୯୩୬ରେ ଓଡ଼ିଶା ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା। ସମ୍ମାନୀୟା ବକ୍ତା ପ୍ରଫେସର ସଂଘମିତ୍ରା ମିଶ୍ର ଗାନ୍ଧୀଙ୍କର ଓଡ଼ିଶାର ଉନ୍ନତି ପାଇଁ କିପରି ବିଭିନ୍ନ ସମୟରେ ପଦଯାତ୍ରା କରିଥିଲେ ତା'ର ବିବରଣୀ ପ୍ରଦାନ କରି ତାଙ୍କ ପରିବାର ବିଶେଷ କରି ତାଙ୍କ ପିତା ସ୍ୱର୍ଗତ ବଂଶୀଧର ମିଶ୍ର କିଭଳି ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ତାହାର ବର୍ଣ୍ଣନା କରିଥିଲେ। ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ର ଗାନ୍ଧୀଙ୍କର ଅସ୍ପୃଶ୍ୟତା ଦୂରକରିବା ପାଇଁ ପଦଯାତ୍ରା ପୁରୀ ବଡ଼ଦାଣ୍ଡରୁ କିପରି ଆରମ୍ଭ କରିଥିଲେ ତା'ର ବିବରଣୀ ଦେଇ କହିଥିଲେ ଯେ ଆମେ ଗାନ୍ଧୀଙ୍କ ଦର୍ଶନରେ ଅନୁପ୍ରାଣିତ ହେଲେ ଆର୍ଥିକ ଉନ୍ନତି ସହ ଆଧ୍ୟାତ୍ମିକ ଦିଗରେ ମଧ୍ୟ ବେଶ୍ ଆଗେଇ ପାରିବା।

ସଭାରେ ଡାକ୍ତର ଅଶୋକ କୁମାର ମହାପାତ୍ର ଚଳିତ ବର୍ଷର ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବାରୁ ସଭା ସ୍ଥଳରେ ମାନପତ୍ର ପଠନ କରାଯାଇ ତାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଡାକ୍ତର ମହାପାତ୍ର ତାଙ୍କ ଜୀବନକୁ ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗ କରି ସେବାକୁ ହିଁ ପୂଜା ରୂପେ ମାନିନେଇଛନ୍ତି ବୋଲି କହିଥିଲେ ଏବଂ ଓଡ଼ିଶାବାସୀଙ୍କ ସହ ଭଲପାଇବା, ତାଙ୍କୁ କାର୍ଯ୍ୟକ୍ଷେତ୍ରରେ ବହୁ ପ୍ରେରଣା ଦେଇଛି ବୋଲି ମତବ୍ୟକ୍ତ କରିଥିଲେ।

ପ୍ରାରମ୍ଭରେ 'ମୁକ୍ତ ଚିନ୍ତନ ମଞ୍ଚ'ର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। 'ଆମ ଓଡ଼ିଶା' ତରଫରୁ ଅସିତ ମହାନ୍ତି ତାଙ୍କ ସଂସ୍ଥା ଦ୍ୱାରା ପ୍ରକାଶିତ ଗାନ୍ଧୀଙ୍କୁ ନେଇ ଦଶଟି ବହି ଡା. ଅଶୋକ ମହାପାତ୍ରଙ୍କୁ ଉପହାର ଦେଇଥିଲେ। ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଡ. ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ସଭା ଶେଷରେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଭକ୍ତି ସଂଗୀତ ପରିବେଷଣ କରିଥିଲେ କଣ୍ଠଶିଳ୍ପୀ ମଧୁସ୍ମିତା ବିଶ୍ୱାଳ ଓ ସଙ୍ଗୀତା ତ୍ରିପାଠୀ।

## ।।। କଳିଙ୍ଗ ନାଟ୍ୟ ସଂଘର ପଞ୍ଚମ ଅର୍ଘ୍ୟ ।।।

# ନୀଳମାଧବ ଆଉ ବିଶ୍ୱାବଶୁଙ୍କ ଗାଥା ବଖାଣିଲା ନାଟକ 'ମାଧବ ସନ୍ଧାନେ'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଜଗନ୍ନାଥାୟନ ସନ୍ଧ୍ୟାରେ, କଳିଙ୍ଗ ନାଟ୍ୟ ସଂଘ ତରଫରୁ ମଞ୍ଚସ୍ଥ ହୋଇଯାଇଛି ନାଟ୍ୟକାର ପ୍ରଫେସର ନରେନ୍ଦ୍ର ମିଶ୍ରଙ୍କ ଦ୍ୱାରା ରଚୟିତ ଏବଂ ନିର୍ଦ୍ଦେଶିତ ଭକ୍ତି ରସାତ୍ମକ ଓଡ଼ିଆ ନାଟକ 'ମାଧବ ସନ୍ଧାନେ'। ନାଟକଟିର କଥାବସ୍ତୁ କୌଣସି କିମ୍ବଦନ୍ତୀ ଉପରେ ଆଧାରିତ ନଥିଲେ ବି, ନାଟ୍ୟକାର ପ୍ରଫେସର ମିଶ୍ର ତାଙ୍କ ଭକ୍ତି ଭାବନାରୁ ସୃଷ୍ଟି କରନ୍ତି ଦୁଇଜଣ ଯୁବକ ଯୁବତୀଙ୍କୁ; ସମୀର ଆଉ ଦିଶା। ଉଚ୍ଚ ଶିକ୍ଷିତ ସମୀର, ଦିଶା ଗବେଷଣା କରନ୍ତି ନୀଳମାଧବଙ୍କ ନୀଳକନ୍ଦର ଆଉ ନୀଳମାଧବ ଭକ୍ତ ବିଶ୍ୱାବଶୁଙ୍କ ଉପରେ। ଖୋଜରେ ଘୁରି ବୁଲନ୍ତି ଓଡ଼ିଶାର ବିଭିନ୍ନ ପ୍ରାନ୍ତର, ପାହାଡ଼ ବଣ ଜଙ୍ଗଲ ଭିତରେ। ଶେଷରେ ନୀଳକନ୍ଦରକୁ ଠାବ କରିବାକୁ ଯାଇ, ଅପ୍ରତ୍ୟାଶିତ ଭାବେ ଭେଟ ହୋଇଯାନ୍ତି ବିଶ୍ୱାବଶୁଙ୍କ ସହିତ ଉପାନ୍ତ କୋରାପୁଟ ଜିଲ୍ଲାର ଘଞ୍ଚ ବଣ ପାହାଡ଼ ଘେରା ଶବର ଅଧ୍ୟୁଷିତ ଅଞ୍ଚଳରେ। ପ୍ରଥମେତଃ ବଣ୍ୟ ଜନ୍ତୁଙ୍କର ଭୟରେ ବାଟ ବଣା ହୁଅନ୍ତି ସେମାନେ। ଧରା ପଡ଼ିଯାନ୍ତି ଶବର ମୁଖିଆ ଦିଶାରୀଙ୍କ ଖୁଆଡ଼ରେ। ଯେତେବେଳେ ସେ ସୂଚନା ପାଏ କି ସେମାନେ ବିଶ୍ୱାବସୁଙ୍କ ଉପରେ ଗବେଷଣା କରିବା ପାଇଁ ନୀଳକନ୍ଦରର ଖୋଜରେ ବାହାରିଛନ୍ତି, ଦିଶାରୀ ସେମାନଙ୍କୁ ନେଇଯାଏ ଶବର ଶାହି ଡଙ୍ଗର ଦେବୀ ଠାକୁରାଣୀଙ୍କ ପାଖକୁ। ବିଚାର କରନ୍ତି ସେଠି ଉଭୟଙ୍କର ଶବର ସର୍ଦ୍ଦାର ବିଶ୍ୱାବସୁ। କଥୋପକଥନ ଭିତରେ, ବିଶ୍ୱାବସୁ ଜାଣିପାରନ୍ତି ତା' ନୀଳମାଧବ ଏବେ ନୀଳାଚଳବାସୀ। ପୂଜା ପାଉଛନ୍ତି ଶ୍ରୀଜଗନ୍ନାଥଙ୍କ ଉପରେ। ଆଷାଢ଼ ମାସରେ ତାଙ୍କର ଘୋଷ ଯାତ୍ରା। ଦର୍ଶନ କରିବାକୁ ବିକଳ ହୋଇପଡ଼ନ୍ତି। ସମୀର ଆଉ ଶିଳା ଭରଷା ଦିଅନ୍ତି ବିଶ୍ୱାବଶୁଙ୍କୁ କି, ତାଙ୍କୁ ସାଥିରେ ନେଇ ସେମାନେ ନୀଳମାଧବଙ୍କୁ ଦର୍ଶନ କରେଇବେ। ବିରାଟ ଶବର ପଟୁଆର ସହିତ ବିଶ୍ୱାବସୁ ସମୀର ଶିଳାଙ୍କ ସହିତ ବାହାରି ପଡ଼େ ପୁରୁଷୋତ୍ତମକୁ ତା' ଠାକୁର ନୀଳମାଧବଙ୍କ ଦର୍ଶନ ପାଇବା ପାଇଁକି...

ଏମିତି ଗୋଟିଏ ଭକ୍ତି ରସାତ୍ମକ କଥାବସ୍ତୁକୁ ନେଇକି କଳିଙ୍ଗ ନାଟ୍ୟ ସଂଘର କଳାକାରମାନଙ୍କୁ ଦ୍ୱାରା ମଞ୍ଚସ୍ଥ ହୋଇଥିବା ନାଟକ ମାଧବ ସନ୍ଧାନ ଉପସ୍ଥିତ ଦର୍ଶକଙ୍କୁ ଜଗନ୍ନାଥ ସଂସ୍କୃତି ଭିତରେ ଛନ୍ଦି ଦେଇ ରୋମାଞ୍ଚିତ କରିଥିଲା। ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଧ୍ୱନି ପ୍ରତିଧ୍ୱନୀ ଭିତରେ ପୂରା ପ୍ରେକ୍ଷାଳୟ ଭକ୍ତି ସାଗରରେ ଉଭାସିତ ହୋଇ ଉଠିଥିଲା। ନାଟକଟିରେ ନିଜେ ନାଟ୍ୟକାର ଏବଂ ନିର୍ଦ୍ଦେଶକ ପ୍ରଫେସର ନରେନ୍ଦ୍ର ମିଶ୍ର ବିଶ୍ୱାବସୁ ଚରିତ୍ରରେ ଅଭିନୟ କରିଥିବା ବେଳେ ଦିଶାରୀ ଭୂମିକାରେ ପ୍ରଶାନ୍ତ ମହାପାତ୍ର, ଗଜପତି ଭୂମିକାରେ ମୁକୁନ୍ଦ ଶତପଥୀ, ସମୀର ମିଥୁନ, ଶିଳା ବର୍ଷା, ବିଦ୍ୟାପତି ସତ୍ୟ ଜେନା, ମୁଖିଆ ବିଭୁ, ବଡ଼ପଣ୍ଡା ଭଜକୃଷ୍ଣ ମହାନ୍ତି, ଏ ଏସ ପି ଚିରଞ୍ଜିବି, ଲଳିତା ସିପ୍ରା, ଶବର ଝିଅ ବନିତା, ମିନତୀ ଆଦି କଳିଙ୍ଗର ବାଇଶି ଜଣ କଳାକାରଙ୍କର ମନମୁଗ୍ଧକର ଅଭିନୟ ସାଙ୍ଗକୁ ସଙ୍ଗୀତ ନିର୍ଦ୍ଦେଶକ ରାଜକୁମାରଙ୍କର ସୁମଧୁର ଯନ୍ତ୍ରସଂଗୀତ ଦର୍ଶକଙ୍କୁ ନାଟକର ଯବନିକା ପତନ ପର୍ଯ୍ୟନ୍ତ ଉତ୍କଣ୍ଠାର ସହିତ ବସି ରହି ଭକ୍ତ ଆଉ ଭଗବାନଙ୍କର ଅପୂର୍ବ ମିଳନର ଦୃଶ୍ୟକୁ ଉପଭୋଗ କରିବାକୁ ମୋହଗ୍ରସ୍ତ କରିଥିଲା। କଳିଙ୍ଗ ନାଟ୍ୟ ସଙ୍ଘର ସଭାପତି ଧୀରେନ୍ଦ୍ର ନାଥ ମଲ୍ଲିକ ନିଜେ ଉପସ୍ଥିତ ରହି କଳିଙ୍ଗ ବାହିନୀର କଳାକାରମାନଙ୍କୁ ପ୍ରଚ୍ଛଦ ପଟରୁ ଉତ୍ସାହିତ କରିବା ସହିତ, ସେମାନଙ୍କର ମନୋବଳକୁ ବଢ଼େଇଥିଲେ।

DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG, DIST-KHURDA, PIN-754005
PHONE-(M) 9437022023
Email: deputydirector.kanan@gmail.com

NANDANKANAN
Web: www.nandankanan.org
MM-450

e-PROCUREMENT NOTICE
Tender No. DD-NKN-_57 _/PMU/NKZP-2024-25 Dt.31.01.2025

| | | | |
|---|---|---|---|
| 1 | Name of the work | : | Tender for construction of Road and Drain in front of Zoo Library to Zoo Veterinary Hospital inside Nandankanan Zoological Park for the year 2024-2025 |
| 2 | No. of works | : | 1(one) no. |
| 3 | Date of availability of bid document in the portal | : | 01.02.2025 |
| 4 | Class of Contractor | : | 'A' and 'B' Class contractor. |
| 5 | Last date for receipt of bids in the portal | : | 07.02.2025 up to 5.00 P.M. |
| 6 | Date of pre-Bid meeting | : | 04.02.2025 at 11.30 A.M. |
| 7 | Date of opening of Technical Bid (Cover-I) | : | 10.02.2025 at 10.00 A.M. |
| 8 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khorda, Pin-754005. |

Further details can be seen from the e-procurement portal https//tenderodisha.gov.in

Sd/- Deputy Director
Nandankanan Zoological Park

OIPR-08070/11/0041/2425

ଭୁବନେଶ୍ୱର
୦୧ ଫେବୃୟାରୀ
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ମହାପ୍ରଭୁଙ୍କ ଜମି ଜବରଦଖଲକାରୀଙ୍କୁ ବଡ଼ ଝଟ୍‌କା

# ଶ୍ରୀଜଗନ୍ନାଥଙ୍କ ଜମିରେ ଲାଗିଲା ସୂଚନା ଫଳକ

ଭୁବନେଶ୍ୱର, ୩୧।୦୧
ନ୍ୟୁଜ୍‌ବ୍ୟୁରୋ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିକୁ ପ୍ଲଟିଂ କରି ବିକ୍ରି କରିବା ଘଟଣାରେ ମହାପ୍ରଭୁଙ୍କ ଜମି ଜବରଦଖଲକାରୀଙ୍କୁ ଲାଗିଲା ବଡ଼ ଝଟ୍‌କା। ମହାପ୍ରଭୁଙ୍କ ଜମିରେ ଲାଗିଲା ଶ୍ରୀମନ୍ଦିର ପ୍ରଶାସନର ସୂଚନା ଫଳକ। ନିଜସ୍ୱ ଭୂସମ୍ପତ୍ତି ବୋଲି ଫଳକ ଲଗାଇ ସ୍ପଷ୍ଟ କଲା ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀଜଗନ୍ନାଥଙ୍କ ଜମିରେ ଅନଧିକାର ପ୍ରବେଶ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ସୂଚନା ଫଳକରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଉଲ୍ଲେଖ କରାଯାଇଛି।



ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ତାଳବଣିଆ ମୌଜା ଖାତା ନମ୍ବର୍ ୭୯୧ ର ୬ଟି ପ୍ଲଟର ପ୍ରାୟ ୫୦ ଡିସିମିଲ୍ ଜାଗାକୁ ତାରବାଡ଼ ବୁଲାଇ ଜବରଦଖଲ କରା ଯାଇଥିଲା। କୁମ୍ଭାରପଡ଼ା ଥାନାରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏତଲା ଦିଆଯାଇଥିଲା।

କୁମ୍ଭାରପଡ଼ା ଥାନାରେ ଏହା ବିରୋଧରେ ଏତଲା ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ଜବରଦଖଲ ଘଟଣାରେ ଜବରଦଖଲକାରୀଙ୍କୁ ଝଟ୍‌କା ଲାଗିଥିଲା। କାରଣ ଜବରଦଖଲ ହୋଇଥିବା ଜମି ଉପରେ ଫଳକ ମାରିଥିଲା ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ନିଜସ୍ୱ ଭୂସମ୍ପତ୍ତି ବୋଲି ଫଳକ ଲଗାଇ ସ୍ପଷ୍ଟ କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ଅନଧିକାର ପ୍ରବେଶ ଆଇନ୍ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ସୂଚନା ଫଳକରେ ଉଲ୍ଲେଖ କରାଯାଇଛି। କୁମ୍ଭାରପଡ଼ା ଥାନାରେ ଏହା ବିରୋଧରେ ଏତଲା ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ।



ଭୁବନେଶ୍ୱର : ସପ୍ତମ ବାଟାଲିୟନ ପଡ଼ିଆରେ ଆୟୋଜିତ ସମାରୋହରେ ଜାତୀୟ ପତାକା ଅବତରଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଉପସ୍ଥିତ ଅଛନ୍ତି ଘରୋଇ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ପୁଲିସ ଡିଜି ୱାଇ.ବି. ଖୁରାନିଆ ପ୍ରମୁଖ। (ଫଟୋ : ସମ୍ବାଦ କଳିକା)

# ୪ ହଜାର କୋଟିର ନିବେଶ ପାଇଁ ଓଡ଼ିଶା ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କଲା ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍

ଭୁବନେଶ୍ୱର, ୩୧।୦୧
ନ୍ୟୁଜ୍‌ବ୍ୟୁରୋ

ପାରାଦୀପ ଫସଫେଟ୍ ଲିମିଟେଡ୍ ଏକ ଅଗ୍ରଣୀ ସାର ନିର୍ମାତା। ସାର ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏବଂ ଫସଲ ଉତ୍ପାଦନ, କୃଷକ ସମୃଦ୍ଧି ଏବଂ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲକ୍ଷ୍ୟ ରଖିଛି। ଏହା ଜିଡିପିରେ ଯୋଗଦାନ ଦେବା ପାଇଁ ଏହାର ଉତ୍ପାଦନକୁ ତ୍ୱରାନ୍ୱିତ କରିଛି, ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ ସହିତ ସମାଜରେ ଯୋଡିଛି ଏବଂ ଏହାର ମୂଳ ଗ୍ରାହକ ଅର୍ଥାତ୍ ଚାଷୀମାନଙ୍କୁ ସାହାଯ୍ୟ କରିବା ପାଇଁ ଅତ୍ୟାଧୁନିକ କୌଶଳ ବ୍ୟବହାର କରୁଛି। ଏହାକୁ ହାସଲ କରିବା ପାଇଁ କମ୍ପାନୀ ସାର ଉତ୍ପାଦନ କ୍ଷମତା ବୃଦ୍ଧି କରିବ, ପ୍ରମୁଖ କଞ୍ଚାମାଲକୁ ଏକୀକୃତ କରିବ ଏବଂ ନବୀକରଣୀୟ ଶକ୍ତି ଓ ସ୍ଥାୟିତ୍ୱରେ ବିନିଯୋଗ କରିବ। ପିପିଏଲ ବନ୍ଦର ବା ଜେଟି ସମେତ ମଧ୍ୟବର୍ତ୍ତୀ ଏବଂ



ଚୂଡ଼ାନ୍ତ ଉତ୍ପାଦରେ ଫସ୍‌ଫେଟିକ୍ ସାର ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ପାଞ୍ଚ ବର୍ଷ ମଧ୍ୟରେ ୪ ହଜାର କୋଟି ଟଙ୍କା ନିବେଶ କରିବ । ଏହା ସିଧାସଳଖ ନିଯୁକ୍ତି କ୍ଷମତାକୁ ୧୦୦ରୁ ୧୫୦ ମଧ୍ୟରେ ଏବଂ ପରୋକ୍ଷ ଭାବରେ ୭ ଶହରୁ ୧ ହଜାର ମଧ୍ୟରେ ବୃଦ୍ଧି କରିବ। ଏହା ସହିତ ଏହି ରଣନୈତିକ ନିବେଶ ଉତ୍ପାଦନ କ୍ଷମତା ବୃଦ୍ଧି କରିବ, ପରିବେଶଗତ ପ୍ରଭାବକୁ ହ୍ରାସ କରିବ ଏବଂ କୃଷି ଅଭିବୃଦ୍ଧିରେ ଯୋଗଦାନ ଦେବ। ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ମୁଖ୍ୟ ସଚିବ ସୁରେଶ କ୍ରିଷ୍ଣନ୍, ଏମ୍‌ଡି ଏବଂ ସିଇଓ, ପାରାଦୀପ ଫସଫେଟ୍ସ ଲିମିଟେଡ୍ ଶୁଭେନ୍ଦ୍ର କୁମାର ନାୟକ, ସ୍ୱତନ୍ତ୍ର ସଚିବ ଶିଳ୍ପ ବିଭାଗ, ବିଜୟ କୁମାର ବିଶ୍ୱାଳ, ମୁଖ୍ୟ ଆର୍ଥିକ ଅଧିକାରୀ, ପିପିଏଲ ସୁଧୀ ରଞ୍ଜନ ମିଶ୍ର ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।




ଭୁବନେଶ୍ୱର : ଜୟଦେବ ଭବନ ପରିସରରେ ଗୀତାଞ୍ଜଳି ଅନୁଷ୍ଠାନର ବାର୍ଷିକ ସାଂସ୍କୃତିକ ଉତ୍ସବ ପାଳନ ଅବସରରେ ବିଶିଷ୍ଟ ନୃତ୍ୟଶିଳ୍ପୀ ସ୍ନେହପ୍ରଭା ସାମନ୍ତରାୟଙ୍କୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ସମ୍ମାନ-୨୦୨୫ରେ ସମ୍ମାନିତ କରୁଛନ୍ତି ମୁଖ୍ୟ ଅତିଥି ଆୟକର ବିଭାଗର ପୂର୍ବତନ ପ୍ରିନ୍ସିପାଲ କମିଶନର ଶରତ ଦାସ, ପିପିଏଲର କର୍ପୋରେଟ ବ୍ୟାପାର ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର, ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ବାରବାଟୀରେ ଏକଦିବସୀୟ ମ୍ୟାଚ୍ ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ, ଉନ୍ମୋଚନ କଲେ ଓଡ଼ିଆ ଥିମ୍ ସଙ୍ଗ୍

ଭୁବନେଶ୍ୱର, ୩୧।୦୧
ନ୍ୟୁଜ୍‌ବ୍ୟୁରୋ


କଟକ ବାରବାଟୀ ଷ୍ଟାଡ଼ିୟମ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଛନ୍ତି। ବାରବାଟୀ ଷ୍ଟାଡ଼ିୟମ୍‌ରେ ୯ ତାରିଖରେ ହେବାକୁ ଥିବା ଇଣ୍ଡିଆ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ପାଇଁ ପ୍ରସ୍ତୁତି ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ମ୍ୟାଚ୍ ପାଇଁ ନିର୍ମାଣ ହୋଇଥିବା ଓଡ଼ିଆ ଥିମ୍ ସଙ୍ଗ୍‌ର ଉନ୍ମୋଚନ କରିଛନ୍ତି। ସମୀକ୍ଷା ବେଳେ ବାରବାଟୀରେ କ୍ରିକେଟ୍ ଖେଳିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ସମୀକ୍ଷା ପରେ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ, କଟକ ବାରବାଟୀ ଏକଦିବସୀୟ ପାଇଁ ଆୟୋଜନ ସନ୍ତୋଷଜନକ। ମ୍ୟାଚ୍‌ର ସଫଳ ଆୟୋଜନ ପାଇଁ ସରକାର ସମସ୍ତ ସହଯୋଗ କରିବେ। ମ୍ୟାଚ୍‌ର ସଫଳ ଆୟୋଜନ ଆମ ସମ୍ମାନର କଥା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆସନ୍ତା ୯ ତାରିଖରେ ଖେଳାଯିବ ଇଣ୍ଡିଆ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍। ବାରବାଟୀ ୱାନ୍‌ଡେ ପାଇଁ ଏବେଠାରୁ ପିଚ୍ ଏବଂ ଆଉଟଫିଲ୍ଡ ଉପରେ ସ୍ୱତନ୍ତ୍ର ନଜର ରଖିଛି ଆୟୋଜକ ଓସିଏ। ତେବେ ବର୍ତ୍ତମାନର ଟ୍ରେଣ୍ଡ ହେଉଛି ହାଇ ସ୍କୋରିଂ ମ୍ୟାଚ୍। ତାକୁ ଆଖିରେ ରଖି ବାରବାଟୀର ପିଚ୍ ପ୍ରସ୍ତୁତ କରାଯାଉଛି। ଯଦିଓ ପଡ଼ିଆ ମଝିରେ ୫ଟି ପିଚ୍ ପ୍ରସ୍ତୁତ ହୋଇରହିଛି। କିନ୍ତୁ ଫେବୃୟାରୀ ୯, ୱାନ୍‌ଡେ ପାଇଁ ୨ଟି ପିଚ୍‌କୁ ଫୋକସ୍ ରଖାଯାଇଛି। ମୁମ୍ବାଇରୁ ଅଣାଯାଇଥିବା ନାଲି ମାଟିରେ ଗୋଟିଏ ପିଚ୍, ଅନ୍ୟଟି




କଳାହାଣ୍ଡିର କଳାମାଟିରେ ପ୍ରସ୍ତୁତ ହୋଇଛି। କିନ୍ତୁ ଆୟୋଜକ ଓସିଏ ଚାହୁଁଛି ବ୍ଲାକ୍ ସଏଲ୍ ପିଚ୍‌ରେ ହିଁ ମ୍ୟାଚ୍ ହେଉ। କାରଣ ପୂର୍ବରୁ ଏହି ପିଚ୍ ଅଧିକ ଇଫେକ୍ଟିଭ୍ ହୋଇଛି, ହେଲେ ଚୂଡ଼ାନ୍ତ ନିଷ୍ପତ୍ତି ରହିବ ମ୍ୟାଚ୍ ରେଫ୍‌ରୀଙ୍କ ପାଖରେ। ଏହା ଭିତରେ ବାରବାଟୀର ପିଚ୍ ଏବଂ ଆଉଟଫିଲ୍ଡ ପ୍ରସ୍ତୁତିକୁ ନୀରିକ୍ଷଣ କରିସାରିଛନ୍ତି ବିସିସିଆଇ ଚିଫ୍ କ୍ୟୁରେଟର ଆଶିଷ ଭୌମିକ। କିନ୍ତୁ ବର୍ତ୍ତମାନର ସ୍ଥିତି କହୁଛି ଯେ, ୯ ତାରିଖରେ ହେବାକୁ ଥିବା ୱାନ୍‌ଡେ ପାଇଁ କାକର ଏକ ପ୍ରମୁଖ ସମସ୍ୟା ହେବାଟା ନିଶ୍ଚିତ। ଯାହାକୁ ନିୟନ୍ତ୍ରଣ କରିବା ଲାଗି, ନୂଆ ସୁପର କିଣିଛି ଓସିଏ। ହେଲେ ମ୍ୟାଚ୍‌ର ୩ ଦିନ ଆଗରୁ ଆଉଟଫିଲ୍ଡରେ ସ୍ୱତନ୍ତ୍ର କେମିକାଲ ସ୍ପ୍ରେ କରାଯିବ। ମ୍ୟାଚ୍ ଦିନ ଆବଶ୍ୟକ ପଡିଲେ ମାନୁଆଲ ପ୍ରସେସରେ ଡ୍ୟୁ କଣ୍ଟ୍ରୋଲ କରିହେବ ବୋଲି ଓସିଏ କ୍ୟୁରେଟର କହୁଛନ୍ତି। ସାଧାରଣତଃ ୱାନଡେ ଇଣ୍ଟରନ୍ୟାସନାଲ ପାଇଁ ପିଚ୍ ଉପରେ ୨ରୁ ୩ ମିଲିମିଟର ଘାସ ରହେ। ଯାହା ଏକ ହାଇ ସ୍କୋରିଙ୍ଗ ମ୍ୟାଚ୍ ପାଇଁ ଅନୁକୂଳ। କିନ୍ତୁ କାକର ନିୟନ୍ତ୍ରଣ ନହୋଇ ପାରିଲେ ଆଉଟଫିଲ୍ଡ ସ୍ଲୋ ହେବାଟା ନିଶ୍ଚିତ, ଯାହା ହୁଏତ ଏକ ବିଗ୍ ସ୍କୋରିଙ୍ଗ ମ୍ୟାଚ୍ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

# ଚନ୍ଦ୍ରଭାଗା ଉପକୂଳରେ ଅଲିଭରିଡ୍‌ଲେଙ୍କ ଅଣ୍ଡାଦାନ : ପ୍ରଥମ ଦିନରେ ୧୮୫ ଅଣ୍ଡା ସଂଗ୍ରହ

କୋଣାର୍କ, ୩୧।୦୧
ନ୍ୟୁଜ୍‌ବ୍ୟୁରୋ



କୋଣାର୍କ ଚନ୍ଦ୍ରଭାଗା ସମୁଦ୍ର ଉପକୂଳରେ ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତବର୍ଷ ଅଣ୍ଡାଦାନ ପ୍ରକ୍ରିୟା ବିଳମ୍ବରେ ଜାନୁଆରୀ ମାସ ଶେଷ ସପ୍ତାହରେ ଆରମ୍ଭ ହୋଇଛି। ଶୁକ୍ରବାର ୧୮୫ଟି ଅଣ୍ଡା ସଂଗୃହିତ କରାଯାଇ ଚନ୍ଦ୍ରଭାଗା ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ରଖାଯାଇଛି। ଅଲିଭରିଡ୍‌ଲେ କଇଁଛମାନଙ୍କ ନିରାପଦ ଓ ସମୂହ ଅଣ୍ଡାଦାନ ପାଇଁ ବନବିଭାଗ ତତ୍ପରତା ପ୍ରକାଶ କରିଛି। ଅଲିଭରିଡ୍‌ଲେଙ୍କ ଅଣ୍ଡାଦାନ ପରେ ଅଣ୍ଡା ଗୁଡିକ ବିଲୁଆ, କୁକୁରଙ୍କ ଠାରୁ ରକ୍ଷା କରିବା ପାଇଁ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ସୂଚନାନୁଯାୟୀ, ୩୧ତାରିଖ ରାତିରେ ପ୍ରଥମ କରି ଦୁଇଟି ଅଲିଭରିଡ୍‌ଲେ ୧୮୫ଟି ଅଣ୍ଡା ଦେଇଥିବା ଦେଖିବାକୁ ମିଳିଥିଲା। ଏହି ଅଣ୍ଡାଗୁଡିକ ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ସୁରକ୍ଷିତ ଉପାୟରେ ରଖାଯାଇଛି। ଏହି ଅଣ୍ଡାରୁ ଆସନ୍ତା ୪୫ ରୁ ୬୦ ଦିନ ମଧ୍ୟରେ ଛୁଆ ଫୁଟିବା ପରେ ସୁରକ୍ଷିତ ଭାବେ ଅଲିଭରିଡ୍‌ଲେ ଶାବକମାନଙ୍କୁ ଗଭୀର ସମୁଦ୍ରକୁ ଛଡ଼ାଯିବ। ଏନେଇ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି।

# ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କଲେ ମଧୁସୂଦନ ପାଢ଼ୀ

ଭୁବନେଶ୍ୱର, ୩୧।୦୧:ନ୍ୟୁଜ୍‌ବ୍ୟୁରୋ

ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ଶୁକ୍ରବାର ଅବସରପ୍ରାପ୍ତ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମଧୁସୂଦନ ପାଢ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ତୋଷାଳି ଭବନସ୍ଥିତ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପହଞ୍ଚି ଶ୍ରୀ ପାଢ଼ୀ ପୂର୍ବତନ ରାଜ୍ୟ ନିର୍ବାଚନ ଆୟୁକ୍ତ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କଠାରୁ ଅଷ୍ଟମ ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଦାୟିତ୍ୱ ଗ୍ରହଣ ପରେ ରାଜ୍ୟ ନିର୍ବାଚନ ଆୟୁକ୍ତର ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ପାଢ଼ୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ଅଧିକାରୀମାନଙ୍କ ସହ ଆଲୋଚନା କରି ଶ୍ରୀ ପାଢ଼ୀ ସମସ୍ତଙ୍କୁ ନିଷ୍ଠାପର ଓ ଦାୟିତ୍ୱର ସହ କାର୍ଯ୍ୟ ସଂପାଦନ କରି ନିର୍ବାଚନ ଆୟୁକ୍ତର ଗରିମା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ



ପରିଚାଳନା କରି ରାଜ୍ୟବାସୀଙ୍କ ଅସ୍ଥାଭାଜନ ହେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ଶ୍ରୀ ପାଢ଼ୀ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରି ଅବସର ଗ୍ରହଣ କରିଥିଲେ।

# ଏଲଓସିରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର, ୩୧।୦୧

ସୀମାରେ ଫୁଟିଲା ଗୁଳି। ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। ଏଲଓସିରେ ଆତଙ୍କବାଦୀଙ୍କ ପ୍ରବେଶ ଯୋଜନା ପଣ୍ଡ ହୋଇଛି। ଯବାନଙ୍କ ଗୁଳିରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଜମ୍ମୁକଶ୍ମୀରର ପୁଞ୍ଚରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୩ ଆତଙ୍କବାଦୀଙ୍କୁ ନିପାତ କରିବାରେ ସଫଳ ହୋଇଛି ସୁରକ୍ଷାବଳ। ସର୍ଚ୍ଚ ଅପରେସନ ଜାରି ରହିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜମ୍ମୁ କଶ୍ମୀରର ପୁଞ୍ଚ ସେକ୍ଟର ନିୟନ୍ତ୍ରଣ ରେଖା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଆତଙ୍କବାଦୀଙ୍କ ଏକ ଦଳ ଏଲଓସି ପାର କରି ଭାରତ ଭିତରକୁ ପ୍ରବେଶ କରିବାକୁ ଯୋଜନା କରୁଥିଲେ। ଏହି ଯୋଜନାକୁ ପଣ୍ଡ କରିଥିଲା ଭାରତୀୟ ସେନା। ଖରମାର ଅଞ୍ଚଳରେ ନିୟୋଜିତ ସେନା ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୂଚନା ପାଇଥିଲେ। ଆଖପାଖ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଏହାପରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳିବିନିମୟ ହୋଇଥିଲା। ଯେଉଁଥିରେ ୩ ଆତଙ୍କବାଦୀଙ୍କୁ ନିପାତ କରିବାରେ ସଫଳ ହୋଇଛି ଭାରତୀୟ ସେନା। ବର୍ଷର ପ୍ରଥମ ଏନକାଉଣ୍ଟରରେ ସେନାକୁ ସଫଳତା ମିଳିଛି। ଏଲଓସିରେ ଆତଙ୍କବାଦୀଙ୍କ ପ୍ରବେଶ ଯୋଜନା ପଣ୍ଡ ହୋଇଛି। ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ୩ଟି ଏକେ-୪୭ ରାଇଫଲ ଜବତ ହୋଇଛି। ଗତବର୍ଷ ପୁଞ୍ଚ ଓ ରଜୌରୀରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ହ୍ରାସ ହୋଇଥିବା ଦେଖିବାକୁ ମିଳିଥିଲା।

# ହଂସିତାଙ୍କ ସ୍ୱାମୀ ମନୋଜ ଆଚାର୍ଯ୍ୟ ହାଇକୋର୍ଟରୁ ନିରାଶ

କଟକ, ୩୧।୦୧:ନ୍ୟୁଜ୍‌ବ୍ୟୁରୋ

ହାଇପ୍ରୋଫାଇଲ ଠକ ହଂସିତା ଅଭିଲିପ୍ସାଙ୍କ ସ୍ୱାମୀ ମନୋଜ କୁମାର ଆଚାର୍ଯ୍ୟ ହାଇକୋର୍ଟରୁ ନିରାଶ ହୋଇଛନ୍ତି। ମନୋଜଙ୍କ ଆଗୁଆ ଜାମିନ ଖାରଜ କଲେ ଜଷ୍ଟିସ୍ ଭି.ନରସିଂହଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ। ୧୯୮୦ ମସିହାର ଗୁରୁବକ୍ସ ସିଂ ଶିବ୍ବା ବନାମ ପଞ୍ଜାବ ସରକାର ମାମଲା ଆଧାରରେ ଜାମିନ ଖାରଜ ହୋଇଥିବା ଜଣାପଡ଼ିଛି। ଭୁବନେଶ୍ୱର ଇନ୍‌ଫୋସିଟି ଥାନାର କେସ୍ ନମ୍ବର ୬୧୧/୨୦୨୪ରେ ଆଗୁଆ ଜାମିନ ଆବେଦନ କରିଥିଲେ ମନୋଜ। ପରବର୍ତ୍ତୀ ସମୟରେ ପୁଣି ଆବେଦନ କରିପାରିବେ ବୋଲି କୋର୍ଟ ଅନୁମତି ଦେଇଛନ୍ତି। ହଂସିତା ଅଭିଲିପ୍ସାଙ୍କ ଦ୍ୱିତୀୟ ସ୍ୱାମୀ ହେଉଛନ୍ତି କନ୍ଧମାଳର ମନୋଜ ଆଚାର୍ଯ୍ୟ। ସୂଚନାଯୋଗ୍ୟ ଯେ, ଗତ ୧୯ ତରିଖରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ମନୋଜ ଆଚାର୍ଯ୍ୟ। ହଂସିତା ଅଭିଲିପ୍ସାଙ୍କ ଦ୍ୱିତୀୟ ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଲିପ୍ସା-ଅନୀଲଙ୍କ ଠକେଇରେ ପୋଲିସ ମନୋଜଙ୍କୁ ସମନ କରିଥିଲା। ମନୋଜ ଆଗୁଆ ଜାମିନ ଆବେଦନ କରିଥିଲେ। ପୂର୍ବରୁ ଆୟକର ବିଭାଗ ମନୋଜଙ୍କ ବାଲିଗୁଡ଼ା ସ୍ଥିତ ଘରେ ଚଢ଼ଉ କରିଥିଲା। ମନୋଜଙ୍କ ବାପାଙ୍କ ନାମରେ ଗୋଟିଏ କମ୍ପାନୀ ଥିବା ଜଣାପଡ଼ିଛି।

# ଏଣିକି ବିମାନରେ ଅଧିକ ଜିନିଷ ନେଇପାରିବେ ଯାତ୍ରୀ

ନୂଆଦିଲ୍ଲୀ, ୩୧।୦୧

ଏଣିକି ବିମାନରେ ଅଧିକ ଜିନିଷ ନେଇପାରିବେ ଯାତ୍ରୀ। ନିଜର ବ୍ୟାଗେଜ ପଲିସି ପରିବର୍ତ୍ତନ କରିଛି ଏୟାର ଇଣ୍ଡିଆ ଏକ୍ସପ୍ରେସ। ଯାହାଦ୍ୱାରା ଯାତ୍ରୀମାନଙ୍କ ଚେକ୍-ଇନ ବ୍ୟାଗେଜ୍‌ର ସୀମା ବଢାଇ ଦିଆଯାଇଛି। ଏହା ପୂର୍ବରୁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଯାତ୍ରୀମାନେ ୨୦ କିଲୋଗ୍ରାମ ପର୍ଯ୍ୟନ୍ତ ନିଜର ଜିନିଷ ବିମାନରେ ନେଇପାରୁଥିଲେ। ହେଲେ ବର୍ତ୍ତମାନ ଏହାର ସୀମା ବଢାଇ ଦିଆଯାଇ ୩୦ କିଲୋଗ୍ରାମ କରାଯାଇଛି। ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ନିଜ ଯାତ୍ରୀମାନଙ୍କ ଆଶ୍ୱସ୍ତି ପାଇଁ ନେଇଛି ଏଭଳି ନିଷ୍ପତ୍ତି। ଯେଉଁଥିରେ ଏୟାରଲାଇନ ଚେକ୍-ଇନ୍ ବ୍ୟାଗେଜର ଲିମିଟକୁ ବଢାଇ ଦେଇଛି। ଏହା ବ୍ୟତୀତ ଏୟାରଲାଇନ ଏହା ବି କହିଛି ଯେ, ଯେଉଁ ଯାତ୍ରୀମାନଙ୍କ ସହିତ ପିଲାମାନେ ଥିବେ ତାଙ୍କର ଅଲଗା ୧୦ କିଲୋର ଚେକ୍-ଇନ ବ୍ୟାଗ୍‌ର ସୁବିଧା ମିଳିବ। ଏୟାର ଲାଇନ ଆହୁରି ମଧ୍ୟ କହିଛି ଯେ, ଯାତ୍ରୀମାନଙ୍କୁ ଏବେ ୩୦ କିଲୋଗ୍ରାମ ଚେକ-ଇନ ବ୍ୟାଗେଜ ସହିତ ୭ କିଲୋର କ୍ୟାବିନ ବ୍ୟାଗେଜର ସୁବିଧା ମିଳିବ। କ୍ୟାବିନ ବ୍ୟାଗେଜର ଆକାର ୪୦ ସେମି × ୩୦ ସେମି × ୧୦ ସେମିରୁ ଅଧିକ ରହିବନି। ଏହାର ଆକାର ଏଭଳି ହେବା ଆବଶ୍ୟକ ଯାହା ସିଟ୍ ତଳେ ସହଜରେ ରହିପାରିବ। ତେବେ ଏୟାରଲାଇନର ଏହି ନିୟମ ସବୁ ରୁଟ୍‌ରେ ନୁହଁ ବରଂ କିଛି ରୁଟ୍ ପାଇଁ ବନାଯାଇଛି। ଏହି ନିୟମ ଏୟାର ଇଣ୍ଡିଆ ଏକ୍ସପ୍ରେସ ମଧ୍ୟପ୍ରାଚୀୟ ଓ ସିଙ୍ଗାପୁର ଯାଉଥିବା ଯାତ୍ରୀମାନଙ୍କ ପାଇଁ ଲାଗୁ କରାଯାଇଛି। ଅନ୍ୟପଟେ ଅଲଗା ରୁଟ୍ ପାଇଁ ପୂର୍ବ ନିୟମ ହିଁ ରହିବ। ଯେଉଁଥିରେ ୨୦ କିଲୋର ଚେକ୍-ଇନ ବ୍ୟାଗେଜ ଓ ୭ କିଲୋର କ୍ୟାବିନ ବ୍ୟାଗ ନିଆଯାଇପାରିବ।

# ପୃଥିବୀର ମଣିଷମାନେ ଏଲିୟନ : ନାସା ଦେଲା ଏମିତି ପ୍ରମାଣ


ନୂଆଦିଲ୍ଲୀ, ୩୧।୦୧

ନାସାର ଯାନ ଓସରିସ୍ ଆରଇଏକ୍ସ ସ୍ପେସ୍‌କ୍ରାଫ୍ଟ ବେନୁ ଉଲ୍‌କାପିଣ୍ଡରୁ କିଛି ନମୁନା ସହ ଫେରିଛି। ଯାହାକୁ ନାସା ସୋସିଆଲ ମିଡିଆରେ ଶେୟାର କରିଛି। ବେନୁ ଉଲ୍‌କାପିଣ୍ଡରୁ ଏହି ଯାନ ଏପରି କିଛି ତଥ୍ୟ ଆଣିଛି, ଯେଉଁଥିରୁ ସେଠାରେ ଜୀବନ ତତ୍ତ୍ୱ ଥିବା ସନ୍ଦେହ କରାଯାଉଛି ଏବଂ ସେହି ଉଲ୍‌କାପିଣ୍ଡରେ କାର୍ବନ ଏବଂ ପାଣିର ମାତ୍ରା ଖୁବ୍ ଅଧିକ ଥିବା ମଧ୍ୟ ନମୁନା ଆଣିଛି ଏହି ଯାନ ।

ଏହି ଉଲ୍‌କାପିଣ୍ଡରେ ଡିଏନଏ ଏବଂ ଆରଏନଏରେ ଥିବା ପାଞ୍ଚ ନିୟୁକ୍ଲିୟୋବେସେସ, ପ୍ରୋଟିନରେ ଥିବା ୨୦ଟି ଏମିନୋ ଏସିଡ୍ ମଧ୍ୟରୁ ୧୪ଟି ରହିଛି । ନାସାର ଏହି ଯାନ, ସେହି ଉଲ୍‌କାପିଣ୍ଡରୁ ୧୬୫୦ ଫୁଟ ଚଉଡ଼ାର ଏକ ନମୁନା ପୃଥିବୀକୁ ପଠାଇଛି। ଏହାର ସମସ୍ତ ପରୀକ୍ଷା ପରେ ପ୍ରଥମ ରିପୋର୍ଟ ପ୍ରକାଶ କରିଛି ନାସା।

ନାସାର ଜଣେ ବୈଜ୍ଞାନିକ କହିଛନ୍ତି, ଏହି ଉଲ୍‌କାପିଣ୍ଡରୁ ଯେଉଁ ନମୁନା ମିଳିଛି, ସେଥିରୁ ସ୍ପଷ୍ଟ ଜଣାପଡ଼ିଛି ପୃଥିବୀରେ ମଣିଷ ବଞ୍ଚିବା ପାଇଁ ଯେଉଁ ସବୁ ଜିନିଷର ଆବଶ୍ୟକତା ଅଛି, ସେ ସବୁର କିଛି ଅଂଶ ସେହି ବେନୁ ଉଲ୍‌କାପିଣ୍ଡରେ ଅଛି।

ତେବେ ଗବେଷଣାରୁ ଜଣା ପଡିଛି, ୧୫୯ ବର୍ଷ ପରେ ଅର୍ଥାତ ୨୪ ସେପ୍ଟେମ୍ବର ୨୧୮୨ରେ ଏହା ପୃଥିବୀ ସହ ଧକ୍କା ହେବାର ସମ୍ଭାବନା



ରହିଛି। ୨୨ଟା ପରମାଣୁ ବୋମା ଫାଟିଲେ ଯେପରି ବିସ୍ଫୋରଣ ହେବ ଏହା ସେତିକି ଜୋରରେ ଧକ୍କା ହେବ ବୋଲି ଗବେଷଣାରୁ ଜଣାପଡିଛି। ଏହା ଆମେରିକାର ପ୍ରଥମ ମିଶନ ଅଟେ । ଉଲ୍‌କାପିଣ୍ଡରେ ଥିବା ନମୁନା ଖୋଜିବା ପାଇଁ ଏହାକୁ ପଠାଯାଇଥିଲା। ନାସାର ରିପୋର୍ଟ ଅନୁଯାୟୀ, ଯେଉଁ ଉଲ୍‌କାପିଣ୍ଡର ଧକ୍କା ଦ୍ୱାରା ପୃଥିବୀରୁ ଡାଏନାସୋର ଲୋପ ପାଇଯାଇଥିଲା, ଏହା ତା'ଠାରୁ ମାତ୍ର ୨୦ ଗୁଣ କମ୍ ଚଉଡା ଅଟେ। ତେଣୁ ଏହା ଯେଉଁ ସ୍ଥାନରେ ଧକ୍କା ହେବ, ସେହି ସ୍ଥାନରୁ ପାଖାପାଖି ୧୦୦୦ କିଲୋମିଟର ଯାଏଁ ସବୁ ନଷ୍ଟ ହୋଇଯିବ ଏବଂ ଯଦି ସମୁଦ୍ରରେ ଧକ୍କା ହୁଏ ତେବେ ଖୁବ୍ ଜୋରରେ ସୁନାମୀ ଆସିବାର ସମ୍ଭାବନା ଅଛି। ଯେହେତୁ ଏହି ଉଲ୍‌କାପିଣ୍ଡରେ ମଣିଷର ସତ୍ତା ରହିବା ପାଇଁ ଅନେକ ଜିନିଷ ସମାନ ଅଛି, ତେଣୁ ସେଥିରୁ ଜଣାପଡିଛି ବୋଧହୁଏ ମଣିଷର ସତ୍ତା ମଧ୍ୟ ଉଲ୍‌କାପିଣ୍ଡରୁ ହିଁ ଆସିଛି। ଯଦି ଏପରି ହୋଇଥାଏ, ତେବେ ମଣିଷ କ'ଣ ଏଲିୟନ ବୋଲି ବୈଜ୍ଞାନିକମାନେ ମଧ୍ୟ ସନ୍ଦେହରେ ଅଛନ୍ତି।

## ପ୍ରକାଶ ପାଇବାକୁ ଯାଉଛି...

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ଫେବୃୟାରୀ ସଂଖ୍ୟା-୨୦୨୫




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି।
**ସମକାଳର କଥା :** ଜାନକୀ ବଲ୍ଲଭ ମହାପାତ୍ର, ପ୍ରଫୁଲ୍ଲ ବାରିକ, ନମିତା ଦାଶ, ଲଳିତ ମୋହନ ମିଶ୍ର, ବିଦ୍ୟାଧର ପଣ୍ଡା, ଶର୍ମିଷ୍ଠା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ପ୍ରିୟାଙ୍ଗୀ ବିଶ୍ୱାଳ, ଅକ୍ଷୟ କୁମାର ମିଶ୍ର, କବିତା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)